


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୨୧ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 21 JULY 2022
Vol.No. 35 ■ No. 189 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







# ପ୍ରଚଣ୍ଡ ଖରା ଓ ଅସହ୍ୟ ଗରମରେ ଜଳୁଛି ୟୁରୋପ



ନୂଆଦିଲ୍ଲୀ, ୨୦/୦୭ : ଜଳୁଛି ଜଙ୍ଗଲ, ମରୁଛନ୍ତି ଲୋକ, ତରଳିଲାଣି ପିଚୁ ରାସ୍ତା । ଗଛଲତା ସବୁ କିଛି ଜଳି ପାଉଁଶ ହେଉଛି । ତାପମାତ୍ରା ଏତେ ମାତ୍ରାରେ ବୃଦ୍ଧି ପାଉଛି କି ବିମାନଠୁ ନେଇ ଟ୍ରେନ ଗଡିବା ମୁସ୍କିଲ ହୋଇପଡିଛି । ତେବେ ଏହା କୌଣସି ଅଗ୍ନିକାଣ୍ଡ ପ୍ରଭାବରେ ନୁହେଁ ବରଂ ଅସହ୍ୟ ତାତି ଯୋଗୁଁ ଘଟୁଛି । ସମଗ୍ର ୟୁରୋପରେ ବର୍ତ୍ତମାନ ହାହାକାର ସ୍ଥିତି ଉପୁଜିଛି । ସବୁଠୁ ଭୟଙ୍କର ସ୍ଥିତି ଭିତରେ ରହିଛି ବ୍ରିଟେନ । ବ୍ରିଟେନରେ ସବୁ ପିଛିଲା ରେକର୍ଡ ଭାଙ୍ଗିଛି ପାରଦ । ପ୍ରଥମ ଥର ସର୍ବାଧିକ ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ୍ ହୋଇଛି । ପ୍ରତି ତିନି ବର୍ଷରେ ଥରେ ଏହିଭଳି ଅସହ୍ୟ ଗ୍ରୀଷ୍ମ ଲହରରେ ବ୍ରିଟେନ୍ ଭାଜି ହେବ ବୋଲି ପାଣିପାଗ ବିଭାଗ ଆଶଙ୍କା କରିଛି । ୨୦୧୯ ଜୁଲାଇରେ ସର୍ବାଧିକ ତାପମାତ୍ରା ୩୮.୭ ଡିଗ୍ରୀ ହୋଇଥିଲା । ୟୁରୋପରେ ଜାରି ରହିଥିବା ଗ୍ରୀଷ୍ମ ଲହର ଏବେ ଉତ୍ତରମୁହାଁ ହେଉଥିବା ଜଣାପଡ଼ିଛି । ସେପଟେ ଫ୍ରାନ୍ସ, ନେଦରଲାଣ୍ଡ, ପର୍ତ୍ତୁଗାଲ, ସ୍ପେନ୍, ଗ୍ରୀସ୍ ଭଳି ୟୁରୋପୀୟ ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପର୍ତ୍ତୁଗାଲରେ ପାରା ୪୭ ଡିଗ୍ରୀ ପାର କରିଯାଇଛି । ଫ୍ରାନ୍ସରେ ଏପର୍ଯ୍ୟନ୍ତ ୩୦ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଛି । ଫ୍ରାନ୍ସର ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଗିରୋଣ୍ଡୋ ସର୍ବାଧିକ ପ୍ରଭାବିତ ହୋଇଛି । ହିଥ୍ରୋରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ପର୍ତ୍ତୁଗାଲରେ ପାରା ୪୭ଡିଗ୍ରୀ ଟପିଛି । ଲଣ୍ଡନରେ ୪୨.୦୫ ଡିଗ୍ରୀ ▶▶ପୃଷ୍ଠା ୭

## ବିଜେବି କଲେଜରେ ପୁଣି ରାଗିଂ ଅଭିଯୋଗ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ଭୁବନେଶ୍ୱର ବିଜେବି କଲେଜରେ ପୁଣି ରାଗିଂ ଅଭିଯୋଗ ଆସିଛି। +୨ ଦ୍ୱିତୀୟ ବର୍ଷ କଳା ବିଭାଗର ଜଣେ ଛାତ୍ରଙ୍କୁ ଏକାଧିକ ସିନିୟର୍ ନିର୍ଯାତନା ଦେବା ସହ ପିଟିଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ବଡ଼ଗଡ଼ ଥାନାରେ ସମ୍ପୃକ୍ତ ଛାତ୍ର ଓ ଅଭିଭାବକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ନେଇ କଲେଜ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ନିକଟରେ ବିଜେବି କଲେଜର ଯୁକ୍ତ ୩ ଛାତ୍ରୀ ରୁଚିକା ମହାନ୍ତି ରାଗିଂ ଯୋଗୁଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ଆଜି ଇଡି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ସୋନିଆ ଗାନ୍ଧିଙ୍କୁ ଇଡିର ଦ୍ୱିତୀୟ ସମନର ପ୍ରତିବାଦରେ ଆସନ୍ତାକାଲି (ଗୁରୁବାର) ଇଡି ଅଫିସ ଘେରାଉ କରିବ କଂଗ୍ରେସ। ୨୧ ତାରିଖରେ କଂଗ୍ରେସ କାର୍ଯ୍ୟକର୍ତା ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ଇଡି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ। ସେହିପରି ୨୨ରେ ସବୁ ଜିଲ୍ଲା ମୁଖ୍ୟାଳୟରେ ପ୍ରତିକାତ୍ମକ ପ୍ରତିବାଦ କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ରାନିଲ ବିକ୍ରମସିଂଘେ ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୦/୦୭ : ହତାଶ, ଅନ୍ଧାର ଭିତରେ ବୁଡି ରହିଥିବା ଶ୍ରୀଲଙ୍କାକୁ ମିଳିଛି ଆଶାର ଆଲୋକ । ରାଜନୈତିକ ସଙ୍କଟ ଓ ଆର୍ଥିକ ସମସ୍ୟା ଭିତରେ ଦେଶ ପାଇଛି ନୂଆ ରାଷ୍ଟ୍ରପତି । ମଙ୍ଗଳବାର ଦେଶର ନବମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି ରାନିଲ ବିକ୍ରମସିଂଘେ । ପୋଷ୍ଟାଲ ବାଲାଟରେ ହୋଇଥିବା ଭୋଟିଂରେ ରାନିଲଙ୍କ ସପକ୍ଷରେ ୧୩୪ ଜଣ ସାଂସଦ ମତଦାନ କରିଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦୀ ଦୁଲ୍ଲାସ ଅଲ୍ଲାପେରୁମା ୮୨ ଭୋଟ୍ ପାଇଥିବା ବେଳେ ଅନୁରା କୁମାରା ଦିସାନାୟକେ ମାତ୍ର ୩ ଖଣ୍ଡ ଭୋଟ୍ ପାଇଛନ୍ତି । ଏଥର ରାଷ୍ଟ୍ରପତି ଦୌଡ଼ରେ କାମଚଳା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେଙ୍କ ବ୍ୟତୀତ ଦୁଲ୍ଲାସ ଅଲ୍ଲାପେରୁମା ଓ ଅନୁରା କୁମାରା ଦିସାନାୟକେ ମଇଦାନରେ ଥିଲେ । ବହୁମତ ପାଇଁ ୨୨୫ ସାଂସଦଙ୍କ ମଧ୍ୟରୁ ୧୧୩ ଜଣଙ୍କର ସମର୍ଥନ ଆବଶ୍ୟକ ଥିଲା । ରାନିଲ ୧୩୪ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ନୂଆ ରାଷ୍ଟ୍ରପତି ନିର୍ବାଚନ ▶▶ପୃଷ୍ଠା ୭

# ଆଜି ରାଷ୍ଟ୍ରପତି ନିର୍ବାଚନ ଫଳାଫଳ

ନୂଆଦିଲ୍ଲୀ, ୨୦/୦୭ : ଦେଶର ପରବର୍ତ୍ତୀ ରାଷ୍ଟ୍ରପତି କିଏ ହେବେ? ଏନଡିଏ ପ୍ରାର୍ଥୀ ତଥା ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ନା ବିରୋଧୀ ମେଣ୍ଟର ଯଶୱନ୍ତ ସିହ୍ନା? ଏହାର ଫୈସଲା ଆସନ୍ତାକାଲି ସାମ୍ନାକୁ ଆସିବ। କାରଣ ଆସନ୍ତକାଲି ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ପ୍ରକାଶ ପାଇବ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତ ଶେଷ ହୋଇଛି। ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟିଂ ହୋଇଥିଲା। ଗୁରୁବାର ଦିନ ୧୧ଟାରୁ ଗଣତି ଆରମ୍ଭ ହେବା ସହ ଫଳାଫଳ ପ୍ରକାଶ ପାଇବ। ତେବେ ଆସନ୍ତୁ ଜାଣିବା ରାଷ୍ଟ୍ରପତି ନିର୍ବାଚନରେ ଭୋଟ କେମିତି ଗଣତି ହୁଏ? ପ୍ରଥମେ ରିଟର୍ଣ୍ଣିଂ ଅଫିସର ବାଲଟ ପେପରକୁ ଶର୍ଟଲିଷ୍ଟ କରିବେ ଓ ଭଲ ଭାବେ ଯାଞ୍ଚ କରିବେ। ସାଂସଦମାନେ ସେମାନଙ୍କ ପ୍ରଥମ ପସନ୍ଦ ପ୍ରାର୍ଥୀଙ୍କୁ ଗ୍ରୀନ ପେନ୍ ଦ୍ୱାରା ଚୟନ କରିଥିବା ବେଳେ ବିଧାୟକମାନେ ପିଙ୍କ ପେନ୍ ?ରେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ସଂସଦର ଭୋଟ ଗଣତି ରୁମରେ ଦୁଇଟି ଟ୍ରେ ରହିବ। ଗୋଟିଏ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଆଉ ଗୋଟିଏ ଯଶୱନ୍ତ ସିହ୍ନାଙ୍କ ପାଇଁ। ପ୍ରଥମେ ବିଧାୟକମାନଙ୍କ ବାଲଟ ପେପର ଶର୍ଟଲିଷ୍ଟ ହେବ। ଏହାପରେ ସାଂସଦଙ୍କ ବାଲଟ ପେପର ଏକାଠି କରାଯିବ। ଯେଉଁ ବାଲଟ ପେପରରେ ମୁର୍ମୁଙ୍କ ନାଁ ରହିଥିବ ସେଗୁଡ଼ିକ ତାଙ୍କ ଟ୍ରେରେ ଓ ଯଶବନ୍ତ ସିହ୍ନାଙ୍କ ନାଁ ଥିବା ପେପର ଗୁଡ଼ିକୁ ତାଙ୍କ ଟ୍ରେରେ ରଖାଯିବ। ପ୍ରତି ସାଂସଦଙ୍କ ଭୋଟର ମୂଲ୍ୟ ୭୦୦

## ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୦/୦୭ (ନି.ପ୍ର): ମୌସୁମୀ ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଂଜ, ସୁନ୍ଦରଗଡ଼, ଗଂଜାମ, ପୁରୀ, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ସହ ପ୍ରବଳ ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହାକୁ ଦୃଷ୍ଟିରେ ରଖି ଏହି ୭ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୨୧ ରୁ ୨୨ ତାରିଖ ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବରଗଡ, ସୋନପୁର, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ବୌଦ୍ଧ, କନ୍ଧମାଳ, ନୟାଗଡ ଓ ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେଇଛନ୍ତି ୨ କଂଗ୍ରେସ ବିଧାୟକ



ଭୁବନେଶ୍ୱର,୨୦/୦୭ (ନି.ପ୍ର): ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିଛନ୍ତି ଓଡିଶାର ୨ ଜଣ କଂଗ୍ରେସ ବିଧାୟକ । କେବଳ ମହମ୍ମଦ ମୋକିମ୍ ନୁହଁନ୍ତି, ତାଙ୍କ ସହିତ ଆଉ ଜଣେ କଂଗ୍ରେସ ବିଧାୟକ ମଧ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେଇଥିବା କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ । ସେ କହିଛନ୍ତି, ରାଷ୍ଟ୍ରପତି ନିର୍ବାଚନରେ ମାଟିର ଝିଅକୁ ସମସ୍ତେ ସମର୍ଥନ କଲେ। କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ ମଧ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଜଣାଇଲେ। ତାଙ୍କ ଦଳର ଆଉ ଜଣେ ବିଧାୟକ ମଧ ଦ୍ରୌପଦୀଙ୍କୁ ଭୋଟ୍ ଦେଇଛନ୍ତି। ଯାହାକି ଆସନ୍ତାକାଲି ସ୍ପଷ୍ଟ ହୋଇଯିବ ବୋଲି ମୋହନ ମାଝୀ କହିଛନ୍ତି। ଅପରପକ୍ଷରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଆମ ଦଳର ବିଧାୟକ ଯିଏକି ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଲେ ସେ ମର୍ଦ୍ଦପିଲା ଭଳି କହିଲେ। କିନ୍ତୁ ଗଣତନ୍ତ୍ର ସୁରକ୍ଷା ପାଇଁ ବିଜେପିର ଦୁଇରୁ ତିନି ଜଣ ବିଧାୟକ ମିଳିତ ବିରୋଧି ପ୍ରାର୍ଥୀ ଯଶୋବନ୍ତ ସିହ୍ନାଙ୍କୁ ଭୋଟ ଦେଇଛନ୍ତି। ଆମର ଯିଏ ଭୋଟ ଦେଇଛନ୍ତି, ସେ ଖୋଲା ଖୋଲି କହିଛନ୍ତି। ▶▶ପୃଷ୍ଠା ୭

## ଗୋଟିଏ ଶିକ୍ଷକରେ ସ୍କୁଲ ଚାଲିଥିବାକୁ ନେଇ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ରାଜ୍ୟରେ ହାଇସ୍କୁଲ ଗୁଡିକରେ ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ କରାଯାଇଥିଲେ ସୁଦ୍ଧା ପ୍ରାଥମିକ ସ୍କୁଲ ଗୁଡିକରେ ଅନେକ ସ୍ଥାନରେ ଖୁବ କମ ଶିକ୍ଷକ ଅଛନ୍ତି। ସରକାର ଶିକ୍ଷା ବ୍ୟବସ୍ଥାକୁ ସଜାଡିବାକୁ ବିଭିନ୍ନ ଭଲ ପଦକ୍ଷେପ ନେଉଥିଲେ ସୁଦ୍ଧା ଯଦି ସ୍କୁଲରେ ଶିକ୍ଷକ ନ ଥିବେ ତାହାର କ୍ରିୟାନ୍ୱୟନ ସମ୍ଭବ ନୁହେଁ । ତେଣୁ ଏପରି ସ୍କୁଲ ମାନଙ୍କରେ ଯଥା ଶୀଘ୍ର ଆବଶ୍ୟକତା ଅନୁସାରେ ଯଥା ଶୀଘ୍ର ଶିକ୍ଷକ ନିଯୁକ୍ତି କରିବାକୁ ବିଧାନସଭାରେ ଦାବି ହୋଇଛି । ଆଜି ପ୍ରଶ୍ନକାଳରେ ବିଧାୟକ ସୁଧୀର ସାମଲ ଏହି ପ୍ରଶ୍ନ ଉଠାଇ କହିଥିଲେ ଯେ କେବଳ ଢେଂକାନାଳ ଜିଲ୍ଲାରେ ୪୧ଟି ସ୍କୁଲ ଏପରି ରହିଛି ଯାହା କେବଳ ଗୋଟିଏ ଶିକ୍ଷକ ଦ୍ୱାରା ଚାଲିଛି । ଏହି ସ୍କୁଲ ଗୁଡିକରେ କେବେ ସୁଦ୍ଧା ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ନିଯୁକ୍ତି ହେବେ ସେ ନେଇ ସେ ପ୍ରଶ୍ନ କରିଥିଲେ । ଏହାର ଉତରରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ କହିଥିଲେ ଯେ ଢେଙ୍କାନାଳ ଜିଲ୍ଲାରେ କରୋନା କାରଣରୁ ଏପରି ସ୍ଥିତି ଉପୁଜିଛି । ଖୁବ ଶୀଘ୍ର ଶିକ୍ଷକ ମାନଙ୍କ ରେସନାଲାଇଜେସନ କାର୍ଯ୍ୟକ୍ରମ ହାତକୁ ନିଆ ଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।

### ଫକୀରମୋହନ ସାହିତ୍ୟ ପରିଷଦ ନିର୍ବାଚନ ମାମଲା

# ସିନିୟର ସିଭିଲ ଜଜ୍ ବାଲେଶ୍ୱରଙ୍କ ଠାରେ ବିଚାର ପାଇଁ ହେଲା ଗ୍ରହଣୀୟ : ପ୍ରତିପକ୍ଷଙ୍କୁ ଜବାବ୍ ପାଇଁ ହେଲା ନୋଟିସ୍

ବାଲେଶ୍ୱର,୨୦/୦୭ (ନି.ପ୍ର): ଓଡ଼ିଶାର ଅନ୍ୟତମ ପୁରାତନ ୭୫ବର୍ଷର ସାହିତ୍ୟ ଅନୁଷ୍ଠାନ 'ଫକୀରମୋହନ ସାହିତ୍ୟ ପରିଷଦ' ବାଲେଶ୍ୱରର କର୍ମକର୍ତ୍ତା ନିର୍ବାଚନ ପର ଠାରୁ ପରିଷଦ କୋର୍ଟ କଚେରି ମାମଲରେ ଛନ୍ଦି ହୋଇପଡ଼ିଥିଲା ବେଳେ ପରିଶେଷରେ ସେହି ମାମଲା ସିନିୟର ସିଭିଲ ଜଜ୍ ବାଲେଶ୍ୱରଙ୍କ କୋର୍ଟରେ ବିଚାର ପାଇଁ ଗ୍ରହଣୀୟ ହୋଇଛି । କୋର୍ଟ ପକ୍ଷରୁ ନୂତନ ନିର୍ବାଚିତ ୭ଜଣ କର୍ମକର୍ତ୍ତାଙ୍କ ସମେତ ୧୨ଜଣ କାର୍ଯ୍ୟକାରୀ କମିଟିର ମନୋନୀତ ସଦସ୍ୟଙ୍କୁ ବ୍ୟକ୍ତିଗତ ନୋଟିସ୍ ପ୍ରେରଣ କରାଯାଇ ଜବାବ୍ ଦାଖଲ ପାଇଁ ଆସନ୍ତା ଅଗଷ୍ଟ ୬ ତାରିଖକୁ ଧାର୍ଯ୍ୟ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ନଭେମ୍ବର ୭ ତାରିଖରେ ଫକୀରମୋହନ ସାହିତ୍ୟ ପରିଷଦର ସାଧାରଣ ପରିଷଦ ବୈଠକ ବସି ତିନିବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା ବେଳେ ଏହି ନିର୍ବାଚନରେ ଲିଖିତ ସମ୍ବିଧାନର ଧାରା ୧୦(କ)କୁ ଉଲ୍ଲଙ୍ଘନ କରି ପରମ୍ପରା ଭିତ୍ତିରେ କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କୁ ମନୋନୀତ କରାଯିବା ଘଟଣାରେ ପ୍ରତିଦ୍ୱନ୍ଦିତା କରୁଥିବା କବି କାଳୀପଦ ପଣ୍ଡା ଓ ତାଙ୍କର ସହଯୋଗୀ ପ୍ରତିବାଦ ଜଣାଇଥିଲେ ମଧ ତାହାକୁ ସେତେବେଳର ନିର୍ବାଚନ ଅଧିକାରୀ ଥିବା ହରିଶ୍ଚନ୍ଦ୍ର ବେହେରା କର୍ଣ୍ଣପାତ ନ କରିବାରୁ ଏବଂ ନିଜେ ନିର୍ବାଚନ ଅଧିକାରୀ ଶ୍ରୀ ବେହେରା ନୂତନ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ନିଜ ନାମକୁ ଘୋଷଣା କରିବା ଫଳରେ ଘଟଣା ନ୍ୟାୟାଳୟକୁ ଯାଇଥିଲା । ▶▶ପୃଷ୍ଠା ୭

# ଉନ୍ମୋଚିତ ହେଲା ସାହିତ୍ୟ ପତ୍ରିକା ସାଗରିକା

## ଜହ୍ନ ଦିଶୁଥିଲା ବେଳେ ମାଟି ନ ଦିଶିବା ସାହିତ୍ୟ ଜଗତ ପାଇଁ ଶୁଭଙ୍କର ନୁହେଁ




ବାଲେଶ୍ୱର, ୨୦।୦୭(ନି.ପ୍ର): ଓଡ଼ିଶାର ଅନ୍ୟତମ ପୁରାତନ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ସାଗରିକା'ର ଜୁଲାଇ-ସେପ୍ଟେମ୍ବର ସଂଖ୍ୟା ଆଜି ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି । ପତ୍ରିକାର ସମ୍ପାଦିକା କବି ସୈରିନ୍ଧ୍ରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ନିରାଡମ୍ବର ଉନ୍ମୋଚନ ସଭାରେ ଅତିଥିମାନେ ଯୋଗଦେଇ ପତ୍ରିକାର ସମ୍ପାଦକୀୟରେ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ ଜଗତରେ ଘଟୁଥିବା ବିଘଟନକୁ 'ସାହିତ୍ୟର ଗତି କୁଆଡ଼େ?' ଶୀର୍ଷକରେ ସମ୍ପାଦିକା ଖୁବ୍ ସାହସିକତାର ସହ ପ୍ରକାଶ କରିବା ଭିତରେ ଏକ ସମୟଉପଯୋଗୀ ଆହ୍ୱାନ ଦେଇଛନ୍ତି, ଯାହା ଅତ୍ୟନ୍ତ ପ୍ରାସଙ୍ଗିକପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କ ମତରେ 'ଜହ୍ନ ଦିଶୁଥିଲା ବେଳେ ମାଟି ଦିଶୁନଥିବା ସାହିତ୍ୟ ଜଗତ ପାଇଁ ଶୁଭଙ୍କର ନୁହେଁ' ବକ୍ତବ୍ୟଟି ଖୁବ୍ ଉପାଦେୟ ଓ ଚିନ୍ତାଦ୍ୟୋତକ । ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା, ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ, ଭାଷା ସୁରକ୍ଷା ସମ୍ମିଳନୀର ବାଲେଶ୍ୱର ଶାଖା ସଭାପତି ଡ.ରାଧାରଂଜନ ପଟ୍ଟନାୟକ, ବହିଘରର ପ୍ରତିଷ୍ଠାତା କବି ଅଭୟ ଦାସ, ଅଭିନନ୍ଦନର ସମ୍ପାଦକ ଗାଳ୍ପିକ ଇଂ.ଜଗଦୀଶ ମିଶ୍ର, ସମାଜର ଡେସ୍କ ପରିଚାଳକ ଶଶିରଞ୍ଜନ ମଲ୍ଲିକ, ସମାଜସେବୀ ଆଡଭୋକେଟ୍ ବେଣୁଧର ରାଉଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାହିତ୍ୟର ଗତି ଓ ପ୍ରଗତି ସମ୍ପର୍କରେ ନିଜର ମତ ରଖିବା ସହ ଦୀର୍ଘ ବର୍ଷ ଧରି ପ୍ରକାଶିତ ହୋଇ ଆସୁଥିବା ସାଗରିକାର ନିରନ୍ତର ଜୟଯାତ୍ରାର ଭୂୟସୀ ପ୍ରଶଂସା କରିବା ସହ ସାଗରିକା ଓଡ଼ିଶାର ଉଭୟ ବରିଷ୍ଠ ଓ ନବୀନଙ୍କ ଲେଖାକୁ ନିଜ ପୃଷ୍ଠାରେ ସ୍ଥାନିତ କରି ଓଡ଼ିଆ ସାହିତ୍ୟ ଜଗତରେ ନିରନ୍ତର ଯୋଗଦାନ ରଖି ଆସୁଥିବାରୁ ଏହା ବାଲେଶ୍ୱର ମାଟିର ଗର୍ବ ଓ ଗୌରବ ବୋଲି କହିବା ସହ ଏହାର ଅଧିକ ଶ୍ରୀବୃଦ୍ଧି କାମନା କରିଥିଲେ । ସାଗରିକାର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରକାଶକ ବିଶିଷ୍ଟ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ପ୍ରାକ୍‌କଥନ ରଖିବା ସହ ସାଗରିକାର ପ୍ରତିଷ୍ଠାଠାରୁ ଦୀର୍ଘ ଚାଳିଶ ବର୍ଷରେ ତାଙ୍କ ତିକ୍ତ ମଧୁର ଅନୁଭୂତିକୁ ବର୍ଣ୍ଣନା କରିଥିଲେ ।

# ଯୋଗୀଙ୍କ କ୍ୟାବିନେଟରେ ଫାଟ : ଜଣେ ଦେଲେ ଇସ୍ତଫା, ଦିଲ୍ଲୀରେ ଆଉ ଜଣେ



ଲକ୍ଷ୍ନୌ, ୨୦/୦୭ (ନି.ପ୍ର): ପୂର୍ଣ୍ଣବହୁମତ ସହ ଉତ୍ତରପ୍ରଦେଶରେ ସରକାର ଗଠନ କରିଥିବା ଯୋଗୀ ଆଦିତ୍ୟନାଥ ସରକାରରେ କମ୍ପନ ଦେଖିବାକୁ ମିଳିଛି। ଯୋଗୀଙ୍କ କ୍ୟାବିନେଟରେ ପାତରଅନ୍ତର କରାଯାଉଥିବା ଅଭିଯୋଗ କରି ଜଣେ ମନ୍ତ୍ରୀ ଆଜି ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଇଥିବା ମନ୍ତ୍ରୀ ଦୀନେଶ ଖାଟିକ ଦଳିତ ହୋଇଥିବାରୁ ତାଙ୍କୁ ଯୋଗୀ ସରକାରରେ ଅଣଦେଖା କରୁଯାଉଥିବା ସେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ନିଜର ଇସ୍ତଫାପତ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେହିପରି ଆଉ ଜଣେ ମନ୍ତ୍ରୀ ଜିତିନ ପ୍ରସାଦ ମଧ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ଉପରେ ଖପ୍ପା ହୋଇଛନ୍ତି। ସେ ଯୋଗୀଙ୍କ ସହ କୌଣସି ପ୍ରକାରର ଆଲୋଚନା ନ କରି ଦିଲ୍ଲୀ ଚାଲି ଯାଇଛନ୍ତି। ସେଠାରେ ସେ ବିଜେପିର ନେତୃବୃନ୍ଦଙ୍କ ସହ ଆଲୋଚନା ମଧ କରିଛନ୍ତି। ତେବେ ପ୍ରଥମଥର ପାଇଁ କୌଣସି ବିଜେପି ଶାସିତ ରାଜ୍ୟରେ ଦଳୀୟ ନେତାଙ୍କ ଏପରି ବିଦ୍ରୋହ ସମସ୍ତଙ୍କୁ ଚକିତ କରିଛି। ଇସ୍ତଫା ଦେଇଥିବା ୟୁପିର ଜଳ ସମ୍ପଦ ମନ୍ତ୍ରୀ ଦୀନେଶ ତାଙ୍କ ଚିଠିରେ ଦାବି କରିଛନ୍ତି ଯେ "୧୦୦ ଦିନ ହେଲା ମୋତେ କୌଣସି କାମ ଦିଆଯାଇନି। ମୁଁ ଆଘାତ ପାଇଛି। ମୋତେ କଷ୍ଟ ହେଉଛି। ତେଣୁ ମୁଁ ଇସ୍ତଫା ଦେଉଛି। ମୁଁ ଜଣେ ଦଳିତ ହୋଇଥିବାରୁ ମୋତେ ଗୁରୁତ୍ୱ ଦିଆଯାଉନି। ଜଣେ ମନ୍ତ୍ରୀ ହିସାବରେ ମୋର କୌଣସି କ୍ଷମତା ନାହିଁ। ମନ୍ତ୍ରୀ ଭାବେ ମୋର କାମ କରିବା କେବଳ ଦଳିତ ସଂପ୍ରଦାୟର ସମୟ ନଷ୍ଟ ସହ ସମାନ। ମୋତେ କୌଣସି ବୈଠକକୁ ଡକାଯାଉନି କିମ୍ବା ମୋ ବିଭାଗ ସମ୍ପର୍କରେ ମୋତେ କିଛି ବି କୁହାଯାଉନି। ଏହା ଦଳିତ ସଂପ୍ରଦାୟ ପ୍ରତି ଅପମାନ।" ସେ ଇସ୍ତଫାପତ୍ର ପଠାଇଥିଲେ ମଧ ଏହାକୁ ଗ୍ରହଣ କରାଯାଇନି। ଦଳର ବରିଷ୍ଠ ନେତା ତାଙ୍କ ସହ ଏ ସମ୍ପର୍କରେ କଥାବାର୍ତ୍ତା ଚଳାଇଥିବା ମଧ ଜଣାପଡ଼ିଛି। ଅନ୍ୟପକ୍ଷରେ ମନ୍ତ୍ରୀ ଜିତିନ ପ୍ରସାଦଙ୍କ ଟିମରେ ଥିବା ଜଣେ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଲମ୍ବିତ କରିଥିବାରୁ ସେ ଖପ୍ପା ହୋଇଛନ୍ତି। ଗତବର୍ଷ ଜିତିନ ପ୍ରସାଦ କଂଗ୍ରେସ ଛାଡ଼ି ବିଜେପିରେ ▶▶ପୃଷ୍ଠା ୭

# ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ନୂଆପଡ଼ା,୨୦/୦୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପଂଚମ ବ୍ୟାଚ୍ ର ଦକ୍ଷତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ କୁମାର ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ରୂପାନ୍ତରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଛନ୍ତି । ଏହି ଉଦଘାଟନୀ ସମାରୋହରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନକୁଳ ଶବର ଅଧକ୍ଷତା କରିଥିବା ବେଳେ ସାଧନକର୍ମୀ ଭାବରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ନୂଆପଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉକ୍‌ଳମଣି ଅଗସ୍ତି, ନିଖିଳ ଓଝା ଓ ଧର୍ମେନ୍ଦ୍ର କୁମାର ଦଣ୍ଡସେନା ମଂଚାସୀନ ଥିଲେ । ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ବିଦ୍ୟୁତ ପ୍ରଭା ସାହୁ, ଅଞ୍ଜଳି ମେହେର, ନିବେଦିତା ମେହେର ଓ ଲକ୍ଷ୍ମୀପ୍ରିୟା କର ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ବେଳେ ଶିକ୍ଷକ ଜୟଦେବ ବେହେରା ପ୍ରାରମ୍ଭରେ ଗଣେଶ ବନ୍ଦନା ଗାନ କରିଥିଲେ । ପ୍ରକାଶ ଥାଉକି, ପାଂଚ ଦିନ ବ୍ୟାପି ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ୪୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି । ବିଦ୍ୟାଳୟର ଶିକ୍ଷକ ସୁର ବିଜୟ କାନ୍ତ ତାଣ୍ଡି, ଗୌରୀ ଶଙ୍କର ଦୁବେ, ରତନ ସିଂ ବାରିକ, ପ୍ରଶାନ୍ତ କୁମାର ପଣ୍ଡା, ନୀଳିମା ରାଣୀ ସାଗର, ପ୍ରଭୁଦତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ଶ୍ୟାମ ନାରାୟଣ ମୁଣ୍ଡ, ସରସ୍ୱତୀ ରାଉତ, ମହମ୍ମଦ କଲାମ, ବୈଷ୍ଣବ ମେହେର, ସିମନ୍ତ କୁମାର ହେର୍ଣ୍ଡୀ, ହୋସ କୁମାର କଟା, ଦୁର୍ଯ୍ୟୋଧନ ସଗରିଆ, ଆଶିଷ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ନିମ୍ନମାନର ରାସ୍ତାକାମ ଅଭିଯୋଗ ପରେ ଠିକାଦାର ଚମ୍ପଟ୍

କନ୍ଧମାଳ,୨୦/୦୭ (ନି.ପ୍ର): ଯନ୍ତ୍ରୀ ଓ ଠିକାଦାର ମିଳିମିଶି ନିମ୍ନ ମାନର ତଥା ଉପର ଠାଉରିଆ ଭାବେ କାମ କରୁଥିଲେ ହେଲେ ଅଭିଯୋଗ ହେବାପରେ ଯନ୍ତ୍ରୀଙ୍କ ମୋବାଇଲ ସୁଇଚ ଅଫ ଦେଖାଉଥିବା ବେଳେ ଠିକାଦାର ଜଣକ ତରବରିଆ ଭାବେ କାମ ବନ୍ଦ କରି ଛୁ ମାରିଥିବା ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏଭଳି ଖବର ମିଳିଛି ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଅଂଚଳରୁ ।

ସୂଚନାଯୋଗ୍ୟ ଯେ, କୁମ୍ଭାରି ଗ୍ରାମପଂଚାୟତ ଅନ୍ତର୍ଗତ ସରାଗୁଡି ଛକ ଠାରୁ କାଟିଙ୍ଗିଆ ପଂଚାୟତର ଆଦିପାଙ୍ଗା ଯାଏ ରାସ୍ତା କାର୍ଯ୍ୟ ବାଲିଗୁଡା ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା କରାଯାଉଥିଲା । ସମ୍ପୃକ୍ତ ଅଂଚଳ ଏକ ମାଓ ଇଲାକା ତଥା ଦୁର୍ଗମ ଅଂଚଳ ଭାବେ ପରିଗଣିତ ହେଉଥିବାରୁ ବଡ ବଡ ବାବୁମାନଙ୍କ ପାଦ ପଡ଼େନି ଏଠାରେ । ଯାହାର ସୁଯୋଗ ନେଇ ଯନ୍ତ୍ରୀ ଓ ଠିକାଦାର ମିଶି ଉପର ଠାଉରିଆ ଭାବେ କିଛି କରି ସିଂହ ଭାଗ ଅର୍ଥ ଚଲୁ କରିବା ପାଇଁ ଯୋଜନା କରିଥିଲେ । ହେଲେ ଗୁଡିକିଆ, ଲନ୍ଦାଗୁଡି ଗ୍ରାମବାସୀ ଲଗାତାର ନିର୍ବାହୀ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିବା ପରେ କାଳେ ତଦନ୍ତ ହେବ ଆଉ ସବୁ ଗୁମର ଖୋଲିଯିବ ଭାବି ଯନ୍ତ୍ରୀଙ୍କ ଇଶାରାରେ ଠିକାଦାର ଚମ୍ପଟ ମାରିଥିବା ସାଧାରଣରେ ଆଲୋଚନା ହେଉଛି । ରାସ୍ତାକାମ ଏପରି ହୋଇଛି ଯେ, ଗୋଡ଼ ଘୋଷାରିଲେ ଗୋଡ଼ି ଉଠିଯାଉଛି, ହାତରେ ରାମ୍ପିଲେ ବି ଉଠିଯାଉଛି ରାସ୍ତାରୁ ଗୋଡ଼ି । ଦାରିଙ୍ଗବାଡିରେ ସହକାରୀ ଯନ୍ତ୍ରୀ କିମ୍ବା କନିଷ୍ଠ ଯନ୍ତ୍ରୀ ରହୁନାହାନ୍ତି । ବେଳେ ବେଳେ ଆସୁଛନ୍ତି ସେଥିପାଇଁ ଠିକାଦାର ମାନଙ୍କ ମନମାନି ଚାଲିଛି । ଅଭିଯୋଗ କଲେ ଶୁଣୁଛି କିଏ । ଦୁର୍ନିତୀ ନିବାରଣ ବିଭାଗ ମଧରାସ୍ତା କାମର ଭିତିରିଆ ତଦନ୍ତ ଆରମ୍ଭ କରିଥିବା ଶୁଣିବାକୁମିଳୁଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି କୁହାଯାଉଛି ।

## ଜୟପୁର ଏୟାରପୋର୍ଟରେ ସମୀକ୍ଷା କଲେ ଜିଲ୍ଲାପାଳ

ଜୟପୁର ,୨୦/୦୭ (ନି.ପ୍ର): କୋରାପୁଟ ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର ଜୟପୁର ଏୟାରପୋର୍ଟରେ ପହଂଚି ସମୀକ୍ଷା କରିଛନ୍ତି । ଜିଲାପାଳଙ୍କ ସହ ଏସପି ବରୁଣ ଗୁଣ୍ଡପାଲ୍ଲି, ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଉପ ଜିଲାପାଳ ବେଦ ବର ପ୍ରଧାନ, ଏସଡିପିଓ ଅରୁପ ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୨୨ ତାରିଖ ଜୟପୁର ଏୟାରପୋର୍ଟ ପରିଦର୍ଶନରେ ଆସୁଛନ୍ତି ଡିଜିସିଏର କେନ୍ଦ୍ରୀୟ ଟିମ ଆସୁଛନ୍ତି । ଏହି ଟିମ ସମୀକ୍ଷା କରିବା ପୁବରୁ ଜିଲା ପ୍ରଶାସନ ତରଫରୁ ସମସ୍ତ କାଯ୍ୟ ୨୧ ତାରିଖ ସୁଦ୍ଧା ଶେଷ ହେବ । ଇଣ୍ଡିଆ ଓାନ ଏୟାର ଜୟପୁର ଠାରୁ ବିମାନ ଚଳାଇବା ପାଇ ଉଡାନ ଯୋଜନାରେ ସିଲେକ୍ଟ ହୋଇସାରିଛି । ସେ ମାନଙ୍କର ବୁକିଂ କାଉଣ୍ଟର ଆଦି ହୋଇ ସାରିଲାଣି । ଜୟପୁର ଏୟାରପୋର୍ଟର ସମିକ୍ଷା କରିବା ପରେ ଡିଜିସିଏ ଲାଇସେନ୍ସ ଦେଲେ ଏଠାରୁ ବ୍ୟବସାୟିକ ବମାନ ଉଡିବ ବୋଲି ଜିଲାପାଳ ଆକ୍ତର ସୁଚନା ଦେଇଛନ୍ତି । ଭୁବନେଶ୍ୱର- ଜୟପୁର-ବିଶାଖାପାଟଣା, ଓ ବିଶାପାପାଟଣା-ଜୟପୁର-ଭୁବନେଶ୍ୱର ପ୍ରଥମ ପଯ୍ୟାୟରେ ଉଡିବ । ୯ ସିଟ ବିଶିଷ୍ଟ ବିମାନ ପ୍ରଥମେ ଉଡିବ । ପରବର୍ତ୍ତି ସମୟରେ ବଡ ବିମାନ ଉଡିବା ନେଇ ସୁଚନା ଦେଇଛନ୍ତି । ୯ ସିଟ ବିଶିଷ୍ଟ ବିମାନ ଉଡାଣ ପୁବରୁ ଭିତ୍ତି ଭୁମି ନେଇ ଜିଲା ପ୍ରଶାସନ ସମୀକ୍ଷା କରିଛନ୍ତି । ଏୟାରପୋର୍ଟରେ ସିସି ଟିଭି, ଏଚଏଚଏମଡି, ଡିଏଫଏମଡି, ଏକ୍ସରେ ବେଗ ମେସିନ, କାର ପାର୍କି, ଯାତ୍ରି ପ୍ରବେଶ ଓ ପ୍ରସ୍ଥାନ ପଥ, ବାଉଣ୍ଡି ଓାଲ ସହ ପେରିମିଟର ରୋଡ, ଲାଇଟ, ଟ୍ରାଫିକ କଣ୍ଟ୍ରୋଲ, ଗେଟ ଆଦି ସମୀକ୍ଷା କରିଥିଲେ ।

# ଜିଲ୍ଲାସ୍ତରୀୟ ଡେଙ୍ଗୁ ମାଲେରିଆ ପ୍ରତିକାର ଜନିତ ସଚେତନତା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କନ୍ଧମାଳ,୨୦/୦୭ (ନି.ପ୍ର): ଆଣ୍ଟି ଡେଙ୍ଗୁ ମାସ-୨୦୨୨ ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷତା କରି କନ୍ଧମାଳ ଜିଲ୍ଲାପାଳ ପାଟିଲ୍ ଆଶିଷ ଇଶ୍ୱର ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଡେଙ୍ଗୁ ରୋଗର ପ୍ରତିରୋଧ ଓ ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ । ଏଡିସ୍ ମଶା ଡିମ୍ୱ ଦେବା ସ୍ଥାନଗୁଡ଼ିକୁ ସଫା କରିବା ସହିତ ସହରର ଡ୍ରେନେଜ୍ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀମାନଙ୍କୁ ଆଦେଶ ଦେଇଥିଲେ । ଡ୍ରେନ୍ ଗୁଡ଼ିକରୁ ଅଳିଆ ଆବର୍ଜନା ପ୍ରତିଦିନ ସଫାକରିବା ସହିତ ବର୍ଷା ଜଳ ଜମି ରହୁଥିବା ସ୍ଥାନଗୁଡ଼ିକରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିଜ ନିଜ ବିଭାଗରେ ଥିବା ଘୋଡ଼ଣି ନଥିବା ପାଣି ଟାଙ୍କି ଗୁଡ଼ିକୁ ଏକ ସପ୍ତାହ ମଧ୍ୟରେ ସଫା କରାଇ ଘୋଡ଼ଣି ଲଗାଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପଞ୍ଚାୟତିରାଜ ବିଭାଗର ଅଧିକାରୀମାନଙ୍କୁ ଗ୍ରାମାଞ୍ଚଳ ପରିବେଶକୁ ଗାଁ କଲ୍ୟାଣ ସମିତି ଫଣ୍ଡ ସାହାଯ୍ୟରେ ସଫାରଖିବା, ଅବ୍ୟବହୃତ କୂଅ ଓ ଜଳ ସଂରକ୍ଷଣ ସ୍ଥାନଗୁଡ଼ିକୁ ଶୁଖାଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀମାନେ ଗର୍ଭବତୀ ମାଦ' ମାନଙ୍କୁ ମସାରି ବ୍ୟବହାର କରିବା ସହିତ ଘରର ଚାରି ପାଖ୍ୱର୍କୁ ପରିଷ୍କାର ରଖିବା ଓ ପାଣି ଜମିବାକୁ ନ ଦେବା ଯେପରିକି ଏଡିସ୍ ମଶା ଡିମ୍ୱ ଦେଇ ନ ପାରିବା ଭଳି ବ୍ୟବସ୍ଥା କରିବାକୁ ସଚେତନ କରିବା ନିହାତି ଜରୁରୀ ବୋଲି ଜିଲ୍ଲାପାଳ କହିଥିଲେ । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପ୍ରଭାକର ସାହୁ ଡେଙ୍ଗୁ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ବନ୍ଧରେ କେତେଗୁଡ଼ିଏ ତଥ୍ୟ ପ୍ରଦାନ କରିଥିଲେ । ସେ କହିଲେ, ଅଧିକାଂଶ କ୍ଷେତ୍ରରେ ଡେଙ୍ଗୁ ଜ୍ୱର ସାଧାରଣ ଜ୍ୱର ପରି ହୋଇଥିଲେହେଁ ବେଳେ ବେଳେ ଏହା ମାରାତ୍ମକ ହୋଇପାରେ । ସାନ ପିଲା ଓ ଗର୍ଭବତୀଙ୍କ କ୍ଷେତ୍ରରେ ରକ୍ତସ୍ରାବୀ ଡେଙ୍ଗୁ ଜ୍ୱର ଓ ଡେଙ୍ଗୁ ଦ'ସକ୍ ଦ' ଲକ୍ଷଣାବଳୀ ଅଧିକ ବିପଦପୂର୍ଣ୍ଣ ହୋଇଥାଏ । ଏଡିସ୍ ମଶା ଦିନବେଳା କାମୁଡ଼ି ଥାଏ । ଏହି ମଶା ଡେଙ୍ଗୁ ରୋଗୀକୁ କାମୁଡ଼ିବାର ଅଳ୍ପ ସମୟ ମଧ୍ୟରେ ସୁସ୍ଥ ଲୋକକୁ କାମୁଡ଼ିଲେ ଡେଙ୍ଗୁ ସଂକ୍ରମିତ ହୋଇପାରେ । ସେହିପରି ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଶ୍ରୀ କୁମୁଦ ଚନ୍ଦ୍ର ସାହୁ ପାଓ୍ୱାର ପଏଣ୍ଟ ମାଧ୍ୟମରେ ଡେଙ୍ଗୁ କ'ଣ ?, ତା'ର ସାଧାରଣ ଲକ୍ଷଣ ତଥା ବିପଦଜନକ ଲକ୍ଷଣ, ବଂଶ ବିସ୍ତାରର ମାଧ୍ୟମ, ରହିବା ସ୍ଥାନ, ରୋଗୀକୁ ଚିହ୍ନଟ କରିବା ପଦ୍ଧତି ଓ ଚିକିତ୍ସା, ରୋଗ ନ ହେବା ପାଇଁ ପଦକ୍ଷେପ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପଧ୍ୟାୟ କହିଲେଯେ, ଡେଙ୍ଗୁ ପ୍ରତିରୋଧ ପାଇଁ ଆମ ସମସ୍ତଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଆମ ସମସ୍ତଙ୍କର ସାଧୁ ଉଦ୍ୟମରେ ଏହି ମଶା ବଂଶ ବିସ୍ତାର କରିପାରିବ ନାହିଁ । ଫଳରେ ଡେଙ୍ଗୁ ଭୂତାଣୁ ସଂକ୍ରମିତ ହୋଇପାରିବ ନାହିଁ ଓ ଡେଙ୍ଗୁ ଜ୍ୱର ହେବ ନାହିଁ ଏବଂ ଆମ ପରିବେଶ ପରିଷ୍କାର ଓ ସୁନ୍ଦର ହୋଇଉଠିବ ବୋଲି ଡା. ଉପାଧ୍ୟାୟ କହିଥିଲେ ।

# ମାଲକାନଗିରି ବିଡିଓଙ୍କୁ ବଦଳି ପାଇଁ ସରପଞ୍ଚମାନଙ୍କ ଦାବି

ମାଲକାନଗିରି,୨୦/୦୭ (ନି.ପ୍ର): ମାଲକାନଗିରି ବିଡିଓ ଉନ୍ନୟନ କାର୍ଯ୍ୟରେ ବାଧକ ସାଜିଥିବାରୁ ତାଙ୍କୁ ତୁରନ୍ତ ବଦଳି କରିବା ପାଇଁ ୧୯ ଜଣ ସରପଞ୍ଚ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ମାଲକାନଗିରି ବ୍ଲକରେ ବିଡିଓ ଭାବେ ଅଜୟ କୁମାର ପ୍ରଧାନ ଦାୟିତ୍ୱ ନିର୍ବାହ କରି ଆସୁଥିବା ବେଳେ କାର୍ଯ୍ୟରେ ଯୋଗଦେଲା ଠାରୁ ସେ ବିବାଦିୟ ପରିସ୍ଥିତିରେ ରହି ଆସୁଛନ୍ତି । ତାଙ୍କର ମନମୁଖି କାର୍ଯ୍ୟକଳାପ ଯୋଗୁଁ ସେ ସର୍ବଦା ଚର୍ଚ୍ଚାରେ ରହି ଆସି ଛନ୍ତି । କେତେବେଳେ ତାଙ୍କର ତଳିଆ କର୍ମଚାରୀଙ୍କ ପ୍ରତି ଆକ୍ରୋଶ ମନଭାବ ଯୋଗୁଁ ହେଉ କିମ୍ବା ଠିକାଦାରଙ୍କ ବିଲ ପେମେଣ୍ଟରେ ବିଳମ୍ୱ ଯୋଗୁଁ ହେଉ ଅବା ପିସି କାରବାର ପାଇଁ ହେଉ ସବୁବେଳେ ସେ ଚର୍ଚ୍ଚିତ । ବର୍ତ୍ତମାନ ପୁଣି ଏକ ଚର୍ଚ୍ଚିତ ଚେହେରା ଲୋକ ଲୋଚନକୁ ଆସିଛି ଉନ୍ନୟନ କାର୍ଯ୍ୟରେ ପେମେଣ୍ଟରେ ପ୍ରତିବନ୍ଧକ ସାଜିବା,ଫଳରେ ସମସ୍ତ ସରପଞ୍ଚମାନଙ୍କ ଅସନ୍ତୋଷର କାରଣ ପାଲଟି ଯାଇଛନ୍ତି । ମାଲକାନଗିରି ବ୍ଲକର ୧୯ ଜଣ ନବନିର୍ବାଚିତ ସରପଞ୍ଚକମାନେ ଏକତ୍ରିତ ହୋଇ ବିଡିଓ ଅଜୟ କୁମାର ପ୍ରଧାନଙ୍କ ବିରୁଦ୍ଧରେ ତୁରନ୍ତ ବଦଳି ପାଇଁ ମାଲକାନଗିରି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି !ମାଲକାନଗିରି ବ୍ଲକର ସମସ୍ତ ପଞ୍ଚାୟତରେ ଅମୃତ ସରୋବର କାର୍ଯ୍ୟ ୧୫ତମ କେନ୍ଦ୍ର ଅର୍ଥ କମିଶନ ଏବଂ ୫ମ ରାଜ୍ୟ ଅର୍ଥ କମିଶନରେ ଚାଲିଥିବା ବେଳେ ଏହି ଯୋଜନାରେ ଟଙ୍କା ଆସିଥିଲେ ମଧ୍ୟ ତାକୁ ରିଲିଜ୍ କରୁନଥିବା ଅଭିଯୋଗ ହୋଇଛି । ଏହା ବ୍ୟତିତ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟଗୁଡିକ ସମସ୍ତ ପଞ୍ଚାୟତରେ ସମାପ୍ତ ହୋଇ ୬ ମାସ ହେଲାଣି ବିଲ୍ ତାଙ୍କ ନିକଟରେ ପଡି ରହିଥିଲେ ମଧ୍ୟ ସେହି ଅର୍ଥ ଅଦ୍ୟାବଧି ରିଲିଜ୍ କରି ନଥିବ ଅଭିଯୋଗ ହୋଇଛି । ସେହିପରି ମନରେଗା ଯୋଜନାରେ ୧୯ଟି ପଞ୍ଚାୟତକୁ ବର୍ଷକୁ ୨ ଥର ଅଣକୁଶଳି ଏବଂ ସାମଗ୍ରୀ ଟଙ୍କା ଆସିଥିଲା ବେଳେ ମାଲକାନଗିରି ବ୍ଲକ ବିଡିଓ ଅଜୟ କୁମାର ପ୍ରଧାନ ଆଜି ପର୍ଯ୍ୟନ୍ତ ଟଙ୍କା ରିଲିଜ୍ କରିନାହାନ୍ତି କିମ୍ବା ଡଙ୍ଗଲରେ ପୈଠ କରି ନାହାନ୍ତି । କୌଣସି ପଞ୍ଚାୟତରେ ପଲ୍ଲୀ ସଭା କିମ୍ବା ଗ୍ରାମ ସଭା ନହୋଇ କେବଳ କାଗଜ କଲମରେ ସୀମିତ ରହୁଥିବା ଅଭିଯୋଗ ହୋଇଛି ।

## ସିଆର୍‌ପିଏଫ୍ ବାଟାଲିୟନ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ବଲାଙ୍ଗିର,୨୦/୦୭ (ନି.ପ୍ର): ଆଜି ସ୍ଥାନିୟ ଛୁଇବନ୍ଧ ପାଖରେ ଥିବା ସ୍ଥାନରେ ୧୮୯ ବାଟାଲିୟନ ସି.ଆ.ପି.ଏଫ୍ ଦ୍ୱାରା ଆୟୋଜିତ୍ ହୋଇଥିବା ସଂଯୁକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା, ୧୮୯ ବାଟାଲିୟନ ସି.ଆ.ପି.ଏଫ୍ କମାଣ୍ଡିଂ ଅଫିସର. ଶ୍ରୀ ପବନ ତିୟ୍ୟାରି, ଶ୍ରୀମତୀ ସତ୍ୟା ତିୟ୍ୟାରି, ୨ୟ କମାଣ୍ଡିଂ ଅଫିସର. ଶ୍ରୀ ପି.କେ ସାହୁ, ୨ୟ କମାଣ୍ଡିଂ ଅଫିସର ଶ୍ରୀ ପିତବାସ ପଣ୍ଡା ଓ ଡେପୁଟି କ୍ୟାମଣ୍ଡିଂ ଅଫିସର. ଏମ୍.ଡି. ମୋଜି ମଲ୍ଲିକ୍ ଉପସ୍ଥିତ ରହି ପରିବେଶ ପ୍ରତି ସଚେତନ ହୋଇ କିଭଳି ସବୁଜ ପରିବେଶ ସୃଷ୍ଟି ହେବ ସେଥିପ୍ରତି ଦୃଷ୍ଟି ଦେବା ସହ ବୃକ୍ଷ ରୋପଣ କରାଯାଇଛି ।

# ବିଶ୍ୱଶାନ୍ତି ପାଇଁ ପ୍ରକୃତି ପୂଜା ଓ ବୃକ୍ଷରୋପଣ

ବଲାଙ୍ଗିର,୨୦/୦୭ (ନି.ପ୍ର): ଆଜି ସୁବର୍ଣ୍ଣପୁର ଜିଲ୍ଲାର ସଦରର ଜନମୁରା ଯୋଗୀ ଯୋଗିନୀ ମଠରେ ବିଶ୍ୱ ଶାନ୍ତି, ପ୍ରକୃତି ଶାନ୍ତି ଅବସରରେ ବୈଦିକ ଯଜ୍ଞ ଓ ବୃକ୍ଷ ପୂଜନ ଓ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ପ୍ରଦୂଷଣ ପାଇଁ ଓ ଜଙ୍ଗଲ ନଷ୍ଟ ଯୋଗୁଁ ଏବେ ସାରା ବିଶ୍ୱରେ ପ୍ରକୃତି ନିୟନ୍ତ୍ରଣ ହରାଇଛି । କେବେ କରୋନା ତ କେବେ ବଜ୍ରାଘାତ, କେବେ ଉତାପ ବୃଦ୍ଧି ତ କେବେ ଅଂଶୁଘାତ, ବନ୍ୟା ବାତ୍ୟା ମରୁଡି ଓ ନାନା ଅଜଣା ରୋଗରେ ଲୋକେ ପୋକମାଛି ପରି ମରୁଛନ୍ତି, କେତେକ ପଙ୍ଗୁ ଅବସ୍ଥାରେ ବି ଅଛନ୍ତି । ପୃଥିବୀର ଏଭଳି ସ୍ଥିତିରେ ସମଗ୍ର ପରିବେଶ ସୁରକ୍ଷା ଓ ତାର ସନ୍ତୁଳନ ପାଇଁ ଚାରିଆଡେ ଏବେ ପ୍ରକୃତି ପୂଜା, ହୋମ ଯଜ୍ଞ, ବୃକ୍ଷରୋପଣ ଓ ତାରି ଯତ୍ନ ପାଇଁ ଆଗଭର ହେବାର ଚିତ୍ର ସାମନକୁ ଆସିଛି । ସୁବର୍ଣ୍ଣପୁରରେ ଶ୍ରାବଣ ମାସର କର୍କଟ ସକ୍ରାନ୍ତି ଅବସରରେ ପତଞ୍ଜଳି ଯୁବ ଭାରତର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପଣ୍ଡା, ଯୁବ ଭାରତ ଜିଲ୍ଲା ପ୍ରଭାରୀ ସତ୍ୟବାନ ମିଶ୍ର, କିସନ୍ ପ୍ରଭାରୀ ଲକ୍ଷ୍ମଣ ପ୍ରଧାନ ସମେତ ଆର୍ଯ୍ୟ ସମାଜର ପଙ୍କଜ ମେହେର ଓ ମହାଜନ ସୁବର୍ଣ୍ଣପୁର ଜିଲ୍ଲାର ଜନମୁରା ଗାଁରେ ସାମୁହିକ ଭାବେ ଆର୍ଯ୍ୟ ବୈଦିକ ରୀତିରେ ଯଜ୍ଞ ଓ ବୃକ୍ଷ ପୂଜନ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସାଢୁ ପ୍ରଧାନ, କୁନି ଝିଅ ହଁଶୀକା ମିଶ୍ର ପ୍ରମୁଖ ଗ୍ରାମବାସୀ ମଧ୍ୟ ଏଥିରେ ସହଯୋଗ କରିଥିଲେ ।

# ରଥଯାତ୍ରା ସମୀକ୍ଷା ବୈଠକ କେବେ ?

ପୁରୀ,୨୦/୦୭ (ନି.ପ୍ର): ବିଶ୍ୱବିଖ୍ୟାତ ରଥଯାତ୍ରା ଦେଖିବା ପାଇଁ ଚଳିତବର୍ଷ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ପୁରୀ ଆସିଥିଲେ । ଶ୍ରୀଗୁଣ୍ଡିଚା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଆସି ପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ରଥଯାତ୍ରାକୁ ସଠିକ୍ ପରିଚାଳନା କରିବା ପାଇଁ ଶ୍ରୀଗୁଣ୍ଡିଚା ପୂର୍ବରୁ ୩ଟି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଯେଉଁଭଳି ହଟ୍ଟଗୋଳ ଓ ପ୍ରସଙ୍ଗ ଉଠିବା ସହ ବୈଠକର ତାତି ବଢ଼ାଇଥିଲା । କିନ୍ତୁ ପ୍ରକୃତପକ୍ଷେ ରଥଯାତ୍ରା ଦିନ ଭକ୍ତମାନେ ଯେଉଁ ସହାୟତା ପାଇବା କଥା ତାହା ପାଇପାରିଲେ ନାହିଁ । ଅନେକ ସୁନାଚେନ ଲୁଟ ହୋଇଥିବାବେଳେ ହଜାର ହଜାର ମନିପର୍ସକୁ ଲୁଟେରା ଝାମ୍ପି ନେଇଥିଲେ । ପୂର୍ବରୁ ପୋଲିସ ପ୍ରସ୍ତୁତିରେ ଆଟିଂ ସ୍ନାଂଚିଙ୍ଗ ଦଳ ତାହାକୁ ଧରିପାରିଲା ନାହିଁ । ଟ୍ରାଫିକ ସମସ୍ୟା ସବୁଆଡ଼େ ଦେଖିବାକୁ ମିଳିଥିଲା । ଏପରିକି ବଡ଼ଦାଣ୍ଡକୁ ଛାଡ଼ିଦେଲେ ପାଖ ସାହିଗୁଡ଼ିକରେ ଗାଡ଼ି ମଟର ରହିବା ଓ ବାଇକ ଯୋଗୁ ସାହିବାସିନ୍ଦାମାନେ ଅତିଷ୍ଠ ହୋଇପଡ଼ିଥିଲେ । ପ୍ରାୟ ୬୦ ଲକ୍ଷ ବ୍ୟବହୃତ ପାଣି ବୋତଲ ସହର ସାରା ପଡ଼ି ରହିଥିଲା । ଶ୍ରୀଗୁଣ୍ଡିଚା ମନ୍ଦିରରେ ଦର୍ଶନ ବ୍ୟବସ୍ଥା ଏତେ ଭିଡ଼ ଥିଲା ଯେ, ଭକ୍ତଙ୍କ ଧାଡ଼ିଦେଖି ଅନେକ ଭକ୍ତ ଆଡ଼ପ ଦର୍ଶନରୁ ବଂଚିତ ହୋଇଥିଲେ । ରଥଯାତ୍ରା ବୈଠକ ବିଭିନ୍ନ ବିଭାଗର ଖର୍ଚ୍ଚ ଅଟକଳ ସମେସ୍ତ ଜାଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ । କେଉଁ ବିଭାଗ କେତେ ଖର୍ଚ୍ଚ କଲା ବ୍ୟାରିକେଡ଼ରେ କେତେ ଖର୍ଚ୍ଚ ହୋଇଥିଲା ଦକ୍ଷିଣମୋଡ଼ ସମୟରେ କେତେ ବାଲି ପଡ଼ିଲା ଓ ଉଠିଲା ତାହାର କୌଣସି ହିସାବ ସାଧାରଣ ଜନତା ଜାଣିପାରୁ ନାହାନ୍ତି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥକନା କ୍ରୟ, ଚନ୍ଦନକାଠ, ଚେହେଲି, କସ୍ତୁରୀ ଓ ଅନ୍ୟାନ୍ୟ ଦ୍ରବ୍ୟ କେତେ ଟଙ୍କାର କିଣା ଯାଇଛି ତାହାର ହିସାବ ସାଧାରଣ ଜନତା ଓ ଭକ୍ତ ଜାଣିବା ପାଇଁ ଚାହିଁଛନ୍ତି । ଏହାସହ ରଥଯାତ୍ରାରେ ନିୟୋଜିତ ସେବାୟତମାନଙ୍କୁ କେତେ ପାଉଣା ଦିଆଯାଇଛି ତାହାର ହିସାବ ସମନ୍ୱୟ ବୈଠକରେ ସଭ୍ୟମାନେ ଜାଣିବା ପାଇଁ ବ୍ୟଗ୍ର ହେଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେତେ ଡ଼ାକ୍ତର ଓ କର୍ମଚାରୀ ନିୟୋଜିତ ହୋଇଥିଲେ ସେମାନଙ୍କୁ କେତେ ପ୍ରାପ୍ୟ ଦିଆଯାଇଥିଲା ଏବଂ ସେମାନଙ୍କ ଖାଦ୍ୟ ଖର୍ଚ୍ଚ କେତେ ତାହା ଜଣାଇବା ପାଇଁ ସାଧାରଣରେ ଦାବି ହେଉଛି । ସେହିପରି ଜନସ୍ୱାସ୍ଥ୍ୟ, ପୌରସଂସ୍ଥା, ପୂର୍ତ୍ତ ବିଭାଗ, ବିଦ୍ୟୁତ୍ ବିଭାଗ, ପରିବହନ ବିଭାଗ ଆଦି ବିଭାଗ ସମ୍ପର୍କରେ ସମୀକ୍ଷା ବୈଠକ କରାଗଲେ ସମସ୍ତ ହିସାବ ଜଣାପଡ଼ନ୍ତା ବୋଲି ସହରବାସୀ ଆଲୋଚନା କରୁଛନ୍ତି ।

# ଶ୍ରୀ ବଳଦେବଜୀଉଙ୍କ ଜାଗାରେ ରାସ୍ତା ନିର୍ମାଣ

କେନ୍ଦ୍ରାପଡ଼ା,୨୦/୦୭ (ନି.ପ୍ର): କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ବଳଦେବଜୀଉଙ୍କ ଭୂସମ୍ପତି ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ତିଆରି କରୁଥିବା ନେଇ ସ୍ଥାନୀୟ ଅଂଚଳରେ ବିରୋଧ ଓ ଉତେଜନା ପ୍ରକାଶ ପାଇଛି । ଏହି ରାସ୍ତା ସରକାରୀ ଜାଗା ଉପରେ ତିଆରି କରିବାକୁ ସାଧାରଣରେ ଦାବି ହୋଇଛି । ଅଭିଯୋଗ ମୁତାବକ ଶ୍ରୀ ବଳଦେବଜୀଉଙ୍କ ଇଛାପୁର ଆରଡି ଅଫିସ ପାଖରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ପ୍ରଶସ୍ତିକରଣ କରାଯାଇ ଇଛାପୁର ରୁ ଓସ୍ତପୁର ପର୍ଯ୍ୟନ୍ତ ରାସ୍ତାର ନବୀକରଣ କରାଯିବ । ଆରଡି ଅଫିସ ନିକଟରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ବାମପଟରେ ପର୍ଯ୍ୟାପ୍ତ ସରକାରୀ ଜାଗା ଥିବାବେଳେ ଡାହାଣ ପଟରେ ଥିବା ଜାଗା ଗୁଡିକ ଶ୍ରୀ ବଳଦେବଜୀଉଙ୍କ ନାମରେ ଖତିଆନ ରହିଛି । ବିଭାଗ ତରଫରୁ ରାସ୍ତା ପ୍ରଶସ୍ତିକରଣରେ ସରକାରୀ ଜାଗାକୁ ରାସ୍ତା ବଢା ନଯାଇ ବଳଦେବଜୀଯୁଙ୍କ ଜମି ଉପରେ ମାଟି ପକା ଯାଉଥିବା ନେଇ ସ୍ଥାନୀୟ ଅଂଚଳରେ ବିରୋଧ କରାଯାଇଛି । ଏନେଇ ଆରଡି ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଚିଠି ନଂ-୨୨୦୨,ତା-୧୩.୦୭.୨୦୨୨ ରେ ଦେବୋତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଓ କେନ୍ଦ୍ରାପଡା ତହସିଲଦାରଙ୍କୁ ଚିଠି କରାଯାଇଛି ।

## ଦୁଡିଆଳ ହାଇସ୍କୁଲରେ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୦/୦୭ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତ ଦୁଡିଆଳ ଆଦର୍ଶ ଉଚ୍ଚ ବିଦ୍ୟାଳୟ ଓ ଶ୍ୟାମସୁନ୍ଦରପୁର ହାଇସ୍କୁଲର ମେଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୨ଗୋଟି ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ୟାମସୁନ୍ଦରପୁର ସରପଂଚ ଅଙ୍କୁର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଶ୍ୟାମସୁନ୍ଦରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବାବାଜୀ ଚରଣ ବାରିକ, ପରିଚାଳନା କମିଟିର ସଭାପତି ଶିକ୍ଷାବିତ୍ ଅଜୟ ସାମଲ, ସମାଜସେବୀ ଆଦିକନ୍ଦ ରାଉଳ ପ୍ରମୁଖ ଯୋଗଦେଇ ଶ୍ୟାମସୁନ୍ଦରପୁର ହାଇସ୍କୁଲର ଛାତ୍ରୀ ପ୍ରାଚୀ ଦାସ ଓ ଦୁଡିଆଳ ହାଇସ୍କୁଲର ଛାତ୍ରୀ ଅନନ୍ୟା ସଞ୍ଜିବନୀ ପତିଙ୍କୁ ମାନପତ୍ର, ଉତରୀୟ ସହିତ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ଏହି ଉତ୍ସବରେ ପଣ୍ଡିତ ପ୍ରତାପ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାଜକିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨ଟି ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

# ବିଶ୍ୱସ୍ତରୀୟ ସହର ରିକ୍ସାରେ ବିତୁଛି ଜୀବନ

ପୁରୀ,୨୦/୦୭ (ନି.ପ୍ର): ଶ୍ରୀକ୍ଷେତ୍ର ହେବ ବିଶ୍ୱସ୍ତରୀୟ ସହର । ସହରର ନକ୍ସା ବଦଳିବ । ଲକ୍ଷ ଲକ୍ଷ ଭକ୍ତ ସୁବିଧାରେ ଦର୍ଶନ କରି ଫେରିବେ । ସେଥିପାଇଁ କୋଟି କୋଟି ଟଙ୍କାର ଆର୍ଥିକ ଅନୁଦାନ ପୁରୀକୁ ଆସୁଛି । ଦେଶ ବିଦେଶରେ ପୁରୀ ସହରର ଚର୍ଚ୍ଚା ବଢୁଛି । ପରିତାପ ବିଷୟ ପୁରୀକୁ ଅନେକ ଗରିବ ଲୋକ ବଡ଼ଦାଣ୍ଡକୁ ଆଶ୍ରୟ ଭାବି ଚାଲି ଆସୁଛନ୍ତି । କେତେକ ବୃଦ୍ଧ ଓ ବୃଦ୍ଧାଙ୍କୁ ତାଙ୍କ ପିଲାମାନେ ଛାଡ଼ି ଯାଉଛନ୍ତି । ସେହିପରି ଅନେକ ରିକ୍ସା ଚାଳକ ରିକ୍ସା ଚଳାଇବା ସହ ରିକ୍ସାରେ ଜୀବନ ଜୀବିକା ବିତାଉଛନ୍ତି । ରିକ୍ସାର ଚାହିଦା କମିବା ସହ ରୋଜଗାର ମଧ୍ୟ କମିଯାଇଛି । କେତେକ ରିକ୍ସା ଚାଳକ ପରିଶ୍ରମ କରିବା ପରେ ସେହି ରିକ୍ସା ଉପରେ ଦିନ ଓ ରାତି ବିତାଉଛନ୍ତି । ସେହିଭଳି ଏକ ଘଟଣା ଆଜି ଭିଆଇପି ରୋଡ଼ ପିକେ ଆରଆଇଟି ଛକରେ ଦେଖିବାକୁ ମିଳିଛି । ଜଣେ ରିକ୍ସା ଚାଳକ ଅପରାହ୍ନ ୪ଟାବେଳେ ରିକ୍ସା ଉପରେ ଶୋଇଥିବା ଦେଖିବାକୁ ମିଳିଥିଲା ।

## ୨୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜିପ୍ ଗାଡି ଛାଡି ଡ୍ରାଇଭର ଫେରାର

ଜୟପୁର,୨୦/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଲମତାପୁଟ ପୁଲିସ ହାତରେ ଧରାପଡିଛି ୨୦ଲକ୍ଷ ଟଙ୍କାର ଗଞ୍ଜେଇ । ପୁଲିସକୁ ଦେଖି ଗଞ୍ଜେଇ ଭର୍ତି କମାଣ୍ଡର ଜିପକୁ ମଝି ରାସ୍ତାରେ ଛାଡି ଡ୍ରାଇଭର ଫେରାର ହୋଇଯାଇଛି । ଆନ୍ଧ୍ର ସୀମାନ୍ତ ଜଳାପୁଟ ଅଂଚଳରୁ ଗଞ୍ଜେଇ ଚାଲାଣ ଖବର ପାଇଁ ଲମତାପୁଟ ପୁଲିସ ସଗର ଛକ ନିକଟରେ ଗାଡି ଯାଂଚ କରୁଥିଲେ । ପୁଲିସର ଗାଡି ଯାଂଚ ଡ୍ରାଇଭର ଜଣକ ଅତି ଚତୁରତାର ସହିତ ରାସ୍ତା ପରିବର୍ତ୍ତନ କରିଥିଲା । ପରେ ପୁଲିସ କମାଣ୍ଡର ଜିପକୁ ପିଛା କରିଥିଲେ । ପୁଲିସ ପିଛା କରୁଥିବା ଦେଖି ଡ୍ରାଇଭର ସାହୁପୁଟ ଛକ ନିକଟ ମଝି ରାସ୍ତାରେ ଗାଡ଼ି ଛାଡି ଫେରାର ହୋଇଯାଇଛି । ପରେ ଲମତାପୁଟ ପୁଲିସ ଗଞ୍ଜେଇ ଭାରି ଜିପକୁ ଥାନାକୁ ଆଣିଥିଲେ । ୧୦ଟି ବସ୍ତାରେ ୨୧୫ କେଜି ୧୦୦ଗ୍ରାମ ଗଞ୍ଜେଇକୁ ପୁଲିସ ଜବତ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୁଲ୍ୟ ୨୦ଲକ୍ଷ୍ୟ ଟଙ୍କା ହେବ ବୋଲି ଜଣାପଡିଛି । ଜବତ ଗଞ୍ଜେଇ ଆନ୍ଧ୍ର ସୀମାନ୍ତ ଜଳାପୁଟ ଅଂଚଳରୁ ପାଡୁଆ ଅଂଚଳକୁ ଚାଲାଣ କରାଯାଉଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ନେଇ ଲମତାପୁଟ ପୁଲିସ ସୂଚନା ଦେଇଛନ୍ତି ।

# ଅବସରପ୍ରାପ୍ତ କାଗଜ କଳ ଶ୍ରମିକଙ୍କ ପିଏଫ୍, ପେନସନ ଓ ବକେୟା ପାଉଣା ସମସ୍ୟା ନେଇ ଆଲୋଚନା

ଜୟପୁର,୨୦/୦୭ (ନି.ପ୍ର): ଗତ ୧୩ ତାରିଖ ଦିନ ଅବସରପ୍ରାପ୍ତ କାଗଜ କଳ ଶ୍ରମିକମାନେ ପି ଏଫ୍, ପେନସନ୍, ବକେୟା ପାଉଣା ହିସାବ ଓ କୋଭିଡ୍ ସମୟ ଏବଂ ତାପରେ ମଧ୍ୟ ଦୀର୍ଘ ମାସ ଧରି ଡ୍ୟୁଟି ବନ୍ଦ କରିଥିବା ସମୟର ହାଜିରା ସମ୍ବନ୍ଧରେ ଦାବି ପତ୍ର ପ୍ରଦାନ କରିଥିଲେ । ଏହା ଉପରେ ଆଲୋଚନା କରିବାକୁ ଆଜି ୧୯.୦୭.୨୦୨୨ ତାରିଖ ଧାର୍ଯ୍ୟ ହୋଇଥିଲା । ୟୁନିଟ୍ ହେଡ୍ ଙ୍କ ନିର୍ଦ୍ଦେଶରେ ମାନବସମ୍ବଳ ମୁଖ୍ୟ ଶ୍ରୀ ରମେଶ ଯାଦବ ଅବସରପ୍ରାପ୍ତ ଶ୍ରମିକ ପ୍ରତିନିଧି ଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ସପ୍ତାହ ମଧ୍ୟରେ ୨୦୨୦ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବକେୟା ପାଉଣା ବିବରଣୀ ପ୍ରଦାନ କରିବା ସହ ଏହି ମାସ ଶେଷ ସୁଦ୍ଧା ୨୦୨୦/୨୧ ର ପି ଏଫ୍ ରାଶି ପୈଠ କରାଯିବା ସହ ଅବସର ନେଇଥିବା ଶ୍ରମିକ ମାନେ ପି ଏଫ୍ ଟଙ୍କା ପାଇବେ ଓ ପେନସନ ପାଇବା ପାଇଁ ବ୍ୟବସ୍ଥା କରାଯିବ । ପ୍ରକାଶ ଥାଉକି ଗତ ମେ' ମାସରେ ନୂଆ କମ୍ପାନୀ ମଦର ଆର୍ଥ୍ ର ଡାଇରେକ୍ଟର ନିଜେ କହିଥିଲେ ମେ' ମାସ ଶେଷ ସୁଦ୍ଧା ପିଏଫ୍ ରେଗୁଲାର ହୋଇଯିବ , କିନ୍ତୁ ହେଲା ନାହିଁ । ଶ୍ରମିକ ମାନେ ଦୁର୍ଦ୍ଦିନରେ ଥିବା ବେଳେ ଯେଉଁ ମାନେ ମରିଯାଇଛନ୍ତି ସେମାନଙ୍କ ପରିବାର ଅତ୍ୟନ୍ତ କଷ୍ଟରେ ଅଛନ୍ତି । ମୃତକ ଶ୍ରମିକ ଙ୍କ ପରିବାର ଓ ପୁନଃ ନିଯୁକ୍ତି ପାଇନଥିବା ଶ୍ରମିକ ତଥା ବାହାର ରାଜ୍ୟର ଶ୍ରମିକ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପାଉଣା ଦେବାପାଇଁ କୁହାଯାଇଛି । ବକେୟା ପାଉଣା ଉତ୍ପାଦନ ରେ ନିରନ୍ତରତା ଆସିବା ପରେ ଦିଆଯିବ । ସୂଚନାଯୋଗ୍ୟ ଯେ କାରଖାନା ୨୦୨୦ ଫେବୃଆରୀ ମାସରେ ନୂଆ କମ୍ପାନୀ ମଦର ଆର୍ଥ୍ କୁ ବିକ୍ରି ହୋଇ ସେହି ନୂଆ କମ୍ପାନୀ ନାମରେ ୨୦୨୦ ଜୁନ୍ ୦୮ ତାରିଖ ଠାରୁ ୧୫୦ କୋଟି ଟଙ୍କା ଋଣ ନେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାରଖାନା ର ଉତ୍ପାଦନ ସ୍ୱାଭାବିକ ହୋଇପାରିଲା ନାହିଁ । ସମୁଦାୟ ଟଙ୍କା କାରଖାନା ରେ ଲାଗିଥିଲେ ସମସ୍ୟା ରହି ନଥାନ୍ତା । କିନ୍ତୁ ୧୦୦ କୋଟି ପୁରୁଣା ମାଲିକ ଗୌତମ ଥାପରକୁ ଦେବା ପରେ ଦୁଇ ବର୍ଷ ରେ ୫୦ କୋଟି ମରାମତି ପାଇଁ ଖର୍ଚ୍ଚ କରାଯାଇଥିବା କଥା ମ୍ୟାନେଜମେଣ୍ଟ କହୁଛି । କିନ୍ତୁ କାରଖାନା ଭିତରେ କାମ କରୁଥିବା ଶ୍ରମିକମାନେ କହିଛନ୍ତି କେତେକ ସମସ୍ୟା ଏବେ ସୁଦ୍ଧା ରହିଛି , ଏଣୁ ଏତେ ଶୀଘ୍ର ଉତ୍ପାଦନ ସ୍ୱଭାବିକ ହୋଇପାରିବ ନାହିଁ । ମେ' ୦୯ ତାରିଖ ରେ କାଗଜ ଉତ୍ପାଦନ ଆରମ୍ଭ ହେଲା । ଚାରି ଦିନ ଚାଲିବା ପରେ ବନ୍ଦ ହେଲା । ଏବେ ଦୁଇମାସ ପରେ ପୁଣି ଆରମ୍ଭ ହୋଇଛି, ମାତ୍ର ସପ୍ତାହେ ହେବ ସଠିକ୍ ହୋଇପାରି ନାହିଁ । ଅନ୍ୟ ଦିଗରେ କମ୍ପାନୀ ମ୍ୟାନେଜମେଣ୍ଟ ଶ୍ରମିକ ମାନଙ୍କ ର ଚାକିରି ସର୍ତ୍ତାବଳୀ କାଟିବାରେ ଲାଗିଛି । ଅସନ୍ତୋଷ ବଢିବାରେ ଲାଗିଛି । କେବଳ କାରଖାନା ଚାଲୁ ବୋଲି ଶ୍ରମିକ ଓ ସଂଗଠନ ମାନେ ଚୁପ୍ ରହି କାରଖାନା ପାଇଁ କାମ କରୁଛନ୍ତି । ଶ୍ରମ ବିଭାଗ ଓ ମ୍ୟାନେଜମେଣ୍ଟ କୁ ଲେଖି ଜଣାଇଥିଲେ ମଧ୍ୟ କିଛି ସମାଧାନ ହେଉନାହିଁ । ଏସବୁ ସମସ୍ୟା ସମ୍ପର୍କରେ ମଧ୍ୟ ମ୍ୟାନେଜମେଣ୍ଟ କୁ ସୂଚିତ କରାଯାଇଛି । ଆଜି ର ବୈଠକରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ପ୍ରଭାକର ପ୍ରହରାଜ, ସରୋଜ ପଣ୍ଡା,ଜନ୍ କେନେଡି,ପରମେଶ୍ୱର ଉପାଧ୍ୟାୟ, ସନ୍ଦୀପ ପଟ୍ଟନାୟକ,ସରୋଜ ସୁଆର, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ମୁଣ୍ଡ ବିନ୍ଧାରୁ ମୁକ୍ତି ଦେବ ଅଦା

ନିଦ ଆମ ଶରୀର ପାଇଁ ଜରୁରି । କିନ୍ତୁ ଅନେକ ସମୟରେ ଦେଖିବାକୁ ମିଳେ ଯେ ଅଧିକ ସମୟ ଶୋଇବା ପରେ କେତେଜଣଙ୍କର ମୁଣ୍ଡ ବିନ୍ଧା ହୋଇଥାଏ । ତେବେ ଏପରି ସମସ୍ୟାରୁ କିପରି ମୁକ୍ତି ପାଇବେ ।



### ଅଦା ଖାଆନ୍ତୁ

ଅଧିକ ଶୋଇବା ଦ୍ୱାରା ହେଉଥିବା ମୁଣ୍ଡବିନ୍ଧାରୁ ରକ୍ଷା ପାଇବା ପାଇଁ ଅଦା ଖାଇପାରିବେ । ଏଥିପାଇଁ ଅଦା ରସ ବା ଅଦା ପକାଇ ଚା' ପିଇପାରିବେ । ଅଦା ମସ୍ତିଷ୍କରେ ଥିବା ରକ୍ତକୋଷିକାରେ ଉପୁଜୁଥିବା ଯନ୍ତ୍ରଣାକୁ କମ କରିଥାଏ ।

### କ୍ୟାଫିନ୍ କମ ନିଅନ୍ତୁ

ଯଦି ଆପଣଙ୍କର ଏପରି ମୁଣ୍ଡବିନ୍ଧା ହେଉଥାଏ, ତେବେ ନେଉଥିବା କ୍ୟାଫିନର ମାତ୍ରାକୁ କମ କରିଦିଅନ୍ତୁ । କାରଣ ଅଧିକ କ୍ୟାଫିନଯୁକ୍ତ ପାନୀୟ ନେବା ଠିକ ଭାବରେ ନିଦ ହୋଇନଥାଏ ।



### ଅଧିକ ପାଣି ପିଅନ୍ତୁ

ଯଦି ଆପଣଙ୍କ ଶରୀରରେ ପାଣିର ଅଭାବ ଥାଏ, ତେବେ ଅଧିକ ସମୟ ଶୋଇବା ପରେ ମୁଣ୍ଡବିନ୍ଧା ହୋଇଥାଏ । କଫି, ଆଲକହଲ ଓ ଡ଼ଟା ପାନୀୟ ପିଇବା ଦ୍ୱାରା ଶରୀରରେ ପାଣିର ଅଭାବ ଦେଖା ଦେଇଥାଏ । ସେଥିପାଇଁ ମୁଣ୍ଡବିନ୍ଧାରୁ ମୁକ୍ତି ପାଇଁ ଅଧିକ ମାତ୍ରାରେ ପାଣି ପିଇବା ଆବଶ୍ୟକ ।



### ଯୋଗ ଦିଏ ଫାଇଦା

ଅଧିକ ନିଦରୁ ହେଉଥିବା ମୁଣ୍ଡବିନ୍ଧାରୁ ମୁକ୍ତି ପାଇଁ ଯୋଗ କରିପାରିବେ । ଏହା ଶରୀର ପାଇଁ ଲାଭକାରୀ ହେବା ସହିତ ମୁଣ୍ଡକୁ ଶାନ୍ତ ଓ ସ୍ଥିର ରଖିଥାଏ । ଫଳରେ ଭଲ ନିଦର ଫାଇଦା ପାଇପାରିବେ ।

# ସମୟ ପୂର୍ବରୁ ଋତୁସ୍ରାବ ଚାହୁଁଥିଲେ....

ଅନେକ ସମୟରେ ଏମିତି ହୁଏ କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ନେଇ ମହିଳାମାନେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ପିରିୟଡ ହେଉ ବୋଲି ଚାହିଁଥାନ୍ତି । ସେଥିପାଇଁ କେହି କେହି ଔଷଧର ସହାୟତା ନେଇଥାନ୍ତି । ମାତ୍ର ସାଧାରଣ ଭାବେ ଘରୋଇ ଉପାୟରେ ବି ଏହା ସମ୍ଭବ । ଯଦି ଆପଣଙ୍କର ଏମିତି କିଛି ସମସ୍ୟା ରହିଥାଏ, ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ । ଯଦି ଏପରି ଔଷଧ ନେବାକୁ ଚାହାନ୍ତିନି, ତେବେ କେତେକ ଖାଦ୍ୟ ଜରିଆରେ ଆପଣ ପରିୟଡକୁ ନିୟନ୍ତ୍ରଣରେ ରଖିପାରିବେ ।

### ଅଧିକ ଅମୃତଭଣ୍ଡା ଖାଆନ୍ତୁ

ଯଦି ଆପଣ ସମୟ ପୂର୍ବରୁ ପରିୟଡ ହେଉ ବୋଲି ଚାହୁଁଥାନ୍ତି, ତେବେ ବହୁ ମାତ୍ରାରେ ଅମୃତଭଣ୍ଡା ଖାଆନ୍ତୁ । ଅଧିକ ଅମୃତଭଣ୍ଡା ଖାଇବା ଦ୍ୱାରା ଶରୀରରେ କ୍ୟାରୋଟିନର ମାତ୍ରା ବଢ଼ିଥାଏ, ଯାହା ଫଳରେ ଏଷ୍ଟ୍ରୋଜେନ ହରମୋନ ବଢ଼ିବା ସହ ଋତୁସ୍ରାବ ସମୟ ପୂର୍ବରୁ ହୋଇଥାଏ । ଅମୃତଭଣ୍ଡା ଖାଇବା ଦ୍ୱାରା ଶରୀରରେ ଗରମ ବଢ଼ିଥାଏ, ଫଳରେ ରକ୍ତ ସଞ୍ଚାଳନ ତୀବ୍ର ହୋଇଥାଏ ।



### ମହୁ ସହ ରାଶି ଖାଆନ୍ତୁ

ଘରୋଇ ଉପାୟରେ ସମୟ ପୂର୍ବରୁ ପରିୟଡସ୍ ଚାହୁଁଥିଲେ, ରାଶି ଖାଇପାରିବେ । ରାଶି ଶରୀରକୁ ଗରମ କରି ସମୟ ପୂର୍ବରୁ ପିରିୟଡସ୍ ହେବାରେ ସାହାଯ୍ୟ କରିଥାଏ । ଏଥିପାଇଁ ଏକ ଚାମଚ ମହୁ ସହ ଏକ ଚାମଚ ରାଶି ମିଶ୍ରଣକୁ ଦିନକୁ ଦୁଇ ବା ତିନି ଥର ଖାଆନ୍ତୁ । ପିରିୟଡସ ହେବାକୁ ଥିବା ତାରୀଖର ଏକ ସପ୍ତାହ ପୂର୍ବରୁ ଏହାକୁ ଖାଇବା ଆବଶ୍ୟକ ।



### ଗରମ ପାଣିରେ ହଳଦୀ ମିଶାଇ ପିଅନ୍ତୁ

ହଳଦୀରେ ଫାଇଟୋଏଷ୍ଟ୍ରୋଜେନ୍ ରହିଥାଏ, ଯାହା ଗର୍ଭାଶୟରୁ ବାହାରୁଥିବା ରକ୍ତକୁ ଉତ୍ତେଜିତ କରିଥାଏ । ତେଣୁ ଯଦି ଆପଣ ସମୟ ପୂର୍ବରୁ ପରିୟଡ ଚାହୁଁଥାନ୍ତି, ତେବେ ଏକ ସପ୍ତାହ ପୂର୍ବରୁ ନିୟମିତ ସକାଳେ ଗରମ ପାଣିରେ ଚିମୁଟାଏ ହଳଦୀ ପକାଇ ପିଅନ୍ତୁ । ଏପରି କରିବା ଦ୍ୱାରା ପ୍ରାକୃତିକ ଉପାୟରେ ପିରିୟଡସ ହୋଇଥାଏ ।





### ଡାଳିମ୍ବ ଜୁସ୍

ଡାଳିମ୍ବ ଜୁସ ଶରୀରରେ ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଉତ୍ତେଜନା ବଢ଼ାଇଥାଏ । ଯାହା ଫଳରେ ପରିୟଡ ହେବା ସହଜ ହୋଇଥାଏ । ଅବଶ୍ୟ ଏଥିପାଇଁ ପରିୟଡ ତାରିଖର ୧୦ଦିନ ପୂର୍ବରୁ ନିୟମିତ ଡାଳିମ୍ବ ଜୁସ ପିଇବାକୁ ପଡ଼ିଥାଏ ।



# ପାଣିରେ ନିମ୍ବ ପତ୍ର ପକାଇ ସ୍ନାନ କରନ୍ତୁ: ଆଉ ଦେଖନ୍ତୁ ଏହାର ଫାଇଦା



ନିମ୍ବ ପାଣିରେ ଗାଧୋଇବା ଦ୍ୱାରା ଆପଣଙ୍କୁ ଅନେକ ଲାଭ ମିଳିଥାଏ । ନିମ୍ବ ପତ୍ରରେ ଫ୍ୟାଟି ଏସିଡ୍, ଲିମୋନୋଏଡ୍, ଭିଟାମିନ୍-ଇ, ଆଣ୍ଟିଅକ୍ସିଡାଣ୍ଟ ଏବଂ କ୍ୟାଲସିୟମ୍ ରହିଥାଏ । ଯାହାକି ଚର୍ମ ସମସ୍ୟାକୁ ଦୂର କରିବା ପାଇଁ ଏକ ପ୍ରଭାବଶାଳୀ ଚିକିତ୍ସା ହୋଇପାରେ । ନିମ୍ବ ପତ୍ରକୁ ଉଷୁମ ପାଣିରେ ପକାଇ ଏଥିରେ ସ୍ନାନ କରନ୍ତୁ । ଏହା ଦ୍ୱାରା ଚର୍ମ ସମସ୍ୟା ଦୂର ହୋଇଥାଏ । ବ୍ରଣ ସମସ୍ୟା ପାଇଁ ବି ନିମ୍ବ ପତ୍ର ରାମବାଣ ସଦୃଶ୍ୟ ହୋଇଥାଏ ।

ନିମ୍ବ ପତ୍ରକୁ ପାଣିରେ ଫୁଟାଇ ସେହି ପାଣିରେ ସ୍ନାନ କରିବା ଦ୍ୱାରା ଚର୍ମରୁ ଶୁଷ୍କତା ଦୂର ହୋଇଥାଏ । ସାବୁନ ଏବଂ ବଡ଼ି ୱାସର ଆବଶ୍ୟକତା କମ୍ ହୋଇଥାଏ । ଏହା ଚର୍ମରେ ପ୍ରାକୃତିକ ତେଲର ସନ୍ତୁଳନ ବଜାୟ ରଖେ ।

ନିମ୍ବ ପାଣି ମୁଣ୍ଡରେ ରୂପି ହୋଇଥିଲେ ତାହାକୁ ବି ଦୂର କରିଥାଏ । ଏବଂ ଏହା ଚର୍ମ ସଂକ୍ରମଣର ସମସ୍ୟାକୁ ବି ଦୂର କରିଥାଏ ।

ଚର୍ମ ସମ୍ବନ୍ଧୀୟ ସମସ୍ୟା ଦୂର କରିବା ପାଇଁ ନିମ୍ବ ତେଲ ମଧ ବ୍ୟବହାର କରାଯାଇପାରେ । ଏହାଦ୍ୱାରା ଚର୍ମର ଶୁଷ୍କତା ସମସ୍ୟା ଦୂର ହୋଇଥାଏ । ନିମ୍ବ ପତ୍ରର ପେଷ୍ଟ ମଧ ଆପଣଙ୍କ ପାଇଁ ଲାଭଦାୟକ ହୋଇଥାଏ । ଯଦି ଚର୍ମରେ କୁଞ୍ଚନ ଥାଏ, ତେବେ ନିମ୍ବ ପତ୍ରର ଏକ ପେଷ୍ଟ ଲଗାନ୍ତୁ । ଏହା କୁଞ୍ଚନ ସହିତ ଦାଗ ମଧ ଦୂର କରିଥାଏ ।

ଶୀତଦିନେ ଆପଣ ନିମ୍ବ ତେଲ ମଧ ବ୍ୟବହାର କରିପାରିବେ । ସ୍ନାନ କରୁଥିବା ପାଣିରେ କିଛି ବୁନ୍ଦା ନିମ୍ ତେଲ ମିଶାନ୍ତୁ । ସ୍ନାନ କରିବା ପୂର୍ବରୁ ଶରୀରରେ ସୋରିଷ ତେଲ ଏବଂ ନିମ୍ବ ତେଲ ମିଶାଇ ଏହାକୁ ମାଲିସ୍ କରନ୍ତୁ । ଏହା ବ୍ୟତୀତ ଫେସ୍ ପ୍ୟାକରେ କିଛି ବୁନ୍ଦା ନିମ୍ବ ତେଲ ମିଶାଇ ମଧ ପ୍ରୟୋଗ କରାଯାଇପାରେ । ଏହା ବ୍ରଣ ଏବଂ ବ୍ଲାକ୍ ହେଡ୍ସ ସମସ୍ୟା ଦୂର କରିଥାଏ ।

# ଆଳୁ କଚୋଡ଼ି



### ଆବଶ୍ୟକ ସାମଗ୍ରୀ :

ମଇଦା, ସିଝା ଆଳୁ, ଲୁଣ, ଜୁଆଣି, ତେଲ, ଅଦା, ରସୁଣ ବଟା, ବେକିଂ ପାଉଡର, ଗ୍ରୀନ୍ ମଟର, ଧନିଆ ପତ୍ର, କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, ପାନମଧୁରୀ ଗୁଣ୍ଡ, ଧଣିଆ ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଗରମ ମସଲା ।

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ମଇଦାକୁ ଏକ ପାତ୍ରରେ ନିଅନ୍ତୁ । ସେଥିରେ କିଛି ତେଲ, ଲୁଣ, ଜୁଆଣି ଓ ବେକିଂ ପାଉଡର ମିଶାଇ ଗୋଳାଇ ଦିଅନ୍ତୁ । ଏହାପରେ ସେଥିରେ ଅଳ୍ପ ପାଣି ଦେଇ ମଇଦାକୁ ଭଲ ଭାବେ ଚକଟନ୍ତୁ । ମଇଦାଟି ଭଲ ଭାବରେ ଚକଟି ସାରିବା ପରେ କିଛି ସମୟ ଏହାକୁ ଘୋଡ଼ାଇ ରଖି ଦିଅନ୍ତୁ । ପରେ ସିଝା ଆଳୁକୁ ଭଲ ଭାବେ ଚକଟି ଦିଅନ୍ତୁ ।

ତା' ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ଅଦା, ରସୁଣ ବଟା ଓ କଟା କଞ୍ଚା ଲଙ୍କା ପକାଇ କିଛି ସମୟ କଷନ୍ତୁ । ଏହାପରେ ସେଥିରେ ଗ୍ରୀନ୍ ମଟର ପକାନ୍ତୁ । ପରେ ଏହି ମସଲାକୁ ଘୋଡ଼ାଇ ଦେଇ ଦୁଇମିନିଟ୍ ଯାଏ ହାଲକା ଆଞ୍ଚରେ ଛାଡ଼ି ଦିଅନ୍ତୁ । ମଟର ସିଝିଗଲା ପରେ ସେଥିରେ ପୂର୍ବରୁ ଚକଟା ହୋଇ ରହିଥିବା ସିଝା ଆଳୁକୁ ପକାଇ ଦିଅନ୍ତୁ । ତା' ପରେ ସେଥିରେ ଧନିଆ ଗୁଣ୍ଡ, ପାନମଧୁରୀ ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା ଓ ଲୁଣ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏହାପରେ ଆଳୁକୁ କିଛି ସମୟ ଯାଏ ଭଲଭାବେ କଷନ୍ତୁ । ଆଳୁ କଷି ହେବା ପରେ ତା' ଉପରେ କଟା ଧଣିଆ ପତ୍ର ପକାଇ ଦେଇ ଏକ ପାତ୍ରକୁ କାଢ଼ି ଦିଅନ୍ତୁ ।

ପରେ ପୂର୍ବରୁ ଦଳା ହୋଇ ରହିଥିବା ମଇଦାକୁ ଛୋଟ ଛୋଟ ଗୋଳା କରିଦିଅନ୍ତୁ । ମଇଦା ଗୋଳାକୁ ନେଇ ପୁରି ଆକାରରେ ବେଲି ଏହା ଭିତରେ କଷା ଯାଇଥିବା ଆଳୁର ପୁର ଦେଇ ଏହାକୁ ବନ୍ଦ କରିଦିଅନ୍ତୁ । ତାପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା କଚୋଡ଼ିକୁ ଛାଣନ୍ତୁ । ହାଲକା ବାଦାମୀ ଆସିଗଲେ ତାକୁ ଏକ ପାତ୍ରରେ କାଢ଼ି ରଖି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆଳୁ କଚୋଡ଼ି ।

# ଟିପ୍ସ: ମୁଡ୍ ବନାଇବା ପାଇଁ

ରିଲେସନ୍‌ସିପ୍‌ରେ ସେକ୍ସ ଏକ ପ୍ରମୁଖ ଭୂମିକା ନେଇଥାଏ । ପ୍ରାରମ୍ଭିକ ସମୟରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଥାଏ ବଡ଼ ଉତ୍ସାହ । ହେଲେ ସମୟ କ୍ରମେ ବିଭିନ୍ନ ଦାୟିତ୍ୱ, କର୍ମ ବ୍ୟସ୍ତତା କାରଣରୁ ଶାରୀରିକ ସମ୍ପର୍କ ପ୍ରଭାବିତ ହୋଇଥାଏ । ଆଉ ଏହା ସମ୍ପର୍କ କ୍ଷେତ୍ରରେ ଠିକ୍ ନୁହେଁ । ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ରିଲେସନ୍‌ସିପ୍ ଏହି ସମୟ ଦେଇ ଗତି କରୁଛି, ତେବେ ଏହାକୁ ଦୂର କରିବା ପାଇଁ, ଜୀବନକୁ ଉପଭୋଗ କରିବା ପାଇଁ ନିମ୍ନଲିଖିତ ଟିପ୍ସକୁ ଅନସରଣ କରିବା ନିହାତି ଆବଶ୍ୟକ ।



- ଆପଣ ଉଭୟେ କେତେ ବି କର୍ମଚାପରେ ରୁହନ୍ତୁ ନା କାହିଁକି, ଅତିକମ୍‌ରେ ଗୋଟିଏ ଦିନ ବାହାର କରି ଉଭୟେ ଏକତ୍ର ବିତାଇବା ଦରକାର । କିଛି ସ୍ଥାନ ବୁଲିବାର ଯୋଜନା ରଖିବା, ଖୋଲାଖୋଲି କଥାବାର୍ତ୍ତା ହେବା ଏହି ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ ।
- ଆପଣଙ୍କ ରିଲେସନ୍‌ସିପ୍ ଦୀର୍ଘଦୀନ ହୋଇଯିବା ଅର୍ଥ ଆପଣ ରୋମାଣ୍ଟିକ୍ କଥାବାର୍ତ୍ତା କରିବା ଛାଡ଼ିଦେବା ଠିକ୍ ନୁହେଁ । ରୋମାନ୍ସ ସବୁବେଳେ ରହିବା ଦରକାର । ପରସ୍ପର ମଧ୍ୟରେ ରୋମାଣ୍ଟିକ୍ କଥାବାର୍ତ୍ତା ଆପଣଙ୍କୁ ଆଗାମୀ ପଦକ୍ଷେପ ନେବାକୁ ଆହୁରି ସହଜ କରିବ ।
- ରୋମାଣ୍ଟିକ୍ ଡିନର୍ ଡେଟ୍ ମଧ ପ୍ରେମକୁ ମଜଭୁତ କରିବା ଓ ଆଗକୁ ନେବାରେ ବଡ଼ ସହଯୋଗ କରିଥାଏ । ଯଦି ଆପଣ କ୍ୟାଣ୍ଡେଲ୍ ଲାଇଟ୍ ଡିନର୍ କରୁଛନ୍ତି, ତେବେ ବହୁତ ଭଲ । ନଚେତ୍ ଖାଇବା ଦରକାର । ଏହା ଉଭୟେଙ୍କୁ ଆହୁରି ହୃଦୟର ପାଖକୁ ଆଣିଥାଏ ।
- ଉଭୟ ପତି-ପତ୍ନୀ ପରସ୍ପରକୁ ସେକ୍ସି ଗିଫ୍ଟ ଦେବାକୁ ଅସହଜ ମନେକରିଥାନ୍ତି । ହେଲେ ମନେ ରଖିବା ଦରକାର ଯେ, ଏହି ଉପହାର ମାଧ୍ୟମରେ ଆପଣ ନିଜର ମନର କଥା ଏବଂ ଶାରୀରିକ ସମ୍ପର୍କ ରକ୍ଷା କରିବାର ବିଷୟକୁ ଅବଗତ କରାଇ ପାରିବେ ।
- ସମ୍ପର୍କ ସମୟରେ ସବୁବେଳେ ମନେ ରଖିବା ଦରକାର ଯେ, ଆପଣ ରୋମାନ୍ସକୁ ଭୁଲି ନାହାନ୍ତି । ଯେତେ ବିଳମ୍ବ ହେଲେ ମଧ ରୋମାନ୍ସ କରିବା ଛାଡନ୍ତୁ ନାହିଁ । କାରଣ ଏହା ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଅତି ଜରୁରୀ ।







### ଲେମ୍ବୁ ଓ କଞ୍ଚା ଲଙ୍କା ଦୁଆରେ ଟାଙ୍ଗିଲେ କ'ଣ ହୁଏ

ଗୁରୁବାର ଦିନ ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କାରି ସୂତା ଆସନରେ ପୂର୍ବ ଦିଗକୁ ମୁହଁକରି ବସି ଗୋଟିଏ କାଗେଜି ଲେମ୍ବୁ ଓ ସାତଗୋଟି କଞ୍ଚାଲଙ୍କା ଗୁନ୍ଥି ସେଥିରେ ସିନ୍ଦୁର ଓ କୁକୁମ୍ ଲଗାଇ ଆରାଧକ ଦେବତାଙ୍କୁ ସ୍ମରଣ କରିବେ । ତା' ପରେ ଘରର ଦୁଆର ବନ୍ଧରେ ଝୁଲାଇ ଦବେ । ଯେପରି ମାଳାରେ ପବନ ବାଜି ଘର ଭିତରକୁ ଆସୁଥିବ । ଏପରି କଲେ ପରିବାରରୁ ଅଶାନ୍ତି ଦୂର ହୁଏ । ସର୍ବବିଧ ମଙ୍ଗଳ ହୁଏ । ବ୍ୟବସାୟ ବଢ଼େ । ଚାକିରୀରେ ଉନ୍ନତି ହୁଏ । ବିପଦରୁ ରକ୍ଷା ମିଳେ ।

# କଂକ୍ରିଟରେ ବାଲି ବଦଳରେ ପ୍ଲାଷ୍ଟିକ୍

ସମ୍ପ୍ରତି ଆମ ଦେଶର କୋଠା-ବାଡ଼ି ନିର୍ମାଣ କ୍ଷେତ୍ରରେ ବାଲିର ଅଭାବ ଏବଂ ପରିବେଶ ପ୍ରଦୂଷଣ କ୍ଷେତ୍ରରେ ପ୍ଲାଷ୍ଟିକ୍ ଏକ ବଡ଼ ସମସ୍ୟା । 'ଗୋଆ ଇଂଜିନିୟରିଂ କଲେଜ'ର ଗବେକେମାନେ ଏହାର ସମାଧାନ ପନ୍ଥା ବାହାରକରିବାରେ ସକ୍ଷମ ହୋଇଥିବା ପ୍ରକାଶ । କୋଠା ବାଡ଼ି ନିର୍ମାଣ କ୍ଷେତ୍ରରେ ବାଲି ବଦଳରେ ପ୍ଲାଷ୍ଟିକ୍ ଆବର୍ଜନା ବ୍ୟବହାର କରିବାର ପଦ୍ଧତି, ସେମାନେ ବିକାଶ କରିଛନ୍ତି । ଏହି ପଦ୍ଧତିରେ କଂକ୍ରିଟରେ ବ୍ୟବହାର କରାଯାଉଥିବା ବାଲିର ପରିମାଣ କମାଯିବ ଏବଂ ଏହା ବଦଳରେ ପ୍ଲାଷ୍ଟିକ୍ ଆବର୍ଜନା ବ୍ୟବହୃତ ହେବ । ଫଳରେ ବାଲିର ବ୍ୟବହାର କମିବ । ଏଠି- ସେଠି ଜମୁଥିବା ପ୍ଲାଷ୍ଟିକ୍ ଆବର୍ଜନା କିଛି ପରିମାଣରେ ପୁନଃ ବ୍ୟବହାରଯୋଗ୍ୟ ହୋଇପାରିବ । 'କନଷ୍ଟ୍ରାକସନ ଆଣ୍ଡ ବିଲଡିଂ ମାଟେରିଆଲ' ପତ୍ରିକାରେ ଏ ବାବଦରେ ସବିଶେଷ ବିବରଣୀ ପ୍ରକାଶ ପାଇଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅପପୁଷ୍ଟି ଓ ଖାଦ୍ୟାଭାବର ପରିଣାମ...

ଦେଶରେ ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ସହିତ ଲାଗିରହିଛି ବନ୍ୟା ବିପତ୍ତି । କେଉଁଠି ଭୂସ୍ଖଳନରେ ବହୁ ଧନ-ଜୀବନ କ୍ଷତି ଘଟୁଛି ତ' ଆଉ କେଉଁଠି ବିପ୍ୱାତ କାରଣରୁ ସଡ଼କ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଉଛି । ସାଧାରଣ ଜୀବନ ଯାତ୍ରାକୁ ବର୍ଷାବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟସ୍ତ ହୋଇଦେଇଛି । ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରତିବର୍ଷ ରାଜ୍ୟ ତଥା ଜାତୀୟ ସ୍ତରରେ ନିରାକରଣ କମିଟି ବୈଠକ ବସୁଛି । ତାହା ତୁଚ୍ଛ ଔପଚାରିକତାରେ ପରିଣତ ହେଲା ଭଳି ମନେ ହେଉଛି । ମାତ୍ର ବର୍ଷ ବର୍ଷ ଧରି ସରକାରୀ ପ୍ରସ୍ତୁତି ଯଥାଯୋଗ୍ୟ ଧ୍ୟାନ ପାଇପାରୁ ନଥିବାରୁ ଅଭିଯୋଗ ହେଉଛି । ପ୍ରାକ୍ ପ୍ରସ୍ତୁତିର ଅଂଶବିଶେଷ ବାତ୍ୟା-ବନ୍ୟାରେ ପୀଡ଼ିତଙ୍କ ପାଇଁ କେଉଁଠି କେତେ ଆଶ୍ରୟସ୍ଥଳୀ ହେବ ଓ ତାହାର ଶେଷମୁହୂର୍ତ୍ତ ତଦାରଖ ହେଉଛି । ବନ୍ଧ ମରାମତି ସହିତ ସ୍ଥଳବିଶେଷରେ କୂଅରେ ବିଶୋଧକ ପାଉଡର ଥରେ ଅଧେ ପକାଯାଇ କର୍ତ୍ତବ୍ୟ ସାରି ଦିଆଯାଉଛି । ସରକାରୀ ସ୍ତରରେ ଯାହା କିଛି ପ୍ରସ୍ତୁତି ହେଉଛି, ତାହା ଉପରେ ମାତ୍ରାଧିକ ନିର୍ଭରଶୀଳ ହୋଇପଡୁଛନ୍ତି ଜନସାଧାରଣ । ସହର ଓ ଅପେକ୍ଷାକୃତ ସ୍ୱଚ୍ଛଳ ବର୍ଗଙ୍କ ରହଣିସ୍ଥଳ ପ୍ରତିବର୍ଷ ପ୍ରାକୃତି ବିପତ୍ତି ହେତୁ ଯେମିତି କ୍ଷତିଗ୍ରସ୍ତ ହେଉଛି, ତାହା ସମସ୍ତଙ୍କୁ ଜଣା । ଗ୍ରାମାଞ୍ଚଳ ଅବସ୍ଥା କହିଲେ ନସରେ । କେଉଁଠି ବର୍ଷା ପାଇଁ ବଡ଼ ଘାଇ ସୃଷ୍ଟି ହୋଇ ଅଞ୍ଚଳବାସୀଙ୍କ ଅବସ୍ଥା ବେହାଲ୍ କରିଦେଉଛି । ତୁହାକୁ ତୁହା ବର୍ଷା ଫଳରେ ବିପର୍ଯ୍ୟସ୍ତ ଜନଜୀବନ ପାଇଁ ଦେଖାଉଛେ ବଡ଼ ସମସ୍ୟା । ଏହାର ପ୍ରଭାବ ବିଭିନ୍ନ ଭାବରେ ଦେଖାଦେଉଛି ଝାଡ଼ା ବାନ୍ତି ଓ କାଶ- ଜ୍ୱରାଦି ସଂକ୍ରାମକ ରୋଗ ବ୍ୟାପିବାରେ । ସେହିଭଳି ଝାଡ଼ାବାନ୍ତି ଏବେ ରାୟଗଡ଼ା ଜିଲ୍ଲାର କାଶୀପୁରରେ ଦେଖାଦେଇଛି । ଅପପୁଷ୍ଟି ଓ ଖାଦ୍ୟାଭାବ ପାଇଁ ଅପଖ୍ୟାତି ଅର୍ଜନ କରିଥିବା କାଶୀପୁର କଲେରା ପାଇଁ ଆଜି ଚର୍ଚ୍ଚାରେ । କାଶୀପୁରରେ ଭିବ୍ରିଓ କଲେରା ବ୍ୟାପିବା ଯୋଗୁଁ ଅତି କମ୍‌ରେ ସାତ-ଆଠ ଜଣଙ୍କର ପ୍ରାଣ ଗଲାଣି । ବହୁ ଶିଶୁ ଓ ମହିଳା ପୁରୁଷ ଆକ୍ରାନ୍ତ ହୋଇ ଏବେ ଚିକିତ୍ସାଧିନ ଅଛନ୍ତି । ଏହା ଜଳ ଓ ମଳ ପରୀକ୍ଷା ରିପୋର୍ଟରୁ ଜଣାପଡ଼ିଛି । କାଶୀପୁର ଭଳି ଦୁର୍ଗମ ଅଞ୍ଚଳର ଅଧିକାଂଶ ଜଳଉତ୍ସ ସଂକ୍ରମିତ ହୋଇଛି ଏବଂ କର୍ତ୍ତୃପକ୍ଷ ତାହାର ବ୍ୟବହାର ଅଧିକାଂଶ ଜଳଉତ୍ସ ସଂକ୍ରମିତ ହୋଇଛି ଏବଂ କର୍ତ୍ତୃପକ୍ଷ ତାହାର ବ୍ୟବହାର ଉପରେ ରୋକ୍ ଲଗାଇଛନ୍ତି । କୁହାଯାଉଛି, କାଶୀପୁର ଅଞ୍ଚଳର ସ୍ଥିତି ନିୟନ୍ତ୍ରଣକୁ ଆସିବା ଲାଗି ପାଖାପାଖି ତିନି ମାସ ସମୟ ଲାଗିଯାଇପାରେ । କଲେରା ପ୍ରୋଟୋକଲ୍ ଅନୁଯାୟୀ, କାଶୀପୁରରେ ଅବସ୍ଥା ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରହିଥିବା କୁହାଯାଉଛି । ବ୍ୟବହାର କରୁଥିବା ଜଳ ଉପରେ ମାରାତ୍ମକ ଭୂତାଣୁ ସଂକ୍ରମଣ ଏହାର ପ୍ରଧାନ କାରଣ । ସଂକ୍ରମିତ ଜଳର ବ୍ୟବହାର ନିଷିଦ୍ଧ କରାଯିବା ସହିତ ଲୋକମାନଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଛି । ତାହା ସମ୍ପୃକ୍ତ ଅଞ୍ଚଳ ପାଇଁ କେତେଦୂର ପର୍ଯ୍ୟାପ୍ତ ହେବ, ତାହା କହିହେବ ନାହିଁ । ଜଳ ବିଶୋଧନ ପାଇଁ ଯେଉଁ ତିନିମାସ ଲାଗିଯିବ ବୋଲି କୁହାଯାଉଛି, ତାହା ଅଧିକ ସମୟ ଲାଗିଯାଇପାରେ । ଭିବ୍ରିଓ କଲେରା ହେଉଛି ଏକ ଭିନ୍ନ ପ୍ରଜାତିର । ୨୦୦୭ରେ ପ୍ରଥମ କରି ଆବିଷ୍କୃତ କଲେରା ଭୂତାଣୁ ଅଞ୍ଚଳରେ ସମସ୍ତ ଗାଁକୁ ମାଡ଼ିଯିବା ଫଳରେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି । ସେହି ସମୟରେ ୭୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ଏଥର ସଂକ୍ରମଣ ଅଧିକ ଅଞ୍ଚଳକୁ ଯେପରି ନବ୍ୟାପେ, ସେଥିପାଇଁ ଅନୁଧାନକାରୀ ଟିମ୍ ଟିକିରି ଓ ଡଙ୍ଗାସିଲ ଅଞ୍ଚଳକୁ ପରିଦର୍ଶନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଭିବ୍ରିଓ କଲେରା ଭୂତାଣୁ ସଂକ୍ରମଣର ଆଶଙ୍କା ଥିବାରୁ କର୍ତ୍ତୃପକ୍ଷ କତର୍କତା ଓ ପ୍ରତିଷେଧମୂଳକ ପଦକ୍ଷେପ ନେଉଥିବାର କୁହାଯାଇଛି । ଯେତେ ଜଣ ଏହା ଭିତରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ଲଢୁଛନ୍ତି, ସେମାନଙ୍କୁ ରକ୍ଷା କରିବା ଏବଂ ଅଧିକ ଅଞ୍ଚଳକୁ ତାହା ଯେଭଳି ନବ୍ୟାପେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଏବେ ଅଧିକ ଜରୁରି ହୋଇ ଉଠିଛି । ସରକାରୀ ଓ ବେସରକାରୀ ସଂଗଠନ ଏଥିପ୍ରତି ଉପଯୁକ୍ତ ଧ୍ୟାନ ଦେବା ଆଶା କରିବା ଅହେତୁକ ହେବନାହିଁ । ଅଧିକ ବାରଟି ଜିଲ୍ଲାରେ ପ୍ରବଳ ବର୍ଷା ପୂର୍ବାନୁମାନ ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି । ମାଲକାନଗିରିର ମୋଟୁ ଅଞ୍ଚଳରେ ଗୋଦାବରୀ ନଦୀର ବ୍ୟାକ୍ ୱାଟର ପଶିଆସିବା ଫଳରେ ଲୋକମାନଙ୍କ ସମସ୍ୟା ବଢ଼ିଯାଇଛି । ସେହି ଅଞ୍ଚଳରେ ଜ୍ୱର ଓ ଝାଡ଼ାବାନ୍ତି ଭଳି ଦେଖାଦେବା ଅସ୍ୱାଭାବିକ ଲାଗୁନାହିଁ । ସମାନ ସମସ୍ୟାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ପଦକ୍ଷେପ ନେବା ଜରୁରୀ ମନେହୁଏ ।

## ପାକ୍‌ରେ ଶ୍ରୀଲଙ୍କାର ଭୟ



ସୌମେନ୍ଦ୍ର ଜେନା

ଶ୍ରୀଲଙ୍କାର ଭୟଙ୍କର ଆର୍ଥିକ ସ୍ଥିତି ଏବଂ ଲୋକଙ୍କ ଆନ୍ଦୋଳନ ସହ ରାଷ୍ଟ୍ରପତି ଗୋତବାୟାଙ୍କ ସିଙ୍ଗାପୁରକୁ ପଳାୟନ ଘଟଣା ଏବେ ପଡୋଶୀ ରାଷ୍ଟ୍ର ପାକିସ୍ଥାନରେ ଭୟର କାରଣ ହୋଇଛି । କାରଣ ଉଭୟ ରାଷ୍ଟ୍ର ଚୀନର ଋଣଜାଲରେ ପଡି ଏବେ ମୁକୁଳି ପାରୁନାହାନ୍ତି । ଚୀନ ସହ ନିକଟତା ଦୃଷ୍ଟିରୁ ଦୁଇ ରାଷ୍ଟ୍ରଙ୍କୁ ଋଣ ଦେବାଲାଗି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି କିମ୍ବା ଅନ୍ୟ କୌଣସି ରାଷ୍ଟ୍ର ଆଗେଇ ଆସୁନାହାନ୍ତି । ବିଗତ ଶତାବ୍ଦୀର ଶେଷ ଦଶକରେ ଠିକ୍ ଏମିତି ଘଟଣା ମାର୍କୋସଙ୍କ ଫିଲିପାଇନ୍ସରେ ହୋଇଥିଲା । ସେତେବେଳେ ମାର୍କୋସଙ୍କୁ ଫିଲିପାଇନ୍ସ ଛାଡିବାକୁ ହୋଇଥିଲା । ଏବେ ଆନ୍ଦୋଳନକାରୀ ଜନତା ଶ୍ରୀଲଙ୍କାର ରାଷ୍ଟ୍ରପତି ଭବନକୁ ନିଜ ଦଖଲକୁ ନେଇ ସେଠାରେ ମଉଜ କରିବାର ଭିଡିଓ ସାରା ପୃଥିବୀର ଲୋକେ ଦେଖି ସାରିଛନ୍ତି। ଏପରି ଘଟଣା ପାକ୍‌ରେ ଘଟିବା ଆଦୌ ବଡ କଥା ହେବନାହିଁ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ନିକଟରେ କ୍ଷମତା ହରାଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁ ବର୍ତ୍ତମାନର ଶାହବାଜ ସରିଫଙ୍କ ସରକାର ବିରୋଧରେ ସାରା ପାକିସ୍ତାନରେ ବୁଲି ବୁଲି ସଭା କରିବାରେ ଲାଗିଛନ୍ତି । ଅର୍ଥ ପ୍ରଦାନ ପାଇଁ ମାତ୍ର ୬ ସପ୍ତାହ ଲାଗି ବୈଦେଶିକ ମୁଦ୍ରା ଦେଶରେ ଗଚ୍ଛିତ ଥିବା ଜଣାଯାଇଛି । ଏହି ସମୟ ଭିତରେ ଯଦି ଆର୍ଥିକ ସହାୟତା ପାକ୍ ସରକାରଙ୍କୁ ନମିଳେ ତା ହେଲେ ଅବସ୍ଥା ବହୁତ ଖରାପ ହେବ । କାରଣ ଶ୍ରୀଲଙ୍କାରେ ଆନ୍ଦୋଳନ ଦୀର୍ଘଦିନ ଧରି ଚ୍ଛଲି ଆସିଥିଲେ ମଧ ରକ୍ତପାତ ଆଡକୁ ଯାଇନାହିଁ । ବିକ୍ଷୋଭକାରୀମାନେ ନେତାମାନଙ୍କ ସଂପତ୍ତି, ଘରଦ୍ୱାରକୁ ଟାର୍ଗେଟ କରି ନଷ୍ଟ କରିବା ଦେଖାଯାଇଛି । କିନ୍ତୁ ପାକିସ୍ଥାନରେ ସାଧାରଣ ଜନତା ହିଂସାମୁଖୀ ହେବା ସାଧାରଣ କଥା । ଲକ୍ଷ ଲକ୍ଷ ସଂଖ୍ୟକ ଜିହାଦି ପ୍ରଶିକ୍ଷିତ, ମଦ୍ରସାର ମୌଳବାଦୀ ଶିକ୍ଷାପ୍ରାପ୍ତ ଲୋକେ ପାକ୍‌ରେ ଥିଲାବେଳେ ଗୁଳିଗୋଳା ଚ୍ଛଲିବା, ଆତ୍ମଘାତୀ ବାହିନୀର ଆକ୍ରମଣ କୌଣସି ବଡ କଥା ନୁହେଁ । ସେହି ଭୟ ଏବେ ସାଧାରଣରେ ସୃଷ୍ଟି ହେବାରେ ଲାଗିଛି । ଶ୍ରୀଲଙ୍କାର ଅର୍ଥନୀତି ଖରାପ ସ୍ଥିତିକୁ ଯାଉଛି ବୋଲି ଗତ ଛଅ ମାସ ହେଲା ଆଲୋଚନା ହୋଇଆସିଛି । ଦେଶର ଅର୍ଥନୀତିଜ୍ଞ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସତର୍କତା ସତ୍ତ୍ୱେ ଦେଶ ଚଳାଉଥିବା ରାଜପାକ୍ଷ ପରିବାର ସମସ୍ୟାର ସମାଧାନ ନକରିପାରିବା ଯୋଗୁ ସେମାନେ ଜନତାଙ୍କ ଆକ୍ରୋଶର ଶିକାର ହୋଇଛନ୍ତି । ସେହିପରି ଅସ୍ଥିରତା ଖୁବ ଶିଘ୍ର ପାକିସ୍ଥାନରେ ସୃଷ୍ଟି ହେବ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ।

ଶାହବାଜ ସରିଫଙ୍କ ସରକାର ପାଇଁ ଶକ୍ତିସଙ୍କଟ ବଡ ଆହ୍ୱାନ ସୃଷ୍ଟି କରିଛି । ବିଗତ ଏକ ମାସ ହେଲା ସରକାର ଗ୍ୟାସ ଟେଣ୍ଡର ଦେବାକୁ ଘୋଷଣା କରିଥିଲେ ମଧ ଟେଣ୍ଡର ନେବାକୁ କୌଣସି କମ୍ପାନୀ ଆଗେଇ ଆସିବା ଦେଖାଯାଉନାହିଁ । କାରଣ ପାକ୍ ସରକାରଙ୍କ ନିକଟରେ ପର୍ଯ୍ୟାପ୍ତ ଅର୍ଥ ନଥିବା ହେତୁ ଅର୍ଥପ୍ରଦାନର ଗ୍ୟାରେଣ୍ଟି ନାହିଁ । ତେଣୁ କୌଣସି କମ୍ପାନୀ ଜାଣିଜାଣି ହାଣପାଇଁ ବେକ ବଢାଇବାକୁ ଆସୁନାହାନ୍ତି । ବିଗତ ଦିନରେ ସରିଫ ସରକାର ଗ୍ୟାସ ଦର ୪୩ ପ୍ରତିଶତରୁ ୨୩୫ ପ୍ରତିଶତକୁ ବୃଦ୍ଧି କରି ଚଳିତ ମାସ ୧ ଜୁଲାଇରୁ ଲାଗୁ କରିବାକୁ ଘୋଷଣା କରିସାରିଛନ୍ତି । ସରକାର ପ୍ରାୟ ୬୬୦ ବିଲିଅନ ଡଲାର ଅର୍ଥ ଗ୍ୟାସ ଗ୍ରାହକମାନଙ୍କଠାରୁ ପାଇବାକୁ ଲକ୍ଷ୍ୟ ରଖିଛନ୍ତି । ସେମିତି ଗତ ଦୁଇମାସରେ ପେଟ୍ରୋଲ ଦର ୧୫୦ରୁ ବଢି ୨୦୦ରେ ପହଞ୍ଚିଯାଇଛି । ପାକ୍ ଟଙ୍କାର ମୂଲ୍ୟ ୧ ଡଲାର ତୁଳନାରେ ୨୨୧ ଟଙ୍କାକୁ ଖସିଲାଣି । ଗତବର୍ଷ ଜୁନ୍‌ରେ ଡଲାରର ମୂଲ୍ୟ ପାକ୍ ଟଙ୍କାରେ ୧୫୭.୫୪ ଥିଲା । ୨୦୨୨ରେ ପାକ୍ ଟଙ୍କା ଏସିଆର ସବୁଠାରୁ ଦୁର୍ବଳ ମୁଦ୍ରାରେ ପରିଗଣିତ ହେଉଛି । ନଭେମ୍ବର ୨୦୧୯ରୁ ଷ୍ଟେଟ ବ୍ୟାଙ୍କ୍ ଅଫ୍ ପାକିସ୍ଥାନ ପକ୍ଷରୁ ସଙ୍କଟ ସଂପର୍କରେ ତତ୍‌କାଳୀନ ସରକାରଙ୍କୁ ଅବଗତ କରାଯାଇଥିଲା । ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇମରାନ ଖାଁ ବ୍ୟବସ୍ଥାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଚେଷ୍ଟା କରି ସଫଳ ହୋଇନଥିଲେ । ପାକ୍ ସରକାରଙ୍କ ହାତରେ ମାତ୍ର ୮.୨୪ କୋଟି ଡଲାର ବିଦେଶୀ ମୁଦ୍ରା ଗଚ୍ଛିତ ରହିଛି, ଯାହା ଆମଦାନୀ ପାଇଁ ଅତିବେଶିରେ ଦେଢମାସ ପାଇଁ ସମ୍ଭାଳିପାରେ । ଏହି ବିଷୟକୁ ଲକ୍ଷ୍ୟ କରି ବିଦେଶରୁ ଆମଦାନୀ ହେଉଥିବା ଚ୍ଛହାଗୁଣ୍ଡ କମ ବ୍ୟବହାର କରିବାକୁ ଲୋକମାନଙ୍କୁ ପାକ୍ ସରକାର କହି ସାରିଛନ୍ତି । ଶେଷ ଅସ୍ତ୍ରଭାବେ ଗଚ୍ଛିତ ଥିବା ୬୪.୬ଟନ ସୁନାକୁ ବନ୍ଧକ ରଖି ସରକାର ଋଣ କରିବାକୁ ଯୋଜନା କରିଛନ୍ତି । ପାକ୍ ସରକାର ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିଠାରୁ ୬ ବିଲିଅନ ଡଲାର ଋଣମୁକ୍ତି ପାଇଁ ପାଇବାକୁ ଚେଷ୍ଟା ଚଳାଇଛନ୍ତି । ଏଥିପାଇଁ ବିଗତ ଦିନରେ ପାକ୍ ସରକାର ୨୨ଥର ଆଲୋଚନା କରିଛନ୍ତି । ୫୫ ବିଲିଅନ ଡଲାର ଋଣ ପାଇଁ ଶ୍ରୀଲଙ୍କା ଦେବାଳିଆ ହେଲା ବେଳେ ୮୮ ବିଲିଅନ ଡଲାର ଋଣ ବୋଝ ଧରି ପାକିସ୍ଥାନ ବୁଲୁଛି । ଏଥିରେ ୬୪ ବିଲିଅନ ଋଣ କେବଳ ଚୀନର ରହିଛି । ଯାହା ସି-ପେକ୍ ପ୍ରକଳ୍ପ ପାଇଁ ୨୦୧୪ରେ ୪୭ବିଲିଅନ ହେବ ବୋଲି ଆକଳନ ହୋଇଥିଲା । ୨୦୧୮ରେ ପାକିସ୍ଥାନ ପାଇଁ ଏମିତି ପରିସ୍ଥିତି ଆସିଥିଲା । ସେତେବେଳେ ପାକ୍ ସରକାର ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଋଣ ପାଇବାକୁ ଉଦ୍ୟମ କଲାବେଳେ ଚୀନ, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଅମିରାତ୍ ପରି ରାଷ୍ଟ୍ର ପାକିସ୍ଥାନକୁ ସମର୍ଥନ କରିଥିଲେ । ଏବେ କୌଣସି ରାଷ୍ଟ୍ର ପାକିସ୍ଥାନକୁ ସମର୍ଥନ କରିବାକୁ ପ୍ରସ୍ତୁତ ନାହାନ୍ତି । କାରଣ ଦୀର୍ଘଦିନ ହେବ ନିଅଣ୍ଟିଆ ବଜେଟ ପ୍ରସ୍ତୁତି, ଅର୍ଥ ପରିଚ୍ଛଳନାରେ ବିଶୃଙ୍ଖଳା, ଦୁର୍ବଳ ଟିକସ ସଂଗ୍ରହ ବ୍ୟବସ୍ଥା, ଅନାବଶ୍ୟକ ସବ୍‌ସିଡି ପ୍ରଦାନ, ଘରୋଇ ଉତ୍ପାଦନ ନହେବା, ଅନେକ ବସ୍ତୁ ବିଦେଶରୁ ଆମଦାନୀ କରିବା ଯୋଗୁ ପାକ୍‌ରେ ଆର୍ଥିକ କ୍ଷେତ୍ରରେ ଗୋଳମାଳ ସୃଷ୍ଟି ହୋଇଛି । ଏହା ସହ ବାରମ୍ବାର ଶାସନଗତ ଅସ୍ଥିରତା, ସନ୍ତ୍ରାସବାଦ ଏବଂ ମୌଳବାଦକୁ ସମର୍ଥନ ଯୋଗୁ ବିଶ୍ୱରେ ପାକିସ୍ଥାନ ଏକାକୀ ହୋଇପଡିଛି । ପାକ୍ ପ୍ରଧାନମନ୍ତ୍ରୀ ସରିଫ୍ ଶାସନକୁ ହାତକୁ ନେଇ ସଙ୍କଟର ସମାଧାନ କରିବେ ବୋଲି ଯେମିତି ଭାବିଥିଲେ ତାହା ଏବେ ସହଜ ଜଣାପଡୁନାହିଁ । ପାକ୍‌ର ସହଯୋଗୀ ଚୀନ, ସାଉଦି ଆରବ, ତୁର୍କୀ, ୟୁନାଇଟେଡ୍ ଆରବ ଏମିରେଟ ଆଦି ଦେଶ ବର୍ତ୍ତମାନ ପରିସ୍ଥିତିରେ ପାକିସ୍ଥାନକୁ ସହଯୋଗ କରିବାକୁ ପ୍ରସ୍ତୁତ ନାହାନ୍ତି । ବିଗତ ଦିନରେ ଫ୍ରାନ୍ସ ବିରୋଧରେ ପାକ୍ ସରକାରଙ୍କ ମୌଳବାଦୀଙ୍କୁ ସମର୍ଥନ ଯୋଗୁ ୟୁରୋପିୟ ସଂଘର ଅନ୍ୟାନ୍ୟ ରାଷ୍ଟ୍ର ମଧ ପାକ୍ ପକ୍ଷରେ ନାହାନ୍ତି । ଇମରାନଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଆମେରିକାକୁ ଖୋଲା ସମାଲୋଚନା ଯୋଗୁ ବାଇଡେନ ପ୍ରଶାସନ ପାକ୍‌କୁ ସାହାଯ୍ୟ କରିବା ମନସ୍ଥିତିରେ ନାହିଁ । ରୁଷିଆ -ୟୁକ୍ରେନ ଯୁଦ୍ଧ କାଳରେ ଇମରାନଙ୍କ ମସ୍କୋ ଯାତ୍ରାକୁ ଆମେରିକା ସମେତ ବହୁ ପାଶ୍ଚାତ୍ୟ ରାଷ୍ଟ୍ର ଭଲ ଦୃଷ୍ଟିରେ ଗ୍ରହଣ କରିନଥିଲେ । ଏହାବାଦ ଦୀର୍ଘ ଚ୍ଛରି ଦଶନ୍ଧି ଧରି ମୁଜାହିଦୀନ ଓ ତାଲିବାନଙ୍କୁ ପ୍ରଶିକ୍ଷଣ, ସୁରକ୍ଷା ଓ ଆର୍ଥିକ ସହାୟତା ଯୋଗାଇ ପାଳି ଆସିଥିବା ପାକିସ୍ଥାନ ଗତବର୍ଷ ଅଗଷ୍ଟ ମାସରେ ଆଫଗାନିସ୍ଥାନରେ ତାଲିବାନଙ୍କ କ୍ଷମତା ଦଖଲ ପାଇଁ ସେନା ଯବାନ ଓ ଅଧିକାରୀଙ୍କୁ ପଠାଇ ସାହାଯ୍ୟ କରିଆସିଥିଲା । ଶକ୍ତିସଙ୍କଟର ସମାଧାନ ପାଇଁ ତାଲିବାନ ସରକାରଠାରୁ ଶସ୍ତାରେ କୋଇଲା ପାଇବାକୁ ପାକିସ୍ଥାନ ସରକାର ଆଶା ରଖିଥିଲେ । କିନ୍ତୁ ବାସ୍ତବରେ ତାହା ଫଳବତୀ ହୋଇନାହିଁ । ଟନ୍ ପିଛା କୋଇଲା ୬୦ ଟଙ୍କା ନେଉଥିବା ତାଲିବାନ ପାକ୍ ସରକାରଙ୍କ ପାଇଁ ୨୦୦ଟଙ୍କା ଦାବି କରିବା ପରେ ଆଫଗାନିସ୍ଥାନକୁ ନିଜର ଲାଭ ପାଇଁ ଉପଯୋଗ କରିବାକୁ ଆଶା ରଖିଥିବା ପାକ୍‌ର ମନ ମଉଳିଯାଇଛି । ଡୁରାଣ୍ଡ ଲାଇନ ଅଞ୍ଚଳରେ ତାରବାଡକୁ କେନ୍ଦ୍ର କରି ତାଲିବାନ- ପାକ୍‌ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଜାରି ରହିଛି । ଉଭୟପକ୍ଷ ଗୁଳିଗୋଳା ବ୍ୟବହାର କରିବା ପରେ ତିକ୍ତତା ବୃଦ୍ଧି ପାଇଛି । ପାକ୍ ବିରୋଧୀ ତେହରିକେ ତାଲିବାନ ଗୋଷ୍ଠୀ ଦୁଇଦେଶର ସୀମାନ୍ତ ଅଞ୍ଚଳରେ ସନ୍ତ୍ରାସ ଜାରି ରଖିଥିବା ବେଳେ ପାକ୍ ସରକାର ତେହରିକେ ତାଲିବାନକୁ ସହାୟତା ଏବଂ ଆଶ୍ରୟ ନଦେବା ପାଇଁ କହିବା ସତ୍ତ୍ୱେ ତାଲିବାନ ସରକାର ସେଥିପ୍ରତି କର୍ଣ୍ଣପାତ କରିନାହିଁ । ନିକଟରେ କାବୁଲରେ ପୁନର୍ବାର ଭାରତର ଦୂତାବାସ ଖୋଲାଯିବା ପରେ ଆଫଗାନିସ୍ଥାନରୁ ଭାରତର ପ୍ରଭାବକୁ ହଟାଇବାକୁ ଲକ୍ଷ୍ୟ ରଖିଥିବା ପାକିସ୍ଥାନ ଏବେ ଚିନ୍ତାରେ ପଡିଯାଇଛି । କାଶ୍ମିରକୁ ଆଧାର କରି ତାଲିବାନ ଅଞ୍ଚଳରୁ ଲସକର ଏବଂ ଅନ୍ୟାନ୍ୟ ମୁଜାହିଦୀନ ସନ୍ତ୍ରାସୀଙ୍କୁ ଭାରତକୁ ପଠାଇବାକୁ ପାକ୍‌ର ଲକ୍ଷ୍ୟ ଥିଲା ବେଳେ ତାଲିବାନ ଭାରତ ବିରୋଧୀ ସନ୍ତ୍ରାସ ପାଇଁ ଆଫଗାନିସ୍ଥାନକୁ ବ୍ୟବହାର କରାଯିବ ନାହିଁ ବୋଲି ଘୋଷଣା କରିଛି । ତେଣୁ ପାକ୍ ସେନାମୁଖ୍ୟ ବାଜୱା ବାଧ ହୋଇ ଆଫଗାନିସ୍ଥାନରେ ଭାରତର ଗୁପ୍ତଚର ସକ୍ରୀୟ ହୋଇଥିବା ବିଷୟ ଘୋଷଣା କରିଛନ୍ତି ।

ବଡକଥା ହେଲା ଦେଢମାସର ଅର୍ଥ ଖର୍ଚ୍ଚ ହେଲା ପରେ ଅବସ୍ଥା କଣ ହେବ ସେହି ଚିନ୍ତାରେ କେବଳ ପାକ୍ ସରକାର ନୁହନ୍ତି,ସାଧାରଣ ଜନତା ମଧ ଚିନ୍ତିତ । ପାକ୍‌ର ଗଣମାଧ୍ୟମରେ ଏହି ବିଷୟରେ ଆଲୋଚନା ଜାରି ଥିଲାବେଳେ ବହୁ ଆଲୋଚକ ସାହାଯ୍ୟ ପାଇଁ ମୋଦିଙ୍କୁ କୁହାଯିବା ସପକ୍ଷରେ ମତ ଦେଇଛନ୍ତି । ମାଳଦ୍ୱୀପ, ଶ୍ରୀଲଙ୍କାକୁ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ଭାରତ ଏବେ ପାକିସ୍ଥାନକୁ ମଧ ଆର୍ଥିକ ସହାୟତା ଦେଇପାରେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଶରିୟତ ଲାଗୁ କରିବାର ଝାଡଖଣ୍ଡ ମଡେଲ



ଡ. ସମନ୍ୱୟ ନନ୍ଦ

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ଭାରତର ବିଭାଜନ ମଧ ହୋଇଥିଲା । କାରଣ କିଛି ମୁସଲମାନ ନେତା ସେତେବେଳେ କହିଥିଲେ ଯେ ହିନ୍ଦୁ ମାନଙ୍କ ସହ ମୁସଲମାନ ମାନେ ରହିବା ସମ୍ଭବ ନୁହେଁ । ତତ୍କାଳୀନ କଂଗ୍ରେସ ନେତୃତ୍ୱ ଏହି ଇସଲାମୀ ଶକ୍ତି ମାନଙ୍କ ଆଗରେ ମୁଣ୍ଡ ନୂଆଇଁ ଥିଲା ଓ ଭାରତର ବିଭାଜନ ହୋଇଥିଲା । ଭାରତ ବିଭାଜନ ପରେ ଯେଉଁ ଅଲଗା ଦେଶ ତିଆରି ହେଲା ତାହାକୁ ସେମାନେ ଇସଲାମୀ ଦେଶର ମାନ୍ୟତା ପ୍ରଦାନ କଲେ । ପାକିସ୍ତାନ ସରକାରୀ ଭାବେ ଇସଲାମୀ ଦେଶ ଭାବେ ପରିଗଣିତ ହେଲା । ଅପର ପକ୍ଷେ ଭାରତରେ କେବେ ହେଲେ ପୂଜା ପଦ୍ଧତି ନେଇ କେବେ କାହା ସହ ଭେଦଭାବ କରା ଯାଇ ନଥିବା କାରଣରୁ ଭାରତ ପାକିସ୍ତାନ ଭଳି ଥିଓକ୍ରେଟିକ ଦେଶ ହୋଇ ନ ଥିଲା ।

ପାକିସ୍ତାନ ଇସଲାମୀ ଦେଶ ହୋଇଥିବା କାରଣରୁ ସେଠାରେ ଇସଲାମୀ ଆଇନ ଅଥବା ଶରିଆ ଆଇନ କିଛି ମାତ୍ରାରେ ଲାଗୁ ହେଲା । ଏବେ ଭାରତରେ ମଧ ସେହି ଟ୍ରେଣ୍ଡ ଦେଖା ଯିବା ଆରମ୍ଭ ହେଲାଣି । ଭାରତକୁ ବିଭାଜନ କରାଇ ପାକିସ୍ତାନ ନିର୍ମାଣ କରିବା ପରେ ମଧ ଭାରତରେ ଥିବା ଇସଲାମିଷ୍ଟ ମାନଙ୍କର ସେହି ବିଭାଜନକାରୀ ମାନସିକତାରେ କୌଣସି ପରିବର୍ତ୍ତନ ଆସି ନ ଥିବା ଗତ କିଛି ଦିନର ଘଟଣାରୁ ସ୍ପଷ୍ଟ ହେଉଛି ।

ପ୍ରଥମେ କର୍ଣ୍ଣାଟକରେ ଏକ ମହାବିଦ୍ୟାଳୟରେ ମୁସଲମାନ ଛାତ୍ରୀ ମାନେ ହିଜାବ ପିନ୍ଧି ଆସିବାକୁ ଦାବି କରିଥିଲେ । ସେତେବେଳେ ଏହାକୁ ନେଇ ଖୁବ ବିବାଦ ହୋଇଥିଲା ଓ ମାମଲା କୋର୍ଟ ଯାଏ ଗଲା ।

ଏବେ ଝାଡଖଣ୍ଡରୁ ଏକ ବିପଜ୍ଜନକ ଚିତ୍ର ସାମନାକୁ ଆସିଛି। ଝାଡଖଣ୍ଡରେ ଏକ ଜାମତଡା ଜିଲ୍ଲା ନାମକ ଏକ ଜିଲ୍ଲା ରହିଛି । ଏହି ଜିଲ୍ଲାର ଏକ ଘଟଣା ବର୍ତ୍ତମାନ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁରେ ଅଛି । ସାଧାରଣ ଭାବେ ସାରା ଭାରତରେ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟାଳୟ ହେଉ ବା ସରକାରୀ କିମ୍ବା ବେସରକାରୀ ସ୍କୁଲ ହେଉ ରବିବାର ଦିନ ଛୁଟି ହୋଇଥାଏ । ହେଲେ ଜାମତଡା ଜିଲ୍ଲାରେ ଶହେରୁ ଅଧିକ ବିଦ୍ୟାଳୟରେ ଗତ କିଛି ବର୍ଷ ହେଲା ରବିବାର ବଦଳରେ ଜୁମ୍ମା ଅର୍ଥାତ ଶୁକ୍ରବାର ଦିନ ଅବକାଶ ହେଉଛି । ଏ ସମ୍ପର୍କରେ ଗଣମାଧମରେ ରିପୋର୍ଟ ପ୍ରକାଶ ପାଇବା ପରେ ତନାଘନା ଆରମ୍ଭ ହେଲା । ଏଥିରୁ ଜଣା ପଡିଲା ଯେ ଯେଉଁ ସ୍କୁଲ ଗୁଡିକରେ ରବିବାର ବଦଳରେ ଜୁମ୍ମା ଅର୍ଥାତ ଶୁକ୍ରବାର ଦିନକୁ ଅବକାଶ ଘୋଷଣା କରା ଯାଇଥିଲା ସେହି ଅଂଚଳରେ ୭୦ ପ୍ରତିଶତ ଜନତା ହେଉଛନ୍ତି ମୁସଲମାନ । ଅର୍ଥାତ ସେହି ଅଂଚଳରେ ମୁସଲମାନ ମାନଙ୍କ ସଂଖ୍ୟା ବଢିଯିବା କାରଣରୁ ସେମାନେ ସ୍କୁଲର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ମାନଙ୍କୁ ଧମକ ଚମକ ଦେବା ସହ ବାଧ କରି ରବିବାର ବଦଳରେ ଶୁକ୍ରବାର ଦିନ ଛୁଟି କରାଇ ନେଇଛନ୍ତି । ଏବେ ଜଣା ପଡୁଛି ସେତେବେଳେ ଏହି ସ୍କୁଲ ମାନଙ୍କର ପ୍ରଧାନ ଶିକ୍ଷକ ମାନେ ହେମନ୍ତ ସୋରେନ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀ ମାନଙ୍କୁ ମୁସଲମାନ ଗ୍ରାମବାସୀ ମାନଙ୍କ ଦ୍ୱାରା ତାଙ୍କୁ ଧମକ ଚମକ ଦେଉଥିବା ସମ୍ପର୍କରେ ଅବଗତ କରାଇଥିଲେ ସୁଦ୍ଧା ଶିକ୍ଷା ବିଭାଗର ଅଧିକାରୀ ମାନେ କୌଣସି ପ୍ରକାର କର୍ଣପାତ କରି ନ ଥିଲେ । ଫଳରେ ଗତ କିଛି ବର୍ଷ ହେଲା ଏହି ମୁସଲମାନ ବହୁଳ ସ୍କୁଲ ମାନଙ୍କରେ ରବିବାର ବଦଳରେ ଜୁମାରେ ଛୁଟି ହେଉଛି । କେବଳ ସେତିକି ନୁହେଁ ଏହି ମୁସଲମାନ ମାନେ ସରକାରୀ ସ୍କୁଲ ଆଗରେ ଜୋର ଜବରଦସ୍ତି ଉର୍ଦ୍ଦୂ ସ୍କୁଲ ବୋଲି ମଧ ଲେଖା କରାଇ ଦେଇଛନ୍ତି । ସରକାରୀ ସ୍କୁଲ ଗୁଡିକୁ ଉର୍ଦ୍ଦୁ ସ୍କୁଲ ବୋଲି ମୁସଲମାନ ମାନେ ଘୋଷଣା କରି ଦେଇଛନ୍ତି । ଏହା ଆଉ ଏକ ଉଦବେଗର ବିଷୟ ।

ପରବର୍ତ୍ତୀ ସମୟରେ ଜଣା ପଡିଲା ଯେ କେବଳ ଜାମତଡା ଜିଲ୍ଲାରେ ହିଁ ଏପରି ଘଟି ନାହିଁ । ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ନିଜ ଜିଲ୍ଲାରେ ମଧ ଏଭଳି ଘଟଣା ମାନ ଘଟିଛି । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ହେଉଛି ଦୁମକା । ଏହି ଜିଲ୍ଲାରେ ୩୩ଟି ସରକାରୀ ସ୍କୁଲ ଏପରି ରହିଛି ଯେଉଁଥିରେ ସ୍କୁଲ ଗୁଡିକର ନାମ ଆଗରେ ଉର୍ଦ୍ଦୁ ସ୍କୁଲ ଯୋଡି ଦିଆ ଯାଇଛି । ମୁସଲମାନ ବହୁଳ ଅଂଚଳରେ ଥିବା ଏହି ସରକାରୀ ସ୍କୁଲ ମାନଙ୍କରେ ମଧ ରବିବାର ବଦଳରେ ଶୁକ୍ରବାର ଦିନ ଛୁଟି ହେଉଛି ।

ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏଭଳି ଘଟଣା ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟରେ ପକାଇ ଦେଇଛି । ସ୍ଥାନୀୟ ଗଣମାଧମ ରିପୋର୍ଟରେ କୁହା ଯାଇଛି ଯେ ଏହି ସ୍କୁଲର ମଧ୍ୟାହ୍ନ ଭୋଜନ ମେନ୍ୟୁରେ ଲେଖା ଯାଇଛି ଯେ ଏଠାରେ ରବିବାର ଦିନ ଖାଦ୍ୟ ବିତରଣ କରାଯାଇଥାଏ ଓ ଜୁମ୍ମା ଅର୍ଥାତ ଶୁକ୍ରବାର ଦିନ ସ୍କୁଲ ବନ୍ଦ ରହେ । ପ୍ରଶାସନକୁ ସୂଚନା ନ ଦିଆ ଯାଇ ଏହି ସ୍କୁଲ ଗୁଡିକୁ ଉର୍ଦ୍ଦୁ ସ୍କୁଲ କରି ଦିଆଯାଇଛି, କାରଣ ଏହି ଅଂଚଳରେ ମୁସଲମାନ ମାନଙ୍କ ସଂଖ୍ୟା ଅଧିକ ।

ମୁସଲମାନ ବହୁଳ ଅଂଚଳରେ ଯେ କେବଳ ରବିବାର ବଦଳରେ ଜୁମା ଅର୍ଥାତ ଶୁକ୍ରବାର ଦିନ ସ୍କୁଲ ଛୁଟି କରିବାକୁ ବାଧ୍ୟ କରାଯାଉଛି ତା ନୁହେଁ ହାତ ଯୋଡି ପ୍ରାର୍ଥନା କରିବାର ପରମ୍ପରାକୁ ବଦଳାଇ ଦିଆଯିବାର ଚାଂଚଲ୍ୟକର ଖବର ମଧ ସାମନାକୁ ଆସିଛି । ଝାଡଖଣ୍ଡରେ ହିଁ ଗଡୱା ଜିଲ୍ଲାରେ ମୁସଲମାନ ବହୁଳ ଗାଁର ସ୍କୁଲରେ କଟ୍ଟରପନ୍ଥୀ ମୁସଲମାନ ମାନେ ହାତ ଯୋଡି ପ୍ରାର୍ଥନାକୁ ବନ୍ଦ କରାଇଛନ୍ତି । ଏହା ମଧ ବର୍ତ୍ତମାନ ଗଣମାଧମର ଚର୍ଚ୍ଚାର କେନ୍ଦ୍ର ବିନ୍ଦୁରେ ରହିଛି

ଝାଡଖଣ୍ଡରେ ଯେଉଁ ସବୁ ଘଟଣା ଗତ କିଛି ଦିନ ମଧରେ ଘଟିଛି ତାହା ଅତ୍ୟନ୍ତ ଉଦବେଗଜନକ । ଏହି ଘଟଣାରୁ ସାଧାରଣ ଭାବେ କିଛି ନିଷ୍କର୍ଷ ବାହାର କରା ଯାଇ ପାରେ । ପ୍ରଥମଟି ହେଲା କୌଣସି ସ୍ଥାନର ଡେମୋଗ୍ରାଫିରେ ପରିବର୍ତ୍ତନ ଘଟିଲେ ଏପରି ଘଟଣା ସାମନାକୁ ଆସିବ । ଭାରତର ସମ୍ବିଧାନରେ ଯାହା ଲେଖା ହୋଇ ଥାଉ ନା କାହିଁକି ଇସଲାମିଷ୍ଟ ଶକ୍ତି ମାନେ ସଂଖ୍ୟା ବଳ ଆଧାରରେ ବଳ ଓ ଚାପ ପ୍ରୟୋଗ କରି ଧୀରେ ଧୀରେ ଦେଶର ରେ ଚାଲିଥିବା ବ୍ୟବସ୍ଥା ଓ ପରମ୍ପରାକୁ ବଦଳାଇବାକୁ ଚେଷ୍ଟା କରିବେ । ଧୀରେ ଧୀରେ ସେମାନେ ଶରିଆ ଆଇନ ଲାଗୁ କରିବାକୁ ପ୍ରୟାସ କରିବେ ।(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### ପ୍ରଭାତ

ବାପିନି ସିଂ

ଦିନର ଆରମ୍ଭ ପ୍ରଭାତରୁ ହୁଏ
ରାତିର ଆରମ୍ଭ ସଞ୍ଜ
ସବୁ ପ୍ରଭାତର ଅନୁଭବ ଏକ
ଭରିଦିଏ ନୂଆ ରଙ୍ଗ ।

ରଙ୍ଗରେ ପ୍ରଭାତ ଚୁନା ଚୁନା ଖରା
ସୁନେଲି କିରଣ ଝରେ
ମଧୁର ପ୍ରଭାତ ଅତି ମନୋରମ
ପ୍ରାଣକୁ ସୁଶୋଭିତ କରେ ।

ପକ୍ଷୀର କାକଳି ମୃଦୁ ସମୀରଣ
ମଙ୍ଗଳ ଆଳତି ପଦ
ପଦରେ ଗୋବିନ୍ଦ ହୁଏ ଗୁଞ୍ଜରିତ
ମନେ ଆସେ ଦିବ୍ୟ ଭାବ ।

ବାଜେ ଶୁଭ ଶଙ୍ଖ ମୃଦଙ୍ଗ ତାଳରେ
କର ଦିଏ କରତାଳି
ଗଗନେ ପବନେ ଶୁଭେ ଉଚ୍ଚାରଣ
ହରିବୋଲ ହୁଳହୁଳି ।

ଅତି ମନଲୋଭା ସୁନେଲି ସକାଳ
ପୁଲକିତ କରେ ପ୍ରାଣ
ନୂଆ ନୂଆ ଲାଗେ ପ୍ରତିଟି ସକାଳ
ଈଶ୍ୱରଙ୍କ ଅବଦାନ ।

ପ୍ରତି ପ୍ରଭାତରେ ମନ ଥାଏ ମୋର
ସକାଳ ସାଥିରେ ଭାବ
ମୁଖ ପଖାଳିଲେ ଆସେ ସେ ସକାଳ
ଭାରି ମିଠା ତା'ର ପଦ ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ: ୯୯୩୭୮୨୦୮୩୧

### ମନ ମରୀଚିକା

ନୂତନ କୁମାର ବେହେରା

ଗାଧୁଆ ତୁଠର ସ୍ଥିର ପାଣିରେ
ନିଜର ସୁନ୍ଦର ମୁହଁ ଝଲସି ଉଠେ
ହଲି ଯାଏ ଯେବେ ପବନ ଧୋକାରେ
ସେ ପ୍ରତିଛବି ତାର ହଜି ଯାଏ
ଖୋଜିଲେ ଜମାରୁ ମିଳେନା ଆଉ
ଜହ୍ନକୁ ମୁଠେଇ ଧରିବାକୁ
ହାତ ବଢାଇଲେ ଲମ୍ବେଇ ଯେତେ
ଘୁଞ୍ଚିଯାଏ ସିଏ ଅପହଞ୍ଚ ଦୂରତାକୁ
ଖୋଜିବାର ପାଇବାର ପ୍ରବଳ ଇଚ୍ଛା
କଇଁଛ ପରି ନିରୋଳାରେ
କାଢୁଥାଏ ତାର ବେକ ଆଶଙ୍କାରେ
ଗଛରୁ ପତର ଖଣ୍ଡିଏ ଖସି ପଡିଲେ
ଠସ୍ କରେ ତା ଶବଦ
ଡରରେ ପକ୍ଷୀଟା କରେ ଫଡ଼ ଫଡ଼
ବିଲୁଆ ଛକି ବସିଛି ଦ୍ୱାରେ
ମୂଷା ପାରୁନି ବାହାରି ପଦାକୁ
ବଞ୍ଚିବାର ଢେର୍ ଢେର୍ ଆଶା
ସାଇତା ଥାଇ ବି ପାଖରେ
ନୀରିହ ଛେଳି ପରି
ଦୈନିକ ହାଣ ଖାଉଛି ଜୀବନ
ଭାଇ ଭଗାରିର ବାଦ ଏଠି
ଏଇଟା ସେଇଟା ଇଚ୍ଛା ପୂରଣ ପାଇଁ
ଲାଗୁଛି ଜୁଆଖେଳର ବାଜି
ହାରିଗଲେ ଦାନରେ ଯାଉଛି ସବୁ
ରହୁ ନାହିଁ ମାନ କି ମର୍ଯ୍ୟାଦା
ଜିତିଗଲେ କଙ୍କାଳ ବି
କରୁଛି ସଗର୍ବରେ ଅଟହାସ
ଯେତେ ହେଲେ ବି କିଛିରେ ନାହିଁ
ଟିକିଏ ଶାନ୍ତି କି ତୃପ୍ତି
ସମୟ ସବୁ ହୋଇ ଯାଉଛି
ଅନ୍ନଛତ୍ରର ଖାଦ୍ୟ ଭଳି ଅକୁଳାଣ
ଭରସା ଅନ୍ୟକୁ କରିବ କଣ
ନିଜ ଛାଇ ନିଜେ ଦେଖି ଡରୁଛି
ବାହାର ଅଗଣା ସାରା ଆବର୍ଜନା
ଭିତର କାହାକୁ ଅବା ଦିଶୁଛି
ରଙ୍ଗ ଖସି ଦେଲେ ସବୁ ଚକ୍ ଚକ୍
ତଣ୍ଟି ଶୁଖେ ଶୋଷର କଷ୍ଟରେ
ଦଉଡେ ମରୁଭୂମି ସାରା ବିକଳେ
ମିଳେନି ପାଣି ଟୋପାଏ ବି
ଦରମଲା ପ୍ରାଣ ହୁଏ ଛଟପଟ
ବୁଝେନା ସିଏ ତା ମନ ହିଁ ମରୀଚିକା ।

ବାରିପଦା, ମୟୂରଭଞ୍ଜ

### ସହଧର୍ମିଣୀ

ରମେଶ ଚନ୍ଦ୍ର ନାୟକ

ବାପ ଘର ଛାଡି ଶାଶୁ ଘର ଆସେ
ସାଜି ନବ ବଧୂ ଗୃହିଣୀ
ସ୍ୱାମୀ ହାତ ଧରି ବାଟ ଚାଲୁଥାଏ
ସିଏ ପରା ସହଧର୍ମିଣୀ ।

ସାକ୍ଷୀ ରଖି ଅଗ୍ନି ନେଇଛି ସପଥ
ସାତ ଜନମକୁ ଏକାଠି
ହାତେ ଶଙ୍ଖା ଚୁଡ଼ି ମଥାରେ ସିନ୍ଦୂର
ସ୍ୱାମୀ ସୁଖ ଲୋଡ଼େ ସବୁଠି ।

ସ୍ୱାମୀ ତା'ର ସ୍ୱର୍ଗ ସ୍ୱାମୀ ତା' ସର୍ବସ୍ୱ
ଇହ ପର କାଳ ଦେବତା
ମନ ପ୍ରାଣ ଦେଇ ସେବା କରି ଥାଇ
ହୃଦୟରେ ଭରି ମମତା ।

ଶ୍ୱଶୁର ଶାଶୁଙ୍କୁ ଭାବେ ବାପ ମାଆ
ଦେବା ଦେବୀ ରୂପେ ପୂଜଇ
ପୁଅ ଝିଅ ଭାଇ ଭଉଣୀ ଯାଆଙ୍କୁ
ଏକ ପରିବାରେ ବାନ୍ଧଇ ।

ସତ୍ୟ ଶାନ୍ତି ଦୟା କ୍ଷମାର ସାଗର
ସହଧର୍ମିଣୀର ପ୍ରକୃତି
ଝଡ ଝଞ୍ଜା ଯେତେ ଆସିଲେ ଜୀବନେ
ଧଇର୍ଯ୍ୟ ପାହାଡ ଯେମିତି ।

ଜନନୀ ଭଗିନୀ ଜାୟା ରୂପେ ପୁଣି
ଅଭିନୟ ତା'ର ବାସ୍ତବ
ହିଂସା ରାଗ ଈର୍ଷା ତା' ପାଶେ ନଥାଏ
ସହଧର୍ମିଣୀ ର ସ୍ୱଭାବ ।

କେଶରପୁର, ବକ୍ସି ବଜାର, କଟକ
ମୋ: ୭୯୭୮୧୫୧୭୧୦

### ବର୍ଷା

ସଂଜୀବ କୁମାର ଦାଶ

ଅନନ୍ୟ ଉଚ୍ଚତାକୁ ଆକାଶର, ଝଲସାଇ
ଓଲ୍‌ହେଇ ଆସ, ତୁମେ,ଧୀରେ,
କଳା ମେଘ ଓଢଣୀ ତଳେ ଧରିଛ,
ସଂଭ୍ରମଲାଜରେ ଯେଉଁ ଅମୃତ କଳସୀ,
ସେଥିରୁ ଝରିଯାଅ ବିନ୍ଦୁ ବିନ୍ଦୁ,
ଆଁ କରି ଚାହିଁଛି,
ସେ ଘର୍ମାକ୍ତ ଚାତକ,
ଫଟା ମଟାଳ, ଆଉ
ବିଦଗ୍ଧ ମାଟିର ଶୁଖିଲା ଫୁଙ୍କାର!!

ଆଃ.... ବର୍ଷା....
ବହୁ ପ୍ରତିକ୍ଷୀତ ତୁମ,
ଶିରି ଶିରି ଉଡାଣିଆ ସେ କାଳୁଆ ସମ୍ପାତ,
ଉଲ୍ଲର୍ଣ୍ଣ ସେ ହିଡ଼ବାଡି, ବନ ଉପବନ,
ଆରମ୍ଭିବଚତୁର୍ମାସ୍ୟା,
ଶ୍ୟାମା ରୂପବେଶେ,
ନଦୀରେ ଖେଳିବ ଉଦ୍ଧତ ଭଉଁରୀ,
ସଞ୍ଚରିବ ଅଙ୍ଗେ ଅଙ୍ଗେ,
ପ୍ରତି ନୂଆଁ ସକାଳରେ,
ସଜଫୁଟା ଅନୁଭବର ଲହଡି!!!!

ବାଦଲ ଚିରି ବିଞ୍ଚି ଦିଅ,
ମଲ୍‌ହାର ଛନ୍ଦରେ ନାଚୁ ମନର ମୟୂରୀ,
ପ୍ରେୟସୀ ବୁକୁରେ ବନ୍ୟା,
ପ୍ରୀତିର ରାଗିଣୀ,
ଛାତିତଳୁ ଭାସିଯାଉ,
ଦୁର୍ଭାବନାର ଯେତେ,
କୁଢ଼ କୁଢ଼ ଅରମା , ପୁତିମୟ ଧୂଆଁ,
ପୁଲିନ,କାନନ ସବୁଠେଇଁ, ମହକିଯାଉ
ସଜ ଅଙ୍କୁରର ପ୍ରାଣମୟ ବାସ୍ନା,
ବିକ୍ଷିପ୍ତ ଇଚ୍ଛାଗୁଡା ହୋ'ନ୍ତୁ ଏକମୁହାଁ,
ସାକାର ଲଭୁ ନବକଳିକାର
ରାତିପାହାନ୍ତା ସ୍ୱପ୍ନ,
ବର୍ଷି ଯାଅ ପୁଣି ଥରେ,
ତୁମେ ବର୍ଷା!!!

ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ
ମୋ ୯୪୩୭୭୩୯୫୭୭






# ଜନ୍ମଦିନ

ଡଃ ଉଷାରାଣୀ ଦାଶ

ଶ୍ରାବଣର ଅଳସୀ ଅପରାହ୍ଣରେ ଶେଯ ଉପରେ ଅଳସ ଭାଙ୍ଗୁଥିଲା ସୋନି । ଏଇ ଟିକିଏ ଆଗରୁ ଗଡୁ ଗଡୁ ଆଖି ଲାଗିଯାଇଥିଲା କେତେବେଳେ । ସପ୍ତାହଯାକର ଥକାପଣ ସହଜେ କି ଯାଏ ! ମୋବାଇଲରେ ମେସେଜ୍‌ର ଟ୍ୟୁନ । ପଢିନେଲା ସୋନି 'ଇଅର ଆଇଟମ ହାଜ୍ ବିନ୍ ଡେଲିଭରର୍ଡ' । ଆନନ୍ଦର ସୂକ୍ଷ୍ମ ଲହରୀଟିଏ ଖେଳିଗଲା ତା' ଓଠରେ । ଉଠି ଯାଇ ଝରକା ପାଖରେ ଠିଆ ହେଲା । ଦଲକାଏ ଶୀତୁଆ ପବନ ପଶି ଆସି ତା' ଦେହରେ ଶିହରଣ ଖେଳାଇ ଦେଲା ଠିକ୍ ତା' ଗାଁ ଘର ଦାଣ୍ଡ ଅଗଣାର ଅନୁଭୂତି ପରି । ଚହଲା ମନଟା ଗୋଟିଏ ମୁହୂର୍ତ୍ତରେ ପହଞ୍ଚିଗଲା ସେଠାରେ ।

"ହଇହୋ, .. କୁଆଡ଼େ ଗଲ ? ଏଠିକୁ ଟିକେ ଆସ"- ଦାଣ୍ଡ ଆଗଣାରେ ଚା' ପିଉ ପିଉ ବାପା ଡାକୁଥିଲେ ।

"କ'ଣ ହେଲା ? ଏତେ ଜୋରରେ କାହିଁକି ଡାକୁଛ ?- ବୋଉ ଲୁଗା କାନିରେ ହାତ ପୋଛି ପୋଛି ଆସି ପହଞ୍ଚିଗଲା ।

"ଦେଖିଲ ଏଇ ପ୍ୟାକେଟଟା ଆସିଛି । କିଏ ଜଣେ ଆଣି ଦେଇଗଲା । କୋରିଅରବାଲା ନା କ'ଣ" । ପ୍ୟାକେଟଟା ବୋଉ ହାତକୁ ବଢାଉ ବଢାଉ ବାପା କଥା ଯୋଡ଼ିଲେ- "ସୋନିର ଜନ୍ମ ଦିନ ପାଇଁ ତୁମେ କାହାକୁ କହି ଲୁଗାପଟା ମଗାଇଛ କି" ?

"କାଇଁ...,ନାଇଁ ତ" । ବିସ୍ମୟ ଭରା ଆଖିରେ ବୋଉ ମନେ ପକାଇ କହିଲା ।

"ତା'ହେଲେ କ'ଣ ବାପିନା ବେଭାରଟା ପଠେଇ ଦେଇଛି କି ? କୋଭିଡ୍ କଟକଣା ପାଇଁ ଆସିପାରିବନି ବୋଲି କୋରିଅରରେ ପଠେଇ ଦେଇଛି ବୋଧେ ! ମାସଟିଏ ପୂରିନି ତା'ର ଝିଅ ବାହାଘରକୁ । ସେଥିରେ ପୁଣି କେତେ କ'ଣ ଖର୍ଚ୍ଚ ହୋଇ ଯାଇଛି । ଧାର୍ କରଜ କଥା ବି କହୁଥିଲା । ଟିକେ ସବୁର୍ ନାହିଁ ମୋ ଭାଇଟାର , ସବୁଥିରେ ତରତର । ଏବେ ଆମକୁ ବେଭାର ଦେବା କ'ଣ ଦରକାର ଥିଲା" ?

"କାଲି ବାପିନା ମୋ ସାଙ୍ଗରେ କଥା ହୋଇଥିଲେ, ବେଭାର ପଠେଇବା କଥା କିଛି ତ କହୁ ନ ଥିଲେ" । ବୋଉ ଉତ୍ତର ରଖିଲା ।

"ତା' ହେଲେ ଆଉ କିଏ ପଠାଇଛି ! ୟା' ଭିତରେ ଅଛି କ'ଣ ? ପାଟନାଗଡ଼ ପାର୍ସଲ ବୋମା ପରି ଏହା ଭିତରେ ସେମିତି କିଛି ନାହିଁ ତ" ! ଭୟାର୍ତ୍ତ କଣ୍ଠରେ କହୁଥିଲେ ବାପା ।

ତାଙ୍କ କଥା ନ ସରୁଣୁ ଫୋନ୍‌ଟା ବାଜି ଉଠିଲା । ଚମକି ପଡ଼ିଲେ ବାପା । "ଓଃ... ସୋନି ଫୋନ୍ କରିଛି" । ଫୋନର ପରଦାକୁ ଚାହିଁ ବାପାଙ୍କର ଆଶ୍ୱସ୍ତି ଭରା କଣ୍ଠ ସ୍ୱର । "ଆରେ ମା' କେମିତି ଅଛୁ ?.........." ଦୁଇ ଚାରି ପଦ କଥା ହୋଇ ବୋଉ ହାତକୁ ଧରାଇ ଦେଲେ ଫୋନଟା ।

ବୋଉ ତା' ସାନ ଝିଅ ସାଙ୍ଗରେ ପ୍ରଗଳଭ ହୋଇ ଗପି ଚାଲିଲା । ଦେହପା' ଠାରୁ ଆରମ୍ଭ କରି କ୍ୱାର୍ଟର ଓ କର୍ମ କ୍ଷେତ୍ରର ସୁବିଧା ଅସୁବିଧା ସବୁ ବୁଝି ପକାଇଲା । ମଝିରେ ମଝିରେ ଆଖିରୁ ନିଗିଡ଼ି ପଡୁଥିବା ଅମାନିଆ ଲୁହ କେଇ ବୁନ୍ଦାକୁ ଲୁଗା କାନିରେ ପୋଛି ପକାଉଥାଏ ।

"କେବେ ଆସିବୁ ମା' " ? ବୋଉର କଣ୍ଠରେ ବ୍ୟାକୁଳତା ସ୍ପଷ୍ଟ ବାରି ହୋଇପଡୁଥିଲା ।

"ପୂଜାଛୁଟି ବେଳକୁ ଯିବି ବୋଉ, ତୁ ବ୍ୟସ୍ତ ହୋଅନା' । ନୂଆ ଚାକିରୀ, ଛୁଟି କ'ଣ ସାଙ୍ଗେ ସାଙ୍ଗେ ମିଳିବ । ହଉ, ତୁମେ ଦୁଇଜଣ ଜଗିରଖି ଚଳୁଥିବ । ତୁ ତ କେବେ ନିଜ କଥା ବୁଝୁନା । ଏବେ ପୁଣି ପାଖରେ କେହି ନାହାନ୍ତି । ତୁ ତୋର ଓ ବାପାଙ୍କର ଯତ୍ନ ନେଉଥିବୁ" । କହି ସୋନି ଫୋନ୍ ରଖିଲା ।

ଅମାନିଆ ଲୁହ କେଇବୁନ୍ଦା ପୁଣି ଗଣ୍ଡ ଦେଶ ଦେଇ ବୋହିଗଲା ବୋଉର ।

"ଓହୋ, ସେତିକି କାନ୍ଦ, ଝିଅଟା କ'ଣ ଆଉ ଚାକିରୀ କରିବାକୁ ଯାଇ ନ ଥାନ୍ତା" ? ବାପା ବିରକ୍ତ ହୋଇ ଉଠୁଥିଲେ ।

"ମୁଁ କ'ଣ ମନା କରୁଛି , ସେଇଟା ସବୁବେଳେ ସେମିତି । ମା' ଭଳି ମୋ ସାଙ୍ଗରେ ଲାଗିଥିବ । ବୋଉ ଠିକ୍ ସମୟରେ ଖା', ଔଷଧ ଖାଇଲୁଣି ନା ନାହିଁ , ଭଲ ଲୁଗା ନ ପିନ୍ଧି ସାଇତିଛୁ କାହା ପାଇଁ" ? କହୁ କହୁ ଲୁଗା କାନିରେ ଆଖିକୁ ପୋଛି ପୋଛି ଘର ଭିତରକୁ ଚାଲି ଯାଉଥିଲା ବୋଉ ।

"ଆରେ ଶୁଣ , ଚାଲିଯାଉଛ କୁଆଡ଼େ , ଏଇଠି ବସ । ସୋନିର ଜନ୍ମଦିନ ଆସୁଛି ପରା" ।

"ହଁ , ଆଉ ତିନି ଦିନ ରହିଲା" । ଚେୟାର ଉପରେ ବସୁ ବସୁ ବୋଉ କହିଲା ।

"ସେଥିପାଇଁ କିଛି ଆୟୋଜନ କଲଣି ନା ନାହିଁ । ମାନେ, ସୋନିର ଲୁଗାପଟା, ପୂଜା , ପିଠାପଣା ...." ତାଙ୍କ କଥା ମଝିରୁ ବୋଉ କହି ଉଠିଲା- "ହଁ , ସେ ପ୍ୟାକେଟଟା ସୋନି ପଠାଇଛି । କହିଲା , ତାକୁ ରଖିଥା, ମୁଁ ଯେବେ କହିବି ଖୋଲିବୁ" ।

"ଆରେ ସେ'ଟା ସୋନି ପଠେଇଛି, ମିଛଟାରେ ଆମେ ଧନ୍ଦି ହେଉଥିଲେ । ହଉ ହଉ, ୟାକୁ ନେଇ ରଖିଦିଅ ଭଲ ଜାଗାରେ, ସେ ଯେବେ କହିବ ଖୋଲିବ, ତା'ର କ'ଣ ଦରକାରୀ ଜିନିଷ ହୋଇଥିବ ବୋଧେ" । ବାପା ଆଶ୍ୱସ୍ତ ହୋଇଗଲେ ।

ସ୍ନେହ ଓ ମମତ୍ୱବୋଧରେ ଜଡ଼ସଡ଼ ବାପାବୋଉଙ୍କର ମଧୁର ବାର୍ତ୍ତାଳାପ ଚଳଚ୍ଚିତ୍ର ପରଦାର ଦୃଶ୍ୟ ପରି ସୋନି ଆଖିରେ ଦୃଶ୍ୟାୟିତ ହୋଇଗଲା ।

ସୋନି ଟିକେ ହସି ଦେଇ ଭାବିଲା- ଯାହାହେଉ, ପ୍ୟାକେଟଟା ପହଞ୍ଚି ଗଲା । ବାକି ସବୁ ଆୟୋଜନ ବି ହୋଇଯିବ । ପ୍ରଥମ ମାସର ଦରମାଟା ଆସିଯାଇଛି । ଅନେକ ଦିନର ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବ ।

ପିଲାଦିନରୁ ସେ ଦେଖି ଆସିଛି କେମିତି ନିଜ ପେଟରୁ କାଟି, ନିଜ ଦେହକୁ ନ ଚାହିଁ ତିନି ତିନିଟା ଝିଅଙ୍କର ଭବିଷ୍ୟତ ପାଇଁ ସବୁ ଅଜାଡ଼ି ଦେଇଛନ୍ତି । ଛୋଟ ତେଜରାତି ଦୋକାନଟି ବାପାଙ୍କର ସମ୍ବଳ । ଗାଁ ଲୋକ ଗରାଖ । ବାକି ଖାତାରେ ଦୋକାନ ଚାଲେ । ସେଥିରେ ବରଷଯାକର ପୁନେଇପରବ, ବନ୍ଧୁବାନ୍ଧବ, ଭାରବେଭାର, ଆଉ ପାଞ୍ଚପ୍ରାଣୀଙ୍କର ଗୁଜୁରାଣ । ତଥାପି କେଉଁଥିରେ ଅଭାବ ରଖି ନାହାନ୍ତି ବାପ । ମନି ଅପା ଓ ରାନୀ ଅପା ମ୍ୟାଟ୍ରିକ ପରେ ପାଖ ସହରର କଲେଜରେ ପାଠପଢି ଦୁଇଜଣ ଯାକ ଏବେ ସ୍କୁଲ ଶିକ୍ଷୟତ୍ରୀ । ତିନି ବର୍ଷ ତଳେ ମନି ଅପାର ଓ ଗତ ବର୍ଷ ରାନୀ ଅପାର ବାହାଘର ହୋଇଯାଇଛି । ମନିଅପା ବେଳକୁ ବୋଉ ନିଜର ଅଧା ଗହଣା ଓ ରାନୀ ଅପା ବେଳକୁ ବାକିଅଧା କାଢି ଦେଇଦେଇଛି ବିନା ଅଭିଯୋଗରେ । ରାନୀଠାରୁ ସୋନିପାଞ୍ଚ ବର୍ଷ ସାନ । ଏଇ ଦୁଇମାସ ତଳେ ସେ ଓଡ଼ିଶା ପ୍ରଶାସନିକ ସେବା ଚାକିରୀ ପାଇ କୋରାପୁଟରେ ପୋଷ୍ଟିଂ ପାଇଛି । ସମସ୍ତେ ବାପା ବୋଉଙ୍କୁ କହୁଥିଲେ ଝିଅଗୁଡ଼ାଙ୍କ ପିଛା କାହିଁକି ଟଙ୍କା ଖର୍ଚ୍ଚ କରୁଛ ? ଝିଅ ପର ଘରି । ନିଜର ଭବିଷ୍ୟତ ଦେଖ । କାଲି ସକାଳେ ତୁମ ଦେହ ମୁଣ୍ଡ ହେଲେ କିଏ ତୁମ କଥା ବୁଝିବ ? ବାପା ହସି ଦେଇ କହନ୍ତି -"କିଏ କହିଲା ଏମାନେ ଝିଅ ବୋଲି । ଏମାନେ ତ ମୋର ତିନି ତିନିଟା ଧନୁର୍ଦ୍ଧର ପୁଅ । ଏମାନେ ହିଁ ମୋର ସମ୍ପତ୍ତି, ମୋର ଭବିଷ୍ୟତ । ଏମାନେ ଥାଉ ଥାଉ ମୋର କି ଚିନ୍ତା ? ବୋଉ ତାଙ୍କ ସାଙ୍ଗରେ ଦ୍ୱିପଦ ଯୋଡ଼ି କହେ – "ଝିଅମାନେ ବାପା ମା'ଙ୍କ କଥା ଯେମିତି ବୁଝନ୍ତି, ପୁଅ କ'ଣ ସେମିତି ହେବେ" ?

ସାଇପଡ଼ିଶାଙ୍କ ଘରୁ ଖାସି ମାଂସର ବାସ୍ନା ଭାସିଆସୁଥିବା ବେଳେ ବୋଉ କବାଟ ଝରକା ବନ୍ଦ କରିଦେଇ ଲୁଚେଇ ଲୁଚେଇ ଲୁହ ପୋଛେ । ଆମମାନଙ୍କ ପାଇଁ ଗରମ ଭାତ ,ଡାଲି ତରକାରୀ କି ଭଜା ବାଢି ଦେଇ ବଳେଇ ବଳେଇ ଖୁଆଏ । ସବା ଶେଷରେ ଖାଇ ବସେ ସେ । ପଖାଳ ସାଙ୍ଗକୁ ରସୁଣ ଲୁଣ କଞ୍ଚାଲଙ୍କା ଚକଟା , ବଡ଼ି କି ପୋଡ଼ା ଚକଟା ଟିକିଏ ଥାଳିଆ କଡ଼ରେ ପଡ଼ିଥାଏ । ତା'କୁ କାଳେ ଗରମ ଭାତ ସୁଆଦ ଲାଗେନି । ତା' ଦେହରେ ଯାଏନି,ପେଟ ଗରମ ହୋଇଯାଏ, ଝାଡ଼ା ହୁଏ । ଏମିତି କେତେ ବାହାନା । ପିଲା ଦିନେ ତା' କଥାକୁ ସୋନି ବିଶ୍ୱାସ କରି ନେଉଥିଲା । ତା' ପଖାଳ କଂସା ପାଖରେ ଆଁ ଦେଖାଇ ଦ୍ୱିଗୁଣ୍ଡା ଖାଇ ସ୍ୱାଦ ବି ପରଖି ନେଉଥିଲ । ବୁଝିବା ବୟସ ହେବାରୁ ବୋଉର ବାହାନା ତା'କୁ ବେଶ ବୁଝାପଡ଼ିଲା । ସୋନି ପଚାରିବାରୁ ହସି ଦେଇ କହୁଥିଲା- "ମୁଁ ବୋଉ ବୋଲି" । ବୋଉଟା ସବୁ ବେଳେ ସେମିତି । ବାପା କୋଉ କମ୍ କି ! ତାଙ୍କ ପାଇଁ ବଢା ହୋଇଥିବା ତରକାରୀରୁ ଏକତୃତୀୟାଂଶ ରଖି ବାକି ଫେରେଇ ଦିଅନ୍ତି । କହନ୍ତି- "ମୁଁ କ'ଣ ଏତେ ଖାଇ ପାରିବି ମନିବୋଉ, ଆଉ କ'ଣ ଆଗ ଭଳି ହଜମ ହେଉଛି ? ତୁମେ ଦିନକୁ ଦିନ ମୋତେ ଟୋକା ଭାବୁଛ ବୋଧେ ? ଶାଢୀକୁ ସାତସିଆଁ କରି ପିନ୍ଧୁଥିବ ପଛେ , କେବେ ନିଜ ପାଇଁ ଶାଢୀଟିଏ ଆଣିବାକୁ କହିବନି ବୋଉ । ବାପାଙ୍କ ଦେହର ଗଞ୍ଜି ବି ମଳିଛିଆ ଆଉ ବେକରେ, କାଖରେ, ପେଟରେ ଠାଆଚିରା । ନିଜ କଥା କେବେ ଭାବନ୍ତିନି ସେ । ଦୁଇ ହଳରୁ ତିନିହଳ ପୋଷାକ କେବେ ନଥାଏ ତାଙ୍କର । ତଥାପି ଗରୀବୀ, ଅଭାବୀ ତାଙ୍କ ମନକୁ କେବେ ଛୁଇଁ ପାରିନି । ତାଙ୍କ ମନରାଇଜର ସମ୍ରାଟ ସେ, ବୋଉ ମହାରାଣୀ । ଆଉ ତାଙ୍କର ତିନି ତିନିଟି ସମ୍ରାଟ ନନ୍ଦିନୀ ,ରୂପରେ, ଗୁଣରେ, ବିଦ୍ୟାରେ, ବୁଦ୍ଧିରେ ଏକକୁ ଆରେକ ବଳି । ତାଙ୍କର ଆଉ କ'ଣ ଲୋଡ଼ା ଯେ ?

ଝିଅ ତିନିଜଣଙ୍କୁ ରାଜକୁମାରୀ ପରି ସଜାଇ ନ ପାରିଲେ ମଧ ପୁନିଅ ପରବ, ଓଷାବାରରେ ଅଭାବ କରନ୍ତିନି କେବେ । ଜନ୍ମଦିନ ତ କେବେ ଭୁଲନ୍ତିନି ବାପା । ଫ୍ରକ୍ ପ୍ୟାଣ୍ଟ ହଳେ ନ ହେଲେ ମଧ ଖଣ୍ଡେ କ'ଣ କିଣି ପିନ୍ଧେଇ ଦିଅନ୍ତି ଝିଅମାନଙ୍କୁ ଜନ୍ମଦିନରେ । ମନ୍ଦିରରେ ପୂଜା କରି ଖିରି ପିଠା ସାଇପଡ଼ିଶାରେ ବାଣ୍ଟି ଦିଅନ୍ତି । ବଡ଼ଦିଦିର ଜନ୍ମଦିନରେ ପିଲାଦିନେ ସୋନି କେତେଥର ଅଝଟ କରିଛି – "ଦିଦି କାହିଁକି ଆଜି ନୂଆ ଡ୍ରେସ୍ ପିନ୍ଧିବ, ମୁଁ ବି ନୂଆ ପିନ୍ଧିବି" । ନିଜର ଅଭାବୀପଣକୁ ଖୋସଣୀରେ ଲୁଚାଇ ବାପା କହନ୍ତି – ହଉ ହଉ, ତୋ ପାଇଁ ବି ଆଣିବି । ସେ ମାସ ବାପାବୋଉଙ୍କର ଔଷଧ କି ଚା' ଜଳଖିଆ କି ସଉଦା ଖର୍ଚ୍ଚରୁ କମ୍ କରି ବାପା ତା' ଜିଦ୍ ପୂରଣ କରିଥିବେ ସେ କଥା ସୋନି ବଡ଼ ହେବା ପରେ ଅନୁଭବ କରିପାରୁଥିଲା ।

ବଡ଼ ହେବା ପରେ ବୁଝି ପାରିଥିଲା ସେ, ବାପା ବୋଉଙ୍କର ପିଲାମାନଙ୍କ ପ୍ରତି ନିଃସ୍ୱାର୍ଥପର ପ୍ରତିବଦ୍ଧତା ଆଉ ଉପଯୁକ୍ତ ପ୍ରତିପାଳନ ନିମିତ୍ତ ଆଜୀବନ ବଳିଦାନର କଥା । ପିଲାମାନଙ୍କ ଟିକିଏ ହସ ନିକଟରେ ସେମାନଙ୍କ ଜୀବନର ସମସ୍ତ ଖୁସି,ସଉକ ଫିକା ପଡ଼ିଯାଏ । ପିଲାଟିଏ ଗର୍ଭକୁ ଆସିବାର ମୁହୂର୍ତ୍ତରୁ ହିଁ ମମତ୍ୱବୋଧର ଫଗୁ ବୋଳି ହୋଇଯାଏ ସେମାନଙ୍କର ହୃଦୟରେ । ପିଲାଟି ଭୂମିଷ୍ଠ ହେବା ମାତ୍ରେ ତା'ର ମୁହଁଟାକୁ ଚାହିଁଦେଲେ ସମସ୍ତ କଷ୍ଟ ଗୋଟିଏ ମୁହୂର୍ତ୍ତରେ ଉଭେଇଯାଏ । ପିତୃତ୍ୱ ଓ ମାତୃତ୍ୱର ଅନୁଭୂତି ନିଜର ଜନ୍ମିତ ସମସ୍ତ ସନ୍ତାନ ପାଇଁ ସ୍ୱତନ୍ତ୍ର ଓ ନିଆରା । ଏତେ ଆପଣାପଣ କେଉଁଠି ସାଇତା ହୋଇଥାଏ ସେମାନଙ୍କ ହୃଦୟରେ କେଜାଣି ! ପିଲାମାନଙ୍କର ଜନ୍ମଦିନଟି ସେମାନଙ୍କ ଜୀବନର ମଧ ଏକ ସ୍ମରଣୀୟ ଦିନ । କିନ୍ତୁ ସେଦିନ ବି ପିଲାମାନଙ୍କର ଖୁସି ନିମିତ୍ତ ,ସେମାନଙ୍କର ଦୀର୍ଘ, ନିରାମୟ ଓ ସଫଳ ଜୀବନ ନିମିତ୍ତ କେତେ କ'ଣ ଆୟୋଜନରେ ଲାଗିଯାଆନ୍ତି ସେମାନେ ନିଜ କଥା ନ ଭାବି । ସୋନି ଭାବିଲା –ଏଥର ମୋ ଜନ୍ମଦିନ ନୁହେଁ , ବାପାବୋଉଙ୍କର ମୋ ପାଇଁ ପିତୃତ୍ୱମାତୃତ୍ୱ ଲାଭ ଦିବସ ପାଳନ କରିବି ।

ମାର୍କେଟ ଯାଇ ବାପାବୋଉଙ୍କୁ ମାନିଲା ଭଳି ଶାଢୀ ଓ ଟି ସାର୍ଟ କିଣି ଆଣି ଘର ଠିକଣାରେ କୋରିଅରରେ ପଠାଇ ଦେଇଛି । ବାକି ସବୁ ଆୟୋଜନ ପାଇଁ ମାମୁନିର ସାହାଯ୍ୟ ନେବ । ମାମୁନି ତା'ର ପିଲାଦିନର ସାଙ୍ଗ । ଘରକୁ ଘର ଲାଗିଛି । ପିଲାଦିନ ଧୂଳିଖେଳଠାରୁ ଆରମ୍ଭ କରି ସ୍କୁଲ କଲେଜ ପାଠପଢା ସବୁ ଏକାଠି । ଗାଁ ସ୍କୁଲରେ ତା'ର ପୋଷ୍ଟିଂ । କେବେ କେବେ ସୋନି ତା' ଫୋନରେ ଭିଡ଼ିଓ କଲ୍ କରି ବାପାବୋଉଙ୍କୁ ଦେଖି ଦୁଇ ପଦ କଥା ହୋଇ ଖୁସି ହୋଇଯା । ବାପା ସ୍ମାର୍ଟ ଫୋନ୍ ଧରିବାକୁ ନାରାଜ । ଏଥର ଘରକୁ ଗଲେ ଯେମିତ ବି ହେଉ ତାଙ୍କୁ ଶିଖେଇକି ଆସିବ ।



ସକାଳୁ ସକାଳୁ ମାମୁନି ଯାଇ ପହଞ୍ଚି ଗଲା ସୋନି ଘରେ କେକ୍ ପ୍ୟାକେଟଟା ହାତରେ ଧରି । ସୋନିର ବାପାମା' ଠାକୁର ପୂଜା ପାଇଁ ଯୋଗାଡ଼ କରୁଥିଲେ । ମେସେଜ୍ କରି ଜଣେଇ ଦେଲା ସୋନିକୁ । ସୋନି କାଳବିଳମ୍ବ ନ କରି ଫୋନ ଲଗାଇଲା ବୋଉକୁ । କୋରିଅରରେ ଆସିଥିବା ପ୍ୟାକେଟଟାକୁ ଖୋଲିବାକୁ କହିଲା । ବୋଉ ଆଲମାରୀ ଭିତରୁ ପ୍ୟାକେଟଟା କାଢି ବାପାଙ୍କ ହାତକୁ ବଢାଇ ଦେଇ କହିଲା- "ଏଇଟା ଖୋଲ, ସୋନି କହୁଛି" ।

ବାପା ଖୋଲି ଦେଖିଲେ ଶାଢୀ ଆଉ ଗୋଟେ ଟି ସାର୍ଟ । ଆଶ୍ଚର୍ଯ୍ୟ ହୋଇ କହିଲେ- "ଶୁଣ, ମନି ବୋଉ, ସୋନିକୁ ପଚାରିଲ ଶାଢୀ ଆଉ ଟି ସାର୍ଟ କାହାପାଇଁ" ।

ସେପଟୁ ବାପାଙ୍କ କଥା ଶୁଣି ପାରୁଥିଲା ସୋନି । ଉତ୍ତର ଦେଲା –"ଶାଢୀଟା ତୋ ପାଇଁ ଆଉ ସାର୍ଟଟା ବାପାଙ୍କ ପାଇଁ । ତୁମେ ଦୁଇଜଣ ଏବେ ସାଙ୍ଗେ ସାଙ୍ଗେ ପିନ୍ଧ, ମୁଁ ଦେଖିବି" ।

"ଆଲୋ ରହ , ତୋ ଜନ୍ମଦିନ ପୂଜାଟା ଟିକେ ସାରିଦିଏ" । ନାଇଁ ନାଇଁ , ତୁ ଫୋନ ରଖ । ବାପାଙ୍କୁ ଆଗ ସାର୍ଟଟା ଦେ, କହ ମୁଁ କହିଛି , ଏବେ ପିନ୍ଧିବେ । ତୁ ବି ଏବେ ସାଙ୍ଗେ ସାଙ୍ଗେ ପିନ୍ଧ । ମୁଁ ମାମୁନି ଫୋନରେ ଭିଡ଼ିଓ କଲ କରୁଛି" ।

"ଆଲୋ,ଆଜି ତୋ ଜନ୍ମଦିନ, ତୁ ନୂଆ ପିନ୍ଧିବୁ ନା ମୁଁ" ? ବୋଉ କଥା ନ ସରୁଣୁ ଫୋନ କାଟିଦେଲା ସୋନି । ମାମୁନି ସବୁ ଆରେଞ୍ଜ କରି କେକ୍ ଟା ଟେବୁଲ ଉପରେ ରଖି ମଉସା ମାଉସୀଙ୍କୁ ଆଣି ଟେବୁଲ ପାଖରେ ବସାଇ ଦେଲା । ଦୁଇଜଣଙ୍କର ଗୋଟେ ଫଟୋ ଉଠାଇ ସୋନି ପାଖକୁ ପଠାଇଦେଲା ।

ନୂଆ ଶାଢିରେ ବୋଉ ଖୁବ ସୁନ୍ଦର ଦେଖାଯାଉଥିଲା । ସାର୍ଟଟା ବାପାଙ୍କୁ ଭଲ ମାନୁଥିଲା । ସୋନି ଆଖିରେ ଆନନ୍ଦାଶ୍ରୁ । ସେ ଭିଡ଼ିଓ କଲ୍ କଲା ।

ବାପାବୋଉଙ୍କ ମୁହଁରେ ଖୁସିର ଆଭାସ ବାରି ପାରୁଥିଲା ସୋନି । ହସି ହସି ବୋଉ କହିଲା – "ତୋ ମନବୋଧ ହେଲା ତ" ? ତୋ କଥା ମାନି ଆମେ ଦୁଇଜଣ ପିନ୍ଧିଲୁ । ହେଲେ ତୋର ନୂଆ ଡ୍ରେସ କାହିଁ ? କେକ୍ ଟା ତୁ ନ କାଟି ଏଠିକି କାହିଁକି ପଠାଇଛୁ କହିଲୁ ? ବୋଉର ମମତା ବୋଳା ତାଗିଦ୍ ।

"ଆଜି ପରା 'ମୋର ପେରେଣ୍ଟସ ଡେ' । କେକ୍ ଉପରେ କ'ଣ ଲେଖା ହେଇଛି ଦେଖୁନୁ । ତୁମେ ଦୁଇଜଣ ଶିଘ୍ର କେକ୍ ଟା କାଟି ଦିଅ ।

"ପେରେଣ୍ଟସ ଡେ ଏଇ କେଇଦିନ ତଳେ ଗଲା ନା କ'ଣ ପରା , ଆଜି ପୁଣି କ'ଣ" ? ବୋଉର କଠିନ ପ୍ରଶ୍ନ ।

"ନାଇଁ ଲୋ ବୋଉ , ସେଇଟା ସାରା ଦୁନିଆଁ ପାଇଁ । ଆଜି ପରା ସୋନିର ପେରେଣ୍ଟସ ଡେ" । ବାପାବୋଉ ଚାହୁଁଥିଲେ ଅବୁଝା ଆଖିରେ । ସୋନି ବୁଝାଇଦେଲା-" ତୁମେ ଦୁଇଜଣ ଆଗରୁ ମନି ଅପା ଓ ରାନୀ ଅପାର ପେରେଣ୍ଟସ ଥିଲ, ଆଜିର ଦିନରେ ପରା ସୋନିର ପ୍ୟାରେଣ୍ଟସ ହୋଇଥିଲ । ସେଥିପାଇଁ ଆଜିଠାରୁ ମୋ ଜନ୍ମଦିନକୁ ମୁଁ ପାଳନ କରିବି 'ସୋନିର ପେରେଣ୍ଟସ ଡେ' ଭାବରେ । ହ୍ୟାପି ପେରେଣ୍ଟସ ଡେ ବାପାବୋଉ" । ତା' ସାଙ୍ଗରେ ସ୍ୱର ମିଶାଉଥିଲା ମାମୁନି ।

ବାପାବୋଉଙ୍କ ଆଖି ଛଳଛଳ ହୋଇଗଲା । ଦୁଇଜଣଯାକ ଏକାଥରକେ କହି ଉଠିଲେ – "ସତରେ ସୋନିଟା ଆମ 'ମାଆ' ହେଇଯାଇଛି" ।

ସୋନି ଆଖିରେ ଖୁସିର ଲୁହ ଲହଡ଼ି ମାରୁଥିଲା ।

+ଅଧକ୍ଷା, ରାଜଧାନୀ ବିଜ୍ଞାନ କଳା ଓ ବାଣିଜ୍ୟ ଉଚ୍ଚ ମାଧମିକ ବିଦ୍ୟାଳୟ
ଭୁବନେଶ୍ୱର
ମୋ:୯୪୩୮ ୧୩୩୬୧୨

# କାହା ବିଷୟରେ ଖରାପ ଗପିବା ନାହିଁ

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ

ଆମ ସମସ୍ତଙ୍କର ଅଭ୍ୟାସ ଅନାବଶ୍ୟକ ସ୍ଥଳେ ମଧ ଆମେ ଖୁବ୍ ଗପିବାକୁ ପସନ୍ଦ କରନ୍ତି । ନିତି ଦିନ ଫୋନରେ ହେଉ କି ଖଟିରେ ବିଭିନ୍ନ କଥାକୁ ଆଲୋଚନା କରିବାକୁ ଭଲ ପାଆନ୍ତି ଯାହା ଆମର କୌଣସି କାମରେ ଲାଗିନଥାଏ । ସବୁଠୁ ବଡ କଥା ହେଲା ଆମେ ସବୁବେଳେ ଅନ୍ୟମାନଙ୍କ ସମ୍ପର୍କରେ ଅଧିକ ଚର୍ଚ୍ଚା କରନ୍ତି ।କିଏ କଣ କଲା, କାହାର ଚରିତ୍ର କେମିତି, କିଏ ସାଧୁ କିଏ ଚୋର,କିଏ ଲମ୍ପଟ, କିଏ ଠକ ଇତ୍ୟାଦି ଇତ୍ୟାଦି । ଆପଣମାନେ ଥରେ ପରୀକ୍ଷା କରି ଦିନଟିଏ ଦେଖନ୍ତୁ ଯଦି ଅନ୍ୟ ବିଷୟରେ ଗପିବା ଆପଣ ଦିନଟିଏ ବନ୍ଦ୍ କରନ୍ତି ବା କାହା ବିଷୟରେ କଥା ନହୁଅନ୍ତି, ଆପଣଙ୍କ ପାଖରେ କଥା ହେବାକୁ କିଛି ରହିବ ନାହିଁ । ଅଫିସରେ ହେଉ କି ଘରେ ସବୁଠି ଆମେ ଅନ୍ୟର ଦୋଷ ତ୍ରୃଟି ଦୁର୍ଗୁଣ ଉପରେ ଅଧିକ ବାର୍ତ୍ତାଳାପ କରିଥାନ୍ତି ।ଏଥିରେ କେବଳ ସମୟ ନଷ୍ଟ ହୋଇନଥାଏ ବରଂ ଆମ ଭିତରେ ନକରାତ୍ମକ ଉର୍ଜାର କ୍ଷରଣ ହୁଏ ଓ ଶକ୍ତି ଅପଚୟ ହୋଇଥାଏ ।ଆମ ବିଷୟରେ କେହି ଖରାପ କହୁଥିବାର ଶୁଣିଦେଲେ ମନରେ କ୍ରୋଧ ଆସେ,ସ୍ଥିର ମନ ଅସ୍ଥିର ହେବାକୁ ଲାଗେ । ପରିବାରର ସଦସ୍ୟଙ୍କ ବିଷୟରେ ଖରାପ ଶୁଣିବେ, ସତ ହେଉ କି ମିଛ ଆମେ ଠିକ୍ ଟା ନଜାଣି ନିଜ ଲୋକଙ୍କୁ ସନ୍ଦେହ କରନ୍ତି, ଅଭିମାନ କରନ୍ତି, ଅବିଶ୍ୱାସ କରନ୍ତି ।ଭଲ ସମ୍ପର୍କରେ ଦୂରତା ଓ ତିକ୍ତତା ବଢିଥାଏ ।ଦେଖିବାକୁ ଗଲେ ଆମକୁ କଣ ବା ଦରକାର କାହା ବିଷୟରେ ଚର୍ଚ୍ଚା କରିବା ! ଜଣେ ଜଣେ ଏମିତି ଲୋକ ଅଛନ୍ତି ଆପଣ ନଚାହିଁଲେ ବି ସେ ବାଧ କରି ଶୁଣାଇବେ କିଏ ଆପଣଙ୍କ ବିଷୟରେ କଣ କହିଲା, କାହା ଘରେ କଣ ହେଲା, କିଏ ତା ମାଆ ବାପାଙ୍କୁ ବାଡେଇଲା ଇତ୍ୟାଦି । ଏସବୁ କହିବା ଲୋକର ନା କିଛି ଲାଭ ହୁଏ, ନା ଶୁଣିବା ଲୋକର । କେବଳ ଶକ୍ତି ଓ ସମୟ ଅପଚୟ ସାର ହୁଏ ।

ଯଦି ଆପଣ ଏଥିରୁ ନିବୃତ୍ତ ରହିବାକୁ ଚାହୁଁଛନ୍ତି, ନିଜକୁ ତର୍ଜମା କରନ୍ତୁ କି ଆପଣ ନିଜ ବିଚାରକୁ କିଭଳି ପୋଷଣ ଦେଉଛନ୍ତି ବା କାହା ସମ୍ବନ୍ଧରେ ଚର୍ଚ୍ଚା ଶୁଣି ଆପଣଙ୍କର କଣ ଲାଭ ହେବ ? ଆମକୁ କେବଳ ଆମ କର୍ମ ଓ ଦାୟିତ୍ୱ ଉପରେ ଧାନ ଦେବାର ଅଛି । ତଥାପି କେହି ଯଦି ବାରମ୍ବାର ଆପଣଙ୍କ ସହିତ କାହା ବିଷୟରେ କିଛି ଗପୁଥାଏ, ସିଧା ସିଧା ମୁହଁ ଉପରେ ମନା କରନ୍ତୁ'ମୁଁ ଅନ୍ୟ ସମ୍ପର୍କରେ ଖରାପ ଶୁଣିବାକୁ ଚାହୁଁନାହିଁ କିମ୍ବା କହିବାକୁ ଚାହୁଁନାହିଁ । ଯଦି ମୋତେ ନେଇ କିଛି କଥା ଅଛି ବା ପରାମର୍ଶ ଅଛି କୁହନ୍ତୁ ନଚେତ୍ କିଛି କୁହନ୍ତୁ ନାହିଁ' ।

ନିଜ ବିଚାରକୁ ଶାନ୍ତ, ସ୍ୱଚ୍ଛ, ନିର୍ମଳ ରଖିବାର ଦାୟିତ୍ୱ ଆମ ହାତରେ । ବିଭିନ୍ନ ଲୋକଙ୍କୁ ବିଭିନ୍ନ କଥା ବିଭିନ୍ନ ପ୍ରକାର ଦେଖାଯାଏ । ବିଭିନ୍ନ ଆଚରଣର ବ୍ୟକ୍ତିଙ୍କୁ ଆମକୁ ସାମନା କରିବାକୁ ପଡେ । କିନ୍ତୁ ଆମେ ଯଦି ଆମ ବିଚାର ଉପରେ ନିୟନ୍ତ୍ରଣ ନରଖିବା କେବଳ ଅସନ୍ତୋଷ, ବିରକ୍ତିଭାବ, ନକରାତ୍ମକତାକୁ ଜନ୍ମ ଦେବା । ଏଠି ରାଇ ଭଳି ଛୋଟ ଛୋଟ କଥାକୁ ଶୁଣି ପାହାଡ କରିବା ଅପେକ୍ଷା ପାହାଡ ଭଳି କଥାକୁ ରାଇ ଭାବିନେବା ବୁଦ୍ଧିମାନର କାମ ।

ଆମେ ଆମ ମନର ଶାନ୍ତି ପାଇଁ ପୂଜାପାଠ, ପ୍ରାଣାୟମ, ଧାନ, ଦାନ ପୂଣ୍ୟ କେତେ କଣ କରୁଛନ୍ତି । ଯଦି ଦିନରେ ଅଧ ଘଣ୍ଟାଏ ଶାନ୍ତି ପାଇଁ ଈଶ୍ୱରଙ୍କ ଭକ୍ତି କରି, ବାକି ଦିନ ସାରା ଅଯଥା ଗୁଡାଏ ଲୋକଙ୍କ କଥା ଶୁଣିବା, ପରଚର୍ଚ୍ଚା



କରିବା, ନିନ୍ଦା କରିବା, ନକରାତ୍ମକ କଥା ଶୁଣିବା ତେବେ ମନରେ ଶାନ୍ତି କୋଉଠୁ ଆସିବ ? ଯେତେବେଳେ ଆମେ ନକରାତ୍ମକ କଥା ଶୁଣନ୍ତି, ସମୟର ଅପଚୟ, ଶକ୍ତିର ଅପଚୟ ଘଟେ, ଯେଉଁ ସ୍ଥାନରେ କାହା ବିଷୟରେ ଖରାପ ଚର୍ଚ୍ଚା କରନ୍ତି ସେ ବାତାବରଣ ଅଶୁଦ୍ଧ ହୁଏ, ଯାହା ବିଷୟରେ କଥା ହୁଅନ୍ତି, ମନର ତାର ସଂଯୋଗ ବଶତଃ ତାଙ୍କୁ ମଧ ନକରାତ୍ମକ ଉର୍ଜା ପ୍ରେରଣ କରିଥାନ୍ତି, ତେଣୁ ସବୁ କ୍ଷେତ୍ରରେ ଅବନ୍ନତି ଘଟିଥାଏ । ଦୁର୍ବଳ ବା ବିରୁଦ୍ଧଭାବର କଥା ଆଲୋଚନା କଲେ ବିଚାର ଦୁର୍ବଳ ହୋଇଥାଏ, ମନ ଅଶାନ୍ତ ହୁଏ, ନକରାତ୍ମକ ଉର୍ଜା କ୍ଷରଣ ହେବା ଦ୍ୱାରା ବିତୃଷ୍ଣା ବଢେ ଏବଂ ସବୁ ଥାଇ ମଧ ମଣିଷ ନିରୁତ୍ସାହ ମନେକରେ । ତେଣୁ ଅନାବଶ୍ୟକ ସ୍ଥଳେ ଆଦୌ କାହା ବିଷୟରେ ନକରାତ୍ମକ କଥା ହୁଅନ୍ତୁ ନାହିଁ । ଏଥିରେ ଅନ୍ୟଠୁ ଅଧିକ ନିଜର କ୍ଷତି ହୋଇଥାଏ ।

+ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍, ଲକ୍ଷ୍ମୀସାଗର,ଭୁବନେଶ୍ୱର
ମୋ:୯୪୩୯୭୨୬୦୬୦

# ଫିକା ପଡିଗଲା ନାଲି ଓଢଣି

ରଶ୍ମୀ ସାମଲ



ଯେବେ ଜୀବନରେ ଆସିଲା ଯୌବନ
ଇନ୍ଦ୍ର ଧନୁର ସପ୍ତ ରଙ୍ଗ ନେଇ
କୁଆଁରୀ ମନରେ ଭରି ଦେଲା ସ୍ୱପ୍ନ,
ସେତେ ବେଳେ
ସପନର ରାଜପୁତ୍ର ତୁମେ
ଚୋରି କରି ନେଇ ଗଲ ମନ ।
ଗୋଧୂଳୀ ଲଗନେ କେବେ
କେଉଁ ଏକ ନଦୀ ତୀରେ
ଆଖିରେ ଆଖି ମିଶି ଗଲା
ନୂଆ ଏକ ସମ୍ପର୍କର ନିମନ୍ତ୍ରଣ ଦେଲା ।
ଜନମ ଜନମ ପାଇଁ ସୁଖର ଦୁଃଖର
ସାଥି ହୋଇ ରହି ଯିବା ପାଇଁ,
ହାତ ହାତେ ଦେଇ ମନେ ମନେ ପଣ କଲା
ଗୋଧୂଳୀ ଆକାଶ ସବୁଜ ପୃଥିବୀ
ସାକ୍ଷୀ ରହି ଗଲା ।
ମଥାରେ ସିନ୍ଦୁର ଆଉ ଆଖିରେ କଜଳ
ହାତରେ ମେହେନ୍ଦୀ ରଙ୍ଗ
ପାଦରେ ଅଳତା ସବୁ କିଛି ପିନ୍ଧି ସାରିଥିଲି,
ମନ ଲାଖି ନାଲି ଓଢଣୀ ବି
ନିତ ପାଇଁ ସାଇତି ରଖି ଥିଲି,
ସବୁ ଖୁସି ଆଞ୍ଜୁଳିରେ ଭରି
ଅଜାଡି ଦେଇ ଥିଲି ।
ହେଲେ, ସମୟ ବଦଳି ଗଲା
ପୂର୍ଣ୍ଣମୀର ଚାନ୍ଦ ମେଘ ତଳେ ଲୁଚିଗଲା,
ଆକାଶର ଟିମ୍ ଟିମ୍ ତାରା ଯେତେ
ବାଟ ଭୁଲି ଗଲେ
ମନେ ମୋର ଅମା ଅନ୍ଧାରେ ବୁଡିଗଲା ।
ପୁଣି ଭାଗ୍ୟର ବିଡମ୍ବନା
ସେ ଦିନର ମଧୁର ସ୍ୱପ୍ନରେ
ଅଧା କାହାଣୀରେ ପୂର୍ଣ୍ଣଚ୍ଛେଦ ଟାଣି ଦେଲା
ସମ୍ପର୍କ ସବୁ ହାତ ମୁଠାରୁ ମୋର
ଚୋରାବାଲି ପରି ଝର ଝର, ଝରି ଗଲା
ଭଲ ପାଇବାର ଭାବ ଯେତେ
ଝାଳ ହୋଇ ନିଗିଡି ଆସିଲା
ବେଳ ଉଛୁର ହୋଇ ଗଲା ।
ସତେ ଯେପରି ଲାଗୁ ଥିଲା
ଦୂର ଦିଗବଳୟରେ ପୃଥିବୀ
ଆଉ ଆକାଶର ମିଳନ
ବହୁତ ପାଖରେ ଥାଇ ବି
ସତେ କେତେ ଦୁରେ ଦୂରେ ଥିଲା ।
ଶୁଭ ପରିଣୟ ସମୟ ବିତି ଗଲା
ନିରୀହ ନିଷ୍କପଟ ଆନନ୍ଦ ଟିକଟ
କ୍ଷତ ବିକ୍ଷତ ହୋଇ ଗଲା
ଆଖି ସାମ୍ନାରେ ଭରା ନଦୀର ସ୍ରୋତରେ
ସବୁ ଆଶା ଭରସା
ଫେଣ ହୋଇ ବୋହି ଗଲା ।
ସେହି ନାଲି ଓଢଣୀଟି ମୋର
ଭାସି ଯାଇ ଆଉ ଏକ ଅଜଣା କୂଳରେ ଲାଗିଲା
ସୁଖ ସବୁ ଦୁଃଖରେ ବଦଳି ଗଲେ
ଆଖି ଲୁହର ଧାର ଧୀରେ ଧୀରେ
ଚିବୁକ ଭିଜାଇ, ଟୁପ୍ ଟାପ୍ ଝରି ଗଲେ ।

+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫



CMYK

# ପାଇକ ସ୍ମାରକୀ ପାଇଁ ଜାଗା ଯୋଗାଇ ଦେଇଥିବାରୁ ଓଡ଼ିଶା ବୀର ମହାସଂଘ ତରଫରୁ କୃତଜ୍ଞତା

ଭୁବନେଶ୍ୱର,୨୦/୦୭ (ନି.ପ୍ର): ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ୨୦୦ତମ ପୂର୍ତି ଉତ୍ସବ ପାଳନ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖୋର୍ଦ୍ଧାର ବରୁଣେଇ ପାଦଦେଶରେ ଶିଳନ୍ୟାସ କରିଥିବା ସ୍ଥାନରେ ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ବିନା ମୂଲ୍ୟରେ ରାଜ୍ୟ ସରକାର ୧୦ ଏକର ଜାଗା ଯୋଗାଇ ଦେବା ପାଇଁ ଓ କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ତଥା ପାଇକ ରେଜିମେଂଟ ଗଠନ ପାଇଁ ଓଡ଼ିଶା ବୀର ମହାସଂଘ ପକ୍ଷରୁ ଦୀର୍ଘଦିନ ଧରି ଖୋର୍ଦ୍ଧା ତଥା ଓଡ଼ିଶାର ବିଭିନ୍ନ ସ୍ଥାନ ଓ ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶାର କୋଣ ଅନୁକୋଣରୁ ପାଇକ ବାହିନୀକୁ ଏକତ୍ରିତ କରି ଜନଗର୍ଜନ ଶୋଭାଯାତ୍ରା ଓ ସମାବେଶମାନ ଆୟୋଜନ କରାଯାଇଥିଲା। ଏହି ଦାବି ପୂରଣ ପାଇଁ ଓଡ଼ିଶାର ଜନସାଧାରଣଙ୍କ ତରଫରୁ ବିପୁଳ ସମର୍ଥନ ମିଳିବା ସହିତ ଏହା ଓଡ଼ିଶାର ସ୍ୱାଭିମାନ ସୁରକ୍ଷା ପାଇଁ ଉପଯୁକ୍ତ ଦାବି ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ସମର୍ଥନ ଜ୍ଞାପନ କରାଯାଉଥିଲା।

ପରିଶେଷରେ ଆଜି ଓଡ଼ଶା ସରକାରଙ୍କ କ୍ୟାବିନେଟ ବୈଠକରେ ଖୋର୍ଦ୍ଧାର ବରୁଣେଇ ପାଦଦେଶରେ ୯ ଏକର ୬୮୫ ଡ଼ିସିମିଲି ଜାଗାକୁ ୩୧ କୋଟି ୯୭ ଲକ୍ଷ ଟଙ୍କା ଛାଡ଼ କରି ବିନା ମୂଲ୍ୟରେ ଯୋଗାଇ ଦେବା ପାଇଁ ନିଷ୍ପତି ନେଇଛନ୍ତି। ବିନା ମୂଲ୍ୟରେ ଏହି ଜାଗାକୁ ଯୋଗାଇ ଦେବା ପାଇଁ ଓଡ଼ିଶା ବୀର ମହାସଂଘ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ଆଜି ରାଜ୍ୟ ସରକାର ଦାବିକୁ ପୂରଣ କରିଥିବାରୁ ଓଡ଼ିଶା ବୀର ମହାସଂଘ ପକ୍ଷରୁ ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି ରାଜ୍ୟ ସରକାର ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ପାଇକ ସ୍ମାରକୀ ନିର୍ମାଣ ଦ୍ୱାରା ବରୁଣେଇ ପର୍ଯ୍ୟଟକମାନଙ୍କୁ ବିଶେଷ ଭାବରେ ଆକର୍ଷିତ କରିବା ସହିତ ଓଡ଼ିଶାର ବୀରତ୍ୱ ବ୍ୟଞ୍ଜକ ଗୌରବଜ୍ଜ୍ୱଳ ସ୍ମୃତର ସ୍ମାରକୀ ଭାବେ ଏହା ସବୁଦିନ ପାଇଁ ବିଶ୍ୱବାସୀଙ୍କୁ ଆକୃଷ୍ଟ କରିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ସେହିପରି ଏହି ସ୍ମାରକୀ ନିର୍ମାଣ ପାଇଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବାବେଳେ ୧୯୦ କୋଟି ଟଙ୍କା ପ୍ରଦାନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମଧ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।

# ସୋନପୁରର ଟିପିଆର ରାଜ୍ୟରେ ସର୍ବାଧିକ: ପୁଣି ୧୫% ବଢ଼ିଲା ଦୈନିକ ସଂକ୍ରମଣ




ଭୁବନେଶ୍ୱର,୨୦/୦୭ (ନି.ପ୍ର): ଦୁଇଦିନ ଧରି ଦୈନିକ ସଂକ୍ରମଣ କମିବା ପରେ ପୁଣିଥରେ ଦୈନିକ ସଂକ୍ରମଣରେ ବୃଦ୍ଧି ହୋଇଛି। ଗୋଟିଏ ଦିନରେ ସଂକ୍ରମଣ ୧୫ ପ୍ରତିଶତ ବଢ଼ିଛି। ଏକାଧିକ ଜିଲ୍ଲାରେ ସଂକ୍ରମଣ ହାର ବା ଟିପିଆର ବୃଦ୍ଧି ପାଇଛି। ସୋନପୁର ଜିଲ୍ଲା ଟିପିଆରରେ ରେକର୍ଡ କରିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହିତ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୩ଲକ୍ଷ ଟପିଛି। ଗତ ୨୪ଘଣ୍ଟାରେ ୧୭,୯୦୬ କୋଭିଡ ନମୁନା ପରୀକ୍ଷା ହୋଇଥିବା ବେଳେ ରାଜ୍ୟର ଟିପିଆର ୫.୨୮ ପ୍ରତିଶତକୁ ବୃଦ୍ଧି ପାଇଛି। ମାତ୍ର ସୋନପୁରରେ ଏହା ୧୮ ପ୍ରତିଶତ ରହିଛି। ଜିଲ୍ଲାରେ ୨୦୫ କୋଭିଡ ନମୁନା ପରୀକ୍ଷା ହୋଇଥିବା ବେଳେ ୩୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋନପୁରକୁ ବାଦ୍ ଦେଲେ ବୌଦ୍ଧ ୧୫, ଖୋର୍ଧା ୧୪.୬, ସମ୍ବଲପୁର ୧୦, ସୁନ୍ଦରଗଡ଼ ୮, ଗଜପତି ୫.୪ ଓ ପୁରୀରେ ୫.୩ ପ୍ରତିଶତ ରହିଛି। ପୂର୍ବରୁ କେବଳ ଖୋର୍ଧା, କଟକ ଜିଲ୍ଲାରେ ସଂକ୍ରମଣ ହାର ଅଧିକ ରହୁଥିବା ବେଳେ ଏବେ ଅନ୍ୟ ଜିଲ୍ଲାରେ ଏଥିରେ ବୃଦ୍ଧି ହୋଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୯୪୫ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଧାରୁ ସର୍ବାଧିକ ୩୭୧, ସୁନ୍ଦରଗଡ଼ ୧୦୩, କଟକ ୭୫, ସମ୍ବଲପୁର ୫୩, ପୁରୀ ୨୦, ମୟୂରଭଞ୍ଜ ୩୨, ନୟାଗଡ଼ ୨୭, ଜଗତସିଂହପୁର ୧୪ ଓ ଷ୍ଟେଟ୍ ପୁଲରୁ ୭୬ଜଣଙ୍କୁ ଚିହ୍ନଟ କରାଯାଇଛି। ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୧୩,୦୦,୮୭୩କୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ ଜଣେ କରୋନାରେ ପ୍ରାଣ ହରାଇଥିବା ସୂଚନା ଦିଆଯାଇଛି।

# ମଇରେ ୧.୮୫ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଲା ରିଲାଏନ୍ସ ଜିଓ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ଟ୍ରାଇ ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ, ୨୦୨୨ ମେ' ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ନୂଆ ଗ୍ରାହକ ଯୋଡ଼ିଛି। ରାଜ୍ୟରେ ନିଜର ଏକ ନମ୍ବର ସ୍ଥିତିକୁ ଆହୁରି ଦୃଢ଼ କରି ରିଲାଏନ୍ସ ଜିଓ ଏହି ମାସରେ ୧,୮୫,୪୪୧ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଛି ଯାହା ଫଳରେ ଓଡ଼ିଶାରେ କଂପାନିର ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୧.୩୬ କୋଟିରେ ପହଂଚିଛି ଓ ରାଜ୍ୟରେ ଏହା ସାମଗ୍ରିକ ଭାବେ ୪୧.୫ ପ୍ରତିଶତ ବଜାର ଅଂଶ ହାସଲ କରିଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ଓଡ଼ିଶାରେ ଜିଓର ସକ୍ରିୟ ମୋବାଇଲ୍ ଗ୍ରାହକଙ୍କ ୯୯%ରୁ ଅଧିକ ରହିଛି ଏବଂ ରାଜ୍ୟରେ ସକ୍ରିୟ ମୋବାଇଲ୍ ଗ୍ରାହକ ଦୃଷ୍ଟିରୁ କଂପାନିର ବଜାର ଅଂଶ ପ୍ରାୟ ୪୫% ରହିଛି। ଏହାର ସର୍ବବୃହତ ବାସ୍ତବ ୪ଜି ନେଟୱର୍କ, ଅପହଂଚ ଅଂଚଳରେ ସଂଯୋଗର ଦ୍ରୁତ ସମ୍ପ୍ରସାରଣ ଓ ସୁଲଭ ମୂଲ୍ୟ ସହିତ ସାରା ରାଜ୍ୟରେ ନିରବଚ୍ଛିନ୍ନ ହାଇ-ସ୍ପିଡ୍ ଇଂଟରନେଟ୍ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାରେ ଏୟାରଟେଲ୍ ମେ' ମାସରେ ୭୧,୮୯୦ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ବିଏସ୍ଏନ୍ଏଲ୍ ୧୨,୬୬୯ ନୂଆ ଗ୍ରାହକ ଯୋଡ଼ିଛି। ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ମେ' ମାସରେ ଓଡ଼ିଶାରେ ଭୋଡାଫୋନ୍ ଆଇଡିଆ ୨୦,୩୧୯ ଜଣ ଗ୍ରାହକଙ୍କୁ ହରାଇଛି। ୨୦୨୨ ମେ' ମାସ ସୁଦ୍ଧା ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୨,୪୯,୬୮୧ ବୃଦ୍ଧି ପାଇ ୩.୨୮ କୋଟିରେ ପହଂଚିଛି। ଜାତୀୟ ସ୍ତରରେ ରିଲାଏନ୍ସ ଜିଓ ୨୦୨୨ ମେ' ମାସରେ ସର୍ବାଧିକ ୩୧ ଲକ୍ଷ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି।

ପୁନଶ୍ଚ, ରାଜ୍ୟର ଅଗ୍ରଣୀ ଫିକ୍ସଡ୍ ଲାଇନ୍ ବ୍ରଡ୍‌ବ୍ୟାଣ୍ଡ୍ ସେବା ପ୍ରଦାନକାରୀ ଭାବେ ରିଲାଏନ୍ସ ଜିଓ ୨୦୨୨ ମେ' ମାସରେ ୬୩୭୬ ନୂଆ ଜିଓଫାଇବର୍ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ୍ ଗ୍ରାହକ ଯୋଡ଼ିଛି, ଫଳରେ ମେ' ମାସ ଶେଷ ସୁଦ୍ଧା ରାଜ୍ୟରେ ଜିଓଫାଇବର ଗ୍ରାହକ ସଂଖ୍ୟା ୧,୪୧,୩୪୬ରେ ପହଂଚିଛି। ଦେଶର ସବୁଠୁ ଲୋକପ୍ରିୟ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ୍ ସେବା ଜିଓଫାଇବର୍‌କୁ ଓଡ଼ିଶାର ପ୍ରମୁଖ ସହର ଓ ନଗରଗୁଡ଼ିକରେ ଦ୍ରୁତ ସମ୍ପ୍ରସାରଣ ଜାରି ରଖାଯାଇଥିବା ଯୋଗୁଁ ଏହା ସମ୍ଭବ ହୋଇପାରିଛି।

# ୨୦୨୧ର ଶ୍ୱେତପତ୍ର ଜାରିକଲା ଗୃହ ବିଭାଗ: ରାଜ୍ୟରେ ଦିନକୁ ୯ ଦୁଷ୍କର୍ମ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ରାଜ୍ୟରେ ଦିନକୁ ୯ ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି। ଏମିତି ଉଦ୍‌ବେଗଜନକ ତଥ୍ୟ ମିଳିଛି ଗୃହ ବିଭାଗ ପକ୍ଷରୁ ଜାରି ହୋଇଥିବା ୨୦୨୧ ଶ୍ୱେତପତ୍ରରୁ। କେବଳ ଏତିକି ନୁହେଁ, ଡକାୟତି ମାମଲା ବି ଚିନ୍ତାଜନକ। ପ୍ରତି ମାସରେ ରାଜ୍ୟରେ ୪୫ ଜଣ ଡକାୟତିର ଶିକାର ହେଉଛନ୍ତି। ୨୦୨୦ ତୁଳନାରେ ଦୁଷ୍କର୍ମ ଓ ଡକାୟତି ମାମଲା ବଢ଼ିଛି। ଆସନ୍ତାକାଲି ବିଧାନସଭାରେ ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନା ହେବ। ତାହା ପୂର୍ବରୁ ଆଜି ସନ୍ଧ୍ୟାରେ ବିଭାଗ ପକ୍ଷରୁ ଶ୍ୱେତପତ୍ର ଜାରି କରାଯାଇଛି। ରାଜ୍ୟରେ ୨୦୨୦ରେ ୨୯୮୪ ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା ବେଳେ ୨୦୨୧ରେ ଏହି ସଂଖ୍ୟା ୩୩୨୭ ରହିଛି। ପଞ୍ଜୀକୃତ ହୋଇଥିବା ଏହି ମାମଲା ମଧ୍ୟରୁ ୩୨୪୪ ସତ୍ୟ ମାମଲା ଅଟେ। ତାହା ମଧ୍ୟରୁ ବର୍ଷ ଶେଷ ସୁଦ୍ଧା ୨୩୩୫ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ସେହିପରି ୨୦୨୦ରେ ୫୧୪ ଡାକୟତି ମାମଲା ରୁଜୁ ହୋଇଥିଲା ବେଳେ ୨୦୨୧ରେ ଏହି ସଂଖ୍ୟା ୫୫୨ରେ ପହଞ୍ଚିଛି।

ଶ୍ୱେତପତ୍ରରେ ଦିଆଯାଇଥିବା ସୂଚନା ଅନୁଯାୟୀ ୨୦୨୧ ମସିହାରେ ଓଡ଼ିଶାରେ ମୋଟ୍ ୧,୫୫,୪୨୦ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି। ଏହା ମଧରେ ରହିଛି ୧୩୯୪ଟି ହତ୍ୟା, ୫୫୨ଟି ଡକାୟତି, ୨୮୨୬ ଲୁଣ୍ଠନ, ୫୧୩୩ ସିନ୍ଧିଚୋରି, ୧୩,୦୨୪ ଚୋରି, ୫୧୩୮ ପ୍ରତାରଣା, ୨୨୨୦ ଦଙ୍ଗା, ୩୩୨୭ ଦୁଷ୍କର୍ମ, ୧୦,୯୮୩ ମୋଟରଯାନ ଦୁର୍ଘଟଣା ଓ ୧,୧୦,୮୨୩ ଅନ୍ୟାନ୍ୟ ମାମଲା। ଏହା ମଧ୍ୟରୁ ମୋଟ୍ ୧,୪୯,୨୩୨ଟି ମାମଲା ସତ୍ୟ ଉପରେ ଆଧାରିତ। ବର୍ଷ ଶେଷ ସୁଦ୍ଧା ମୋଟ୍ ୧,୦୬,୨୮୩ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ସୂଚନାଯୋଗ୍ୟ ଯେ ୨୦୨୦ରେ ଧର୍ତ୍ତବ୍ୟ ଅପରାଧ ମାମଲା ସଂଖ୍ୟା ଥିଲା ୧,୩୪,୨୩୦। ଯୌତୁକ ଜନିତ ମାମଲା ମଧ ଚିନ୍ତାଜନକ ରହିଛି। ୨୦୨୦ରେ ୪୦୮୮ ମାମଲା ରୁଜୁ ହୋଇଥିଲା ବେଳେ ୨୦୨୧ରେ ଏହି ସଂଖ୍ୟା ୫୦୮୦ ରହିଛି। ଏହା ମଧ୍ୟରୁ ୩୭୦୭ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ୨୯୮ଟି ଯୌତୁକ ଜନିତ ହତ୍ୟା ମାମଲା ମଧ୍ୟରୁ ୧୮୧ଟିରେ ଚାର୍ଜସିଟ୍ ଦାଖଲ ହୋଇଛି। ୧୨୯ଟି ଯୌତୁକ ଜନିତ ଆତ୍ମହତ୍ୟା ମାମଲା ମଧ ରୁଜୁ ହୋଇଛି। ୨୦୨୦ ତୁଳନାରେ ରାଜ୍ୟରେ ଲୁଣ୍ଠନ ମାମଲା ମଧ ବଢ଼ିଛି। ୨୦୨୧ରେ ୨୦୩୭ଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି। ତାହା ମଧ୍ୟରୁ ୩୦୭ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ଏହି ମାମଲାଗୁଡ଼ିକରେ ୫୪୨ ଜଣ ଅପରାଧୀ ସଂପୃକ୍ତ ଥିଲା ବେଳେ ୪୨୫ ଜଣ ଅପରାଧୀଙ୍କୁ ରାଜ୍ୟ ଭିତରୁ ଓ ବାହାରୁ ଗିରଫ କରାଯାଇଛି।

ମାଓବାଦୀ କାର୍ଯ୍ୟକଳାପ ସମ୍ପର୍କରେ ଶ୍ୱେତପତ୍ରରେ କୁହାଯାଇଛି, ୨୦୨୧ରେ ମାଓ କାର୍ଯ୍ୟକଳାପ ସାମଗ୍ରିକ ଭାବେ ନିୟନ୍ତ୍ରଣାଧୀନ ଅଛି। ମାଓବାଦୀ ପ୍ରଭାବିତ ୧୦ଟି ଜିଲ୍ଲା ମଧ୍ୟରୁ ପ୍ରଭାବୀ ଢଙ୍ଗରେ ପୁଲିସ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଯୋଗୁ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ଓ କଳାହାଣ୍ଡି-ରାୟଗଡ଼ା-କନ୍ଧମାଳ ଜିଲ୍ଲା ସମେତ ଅଧିକାଂଶ ଅଞ୍ଚଳର ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏହି ବର୍ଷ ମାଓବାଦୀମାନଙ୍କ ସହିତ ସଂଗଠିତ ୨୧ଟି ଗୁଳି ବିନିମୟ ଘଟଣା ସମେତ ରାଜ୍ୟରେ ମୋଟ୍ ୨୮ଟି ଘଟଣା ଘଟିଥିଲା। ଏଥିରେ ଦୁଇ ଜଣ ସାଧାରଣ ବ୍ୟକ୍ତିଙ୍କର ପ୍ରାଣହାନୀ ହୋଇଥିଲା ଓ ଜଣେ ସୁରକ୍ଷାକର୍ମୀ ସହିଦ ହୋଇଥିଲେ। ପୁଲିସ ସହ ପୃଥକ ପୃଥକ ଗୁଳି ବିନିମୟ ଘଟଣାରେ ୭ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଥିଲା ବେଳେ ୩୬ ଜଣଙ୍କୁ ଗିରଫ କରାଯାଇଥିଲା। ୨୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ।

କରୋନା ମହାମାରୀ ପରିପ୍ରେକ୍ଷୀରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଉଲ୍ଲଂଘନକାରୀଙ୍କୁ ଗିରଫ କରାଯାଇ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଚାରୁରୂପେ ପୁଲିସ ନିୟନ୍ତ୍ରଣ କରିବରେ ସଫଳ ହୋଇଛି ବୋଲି ଶ୍ୱେତପତ୍ରରେ କୁହାଯାଇଛି।

# କଟକ ଚଣ୍ଡୀମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ଶୈଳବାଳା ମହିଳା କଲେଜର ଜମି ଅଧିଗ୍ରହଣ ମାମଲା ଖାରଜ

ଭୁବନେଶ୍ୱର,୨୦/୦୭ (ନି.ପ୍ର): କଟକ ଚଣ୍ଡୀମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପାଇଁ କଟକ ଶୈଳବାଳା ମହିଳା କଲେଜର ଜମି ଅଧିଗ୍ରହଣ ବିରୋଧରେ ଦାୟର ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ପୁରାତନ ଛାତ୍ରୀ ସଂଘର ଆବେଦନକୁ ଖାରଜ କରିଛନ୍ତି। ହାଇକୋର୍ଟରେ କଟକ ଜିଲ୍ଲାପାଳ ଦାଖଲ କରିଥିବା ସତ୍ୟପାଠ ଓ କଟକ ଚଣ୍ଡୀମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ବିବରଣୀରୁ ସ୍ପଷ୍ଟ ହୋଇଥିଲା ଯେ କଲେଜ ଖେଳ ପଡିଆ ଭାବେ ବ୍ୟବହୃତ ହେଉଥିବା କିଛି ଜମିକୁ ସର୍ବସାଧାରଣ ରାସ୍ତା ସଂପ୍ରସାରଣ ପାଇଁ ବ୍ୟବହାର ଲାଗି ଯୋଜନା ରହିଛି। ଏଥିପାଇଁ କଲେଜ ଲାଗି ବିକଳ୍ପ ଖେଳ ପଡ଼ିଆ ବ୍ୟବସ୍ଥା କରାଯିବ। ପ୍ରକୃତରେ କଲେଜ ଖେଳପଡିଆର ଆକାର ବୃଦ୍ଧି ପାଇବ ବୋଲି ଏହି ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ କଲେଜ ଜମିର କୌଣସି ଅଂଶ ଧାର୍ମିକ କାର୍ଯ୍ୟରେ ବ୍ୟବହାର ହେବାକୁ ନାହିଁ। କେବଳ ସର୍ବସାଧାରଣ ରାସ୍ତାର ସଂମ୍ପ୍ରସାରଣ ପାଇଁ କଲେଜର ଜମି ବ୍ୟବହାର କରାଯିବ। ଏଥିସହିତ ଏବେ ରହିଥିବା ଖେଳପଡ଼ିଆ ବ୍ୟବସ୍ଥା ଅଧିକ ବୃଦ୍ଧି ପାଇବ। ଏଭଳି ସ୍ଥିତିରେ ଆବେଦନକାରୀଙ୍କ ଆଶଙ୍କାର କୌଣସି ଆଧାର ନାହିଁ ବୋଲି ହାଇକୋର୍ଟ କହିବା ସହିତ ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜ ପୁରାତନ ଛାତ୍ରୀ ସଂଘ (ଆଲୁମିନି) ଆବେଦନକୁ ଖାରଜ କରିଛନ୍ତି।

# ୪୯ ହଜାର ୧୩୭ ଅପରାଧିକ ମାମଲାରେ ଚାର୍ଜସିଟ ଦାଖଲ କରି ପାରିନାହିଁ ରାଜ୍ୟ ପୁଲିସ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଗତକାଲି ଜାରି ହୋଇଥିବା ଶ୍ୱେତପତ୍ର ଅନୁଯାୟୀ ୨୦୨୧ ମସିହାରେ ଓଡ଼ିଶାରେ ମୋଟ୍ ୧,୫୫,୪୨୦ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି। ଯାହା ମଧ୍ୟରେ ରହିଛି ୧୩୯୪ଟି ହତ୍ୟା, ୫୫୨ଟି ଡକାୟତି, ୨୮୨୬ ଲୁଣ୍ଠନ, ୫୧୩୩ ସିନ୍ଧିଚୋରି, ୧୩,୦୨୪ ଚୋରି, ୫୧୩୮ ପ୍ରତାରଣା, ୨୨୨୦ ଦଙ୍ଗା, ୩୩୨୭ ଦୁଷ୍କର୍ମ, ୧୦,୯୮୩ ମୋଟରଯାନ ଦୁର୍ଘଟଣା ଓ ୧,୧୦,୮୨୩ ଅନ୍ୟାନ୍ୟ ମାମଲା। ଏହା ମଧ୍ୟରୁ ମୋଟ୍ ୧,୪୯,୨୩୨ଟି ମାମଲା ସତ୍ୟ ଉପରେ ଆଧାରିତ ବୋଲି ଶ୍ୱେତପତ୍ରରେ ଦର୍ଶାଯାଇଛି। ମାତ୍ର ବର୍ଷଶେଷ ସୁଦ୍ଧା ମୋଟ୍ ୧,୦୬,୨୮୩ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ଅର୍ଥାତ ୪୯ ହଜାର ୧୩୭ ଗୋଟି ଅପରାଧିକ ମାମଲାରେ ଚାର୍ଜସିଟ ଦାଖଲ କରି ପାରିନାହିଁ ରାଜ୍ୟ ପୁଲିସ। ସେହିପରି ୨୦୨୦ରେ ଧର୍ତ୍ତବ୍ୟ ଅପରାଧ ମାମଲା ସଂଖ୍ୟା ଥିଲା ୧,୩୪,୨୩୦। ଯୌତୁକ ଜନିତ ମାମଲା ମଧ ଚିନ୍ତାଜନକ ରହିଛି। ୨୦୨୦ରେ ୪୦୮୮ ମାମଲା ରୁଜୁ ହୋଇଥିଲା ବେଳେ ୨୦୨୧ରେ ଏହି ସଂଖ୍ୟା ୫୦୮୦ ରହିଛି। ଏହା ମଧ୍ୟରୁ ୩୭୦୭ ମାମଲାରେ ଚାର୍ଜସିଟ୍‌ଦାଖଲ ହୋଇଛି। ୨୯୮ଟି ଯୌତୁକ ଜନିତ ହତ୍ୟା ମାମଲା ମଧ୍ୟରୁ ୧୮୧ଟିରେ ଚାର୍ଜସିଟ୍ ଦାଖଲ ହୋଇଛି। ୧୨୯ଟି ଯୌତୁକ ଜନିତ ଆତ୍ମହତ୍ୟା ମାମଲା ମଧ ରୁଜୁ ହୋଇଛି। ୨୦୨୦ ତୁଳନାରେ ରାଜ୍ୟରେ ଲୁଣ୍ଠନ ମାମଲା ମଧ ବଢ଼ିଛି। ୨୦୨୧ରେ ୨୦୩୭ଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି। ତାହା ମଧ୍ୟରୁ ୩୦୭ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ଏହି ମାମଲାଗୁଡ଼ିକରେ ୫୪୨ ଜଣ ଅପରାଧୀ ସଂପୃକ୍ତ ଥିଲା ବେଳେ ୪୨୫ ଜଣ ଅପରାଧୀଙ୍କୁ ରାଜ୍ୟ ଭିତରୁ ଓ ବାହାରୁ ଗିରଫ କରାଯାଇଛି।

# ରାଜ୍ୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୯୨ ହଜାର ୮୭: ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ବିଧାନସଭାରେ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ନିଜର ଲିଖିତ ଉତ୍ତର ରଖିଛନ୍ତି। ସେ ତାଙ୍କ ଉତ୍ତରରେ ଲେଖିଛନ୍ତି କି ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ଶିଶୁ ଶ୍ରମିକଙ୍କ ସଂଖ୍ୟା ୯୨ ହଜାର ୮୭ ରହିଛି। କୋଭିଡରେ ବାପା ମାଆଙ୍କୁ ହରାଇଥିବା ପିଲା ଶ୍ରମିକ ହେବାକୁ ବାଧ ହୋଇଥିବା ତଥ୍ୟ ବିଭାଗର ଉପଲବ୍ଧି ହୋଇନାହିଁ। ସେହିପରି କୋଭିଡରେ ବାପାମାଆଙ୍କୁ ହରାଇଥିବା କେତେ ଶିଶୁଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଇଛି ତାହାର ତଥ୍ୟ ସରକାର ରଖିଛନ୍ତି। ଯେଉଁଥିରେ ୯୮୮ ଜଣ ଉଭୟ ପିତା ମାତା ହରାଇଥିବା ଶିଶୁ ଏବଂ ପରିବାରର ରୋଜଗାରକ୍ଷମ ଅଭିଭାବକଙ୍କୁ ହରାଇଥିବା ୪୨୨୭୪ ଶିଶୁଙ୍କୁ ସହାୟତା ଯୋଗାଇ ଦିଆଯାଇଥିବା ଶ୍ରମ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଜି ଖୋର୍ଦ୍ଧାରୁ ସର୍ବାଧିକ ୩୦୭ କରୋନା ଆକ୍ରାନ୍ତ ଚିହ୍ନଟ, ରାଜ୍ୟରେ ୧୧୨୨

ଭୁବନେଶ୍ୱର,୨୦/୦୭ (ନି.ପ୍ର): ଗତକାଲି ଅପେକ୍ଷା ରାଜ୍ୟରେ ଆଜି କରୋନା ସଂକ୍ରମଣ ବୃଦ୍ଧି ପାଇଛି। ଗତକାଲି ୯୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଆଜି ୨୪ ଘଣ୍ଟା ମଧ୍ୟରେ ୧୧୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୫୮ ଜଣ ସଂଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪୬୪ ସ୍ଥାନୀୟ ସଂକ୍ରମିତ। ସେମାନଙ୍କ ମଧ୍ୟରୁ ୦-୧୮ ବର୍ଷ ବୟସ ମଧ୍ୟରେ ୧୬୪ ଜଣ ଅଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦୧୯୯ରେ ପହଞ୍ଚିଛି। ଏବେ ସୁଦ୍ଧା ସୁସ୍ଥ ହୋଇ ସାରିଲେଣି ୧୨୮୬୧୧୧ ଓ ଏବେ ବି ସକ୍ରିୟ ଅଛନ୍ତି ୬୭୦୧ ଜଣ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ ଅନୁଗୁଳ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୨ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୧୨ ଜଣ, ବଲାଙ୍ଗୀରରୁ ୧୨ ଜଣ, ବୌଦ୍ଧରୁ ୬ ଜଣ, କଟକରୁ ୧୩୨ ଜଣ, ଦେବଗଡ଼ରୁ ୭ ଜଣ, ଢେଙ୍କାନାଳରୁ ୨ ଜଣ, ଗଜପତିରୁ ୧୧ ଜଣ, ଗଞ୍ଜାମରୁ ୨ ଜଣ, ଜଗତ୍‌ସିଂହପୁରରୁ ୨୦ ଜଣ, ଯାଜପୁରରୁ ୨୬ ଜଣ, ଝାରସୁଗୁଡ଼ାରୁ ୨୫ ଜଣ, କଳାହାଣ୍ଡିରୁ ୧୩ ଜଣ, କନ୍ଧମାଳରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୧୧ ଜଣ, କେନ୍ଦୁଝରରୁ ୧୦ ଜଣ, ଖୋର୍ଦ୍ଧାରୁ ୩୦୭ ଜଣ, କୋରାପୁଟରୁ ୬ ଜଣ, ମୟୂରଭଞ୍ଜରୁ ୫୩ ଜଣ, ନବରଙ୍ଗପୁରରୁ ୭ ଜଣ, ନୟାଗଡ଼ରୁ ୧୪ ଜଣ, ନୂଆପଡ଼ାରୁ ୧୩ ଜଣ, ପୁରୀରୁ ୨୪ ଜଣ, ରାୟଗଡ଼ାରୁ ୧୦ ଜଣ, ସମ୍ବଲପୁରରୁ ୬୫ ଜଣ, ସୋନପୁରରୁ ୪୨ ଜଣ, ସୁନ୍ଦରଗଡ଼ରୁ ୧୯୭ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୭୧ ଜଣ ଚିହ୍ନଟ ହୋଇଛନ୍ତି।

# ଓଡ଼ିଶା ନୂତନ ଅନୁଦାନପ୍ରାପ୍ତ ଅବସର ଶିକ୍ଷକ ଓ କର୍ମଚ୍ଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ଓଡ଼ିଶା ନୂତନ ଅନୁଦାନପ୍ରାପ୍ତ ଅବସର ଶିକ୍ଷକ ଓ କର୍ମଚ୍ଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ଉତ୍କଳ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଘରୋଇ ପରିଚ୍ଚଳନା ସମିତି ଦ୍ୱାରା ସ୍ଥାପିତ ହୋଇଥିବା ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ଓଡ଼ିଶା ସରକାର ୨୦୦୪ ମସିହାରେ ବ୍ଲକଗ୍ରାଣ୍ଟ ଅନ୍ତର୍ଭୁକ୍ତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ବିଦ୍ୟାଳୟ ଗୁଡ଼ିକ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପରିଣତ କରିଛନ୍ତି। ଏହି ବିଦ୍ୟାଳୟ ମାନଙ୍କରେ ଆଜିର ଦିନରେ ତାଲିମପ୍ରାପ୍ତ ଗ୍ରାଜୁଏଟ ଶିକ୍ଷକ ମାସିକ ୪୯,୬୨୫ ଟଙ୍କା ଓ ଜଣେ ପିଅନ ମାସିକ ୨୦,୮୦୨ ଟଙ୍କା ଦରମା ଆକାରରେ ପାଉଛନ୍ତି। ଆଗାମୀ ଦିନରେ ସେମାନେ ମଧ ସପ୍ତମ ବେତନ କମିଶନ ଆଧାରରେ ଦରମା ପାଇବାକୁ ଯାଉଛନ୍ତି। ଏହି ବିଦ୍ୟାଳୟ ମାନଙ୍କରୁ ଶିକ୍ଷକ କର୍ମଚ୍ଚାରୀମାନେ ୩୦ ବର୍ଷର ସେବା ପ୍ରଦାନ ପରେ ୨୦୦୭ ମସିହାରୁ ଅବସର ନେବା ମଧ ଆରମ୍ଭ କରିଛନ୍ତି ଯେଉଁମାନଙ୍କ ସଂଖ୍ୟା ୨୦୦୦ରୁ ଊର୍ଦ୍ଧ୍ୱ ଓ ଏବେ ମଧ ପ୍ରତିମାସରେ ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚ୍ଚାରୀ ଅବସର ଗ୍ରହଣ କରୁଛନ୍ତି।

# ହାଇସ୍କୁଲରେ ଲାଗିବ ସିସିଟିଭି: ଆୟୋଜନ ହେବ ଗଣିତ ମେଳା, ବିଜ୍ଞାନ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୨୦/୦୭ (ନି.ପ୍ର): ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବାକୁ 'ମୋ ସ୍କୁଲ୍ ଅଭିଯାନ', ଓଡ଼ିଶା ବିଜ୍ଞାନ ଏକାଡେମି ଓ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ମିଳିତ ଭାବେ ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇଛି। ନିକଟରେ ବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ହୋଇଥିବା ବେଳେ ଭବିଷ୍ୟତରେ ମୋବାଇଲ୍ ସାଇନ୍ସ ପ୍ରଦର୍ଶନୀ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ପିଲାଙ୍କ ମଧ୍ୟରେ ଗଣିତର ଆଗ୍ରହ ବୃଦ୍ଧି ପାଇଁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସ ଆଣ୍ଡ୍ ଆପ୍ଲିକେସନ୍ସ (ଆଇଏମ୍ଏ) ସହ ମିଶି ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଲାଗି ଗଣିତ ମେଳା ଆୟୋଜନ କରିବାକୁ 'ମୋ ସ୍କୁଲ୍ ଅଭିଯାନ'ର ୩୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପରେ ବଳକା ଥିବା ୪୩୧୦ଟି ଉଚ୍ଚ ବିଦ୍ୟାଳୟରୁ ୩ୟ ପର୍ଯ୍ୟାୟରେ ୨୧୫୯ଟି ହାଇସ୍କୁଲ୍‌ର ରୂପାନ୍ତରଣ କରିବାକୁ ପ୍ରସ୍ତାବ ରହିଛି। ରୂପାନ୍ତରିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କୋଡିଂ ଶିକ୍ଷାଦାନ ଉଦ୍ଦେଶ୍ୟରେ ୧୦୭୬ ହାଇସ୍କୁଲ୍‌ରେ କୋଡ୍ କ୍ଲବ୍ ଆରମ୍ଭ ହୋଇଛି। ଇତିମଧ୍ୟରେ ୩୦ଟି ଜିଲ୍ଲାର ୪୧୩ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ କୋଡିଂ ଏବଂ ପ୍ରୋଗ୍ରାମିଂରେ ପ୍ରଶିକ୍ଷଣ ଦିଆଯାଇଛି। ବିଦ୍ୟାଳୟର ମୂଲ୍ୟବାନ ଉପକରଣ ଓ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ସ୍କୁଲଗୁଡ଼ିକ 'ମୋ ସ୍କୁଲ' ପାଣ୍ଠିରେ ଥିବା ଅର୍ଥରେ ସ୍ୱତନ୍ତ୍ର ସୁରକ୍ଷା କର୍ମୀ ନିୟୋଜନ କରିବେ। ଏହାବ୍ୟତୀତ ପ୍ରତି ରୂପାନ୍ତରିତ ବିଦ୍ୟାଳୟରେ ସିସିଟିଭି କ୍ୟାମେରା, ବଜ୍ରପାତରୁ ସୁରକ୍ଷା ପାଇଁ ଲାଇଟେନିଂ ଆରେଷ୍ଟର ଓ ଅଗ୍ନିନିର୍ବାପକ ଯନ୍ତ୍ର, ସ୍କୁଲ୍‌ରେ ଇଣ୍ଟରନେଟ୍ ସଂଯୋଗ କରିବାକୁ କୁହାଯାଇଛି। ବିଶେଷକରି ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଯେପରି ପିଲାମାନେ ଇଣ୍ଟରନେଟ୍ ସୁବିଧା ପାଇପାରିବେ ତାହା ଉପରେ ଗୁରୁତ୍ୱ ଦେବାକୁ ଗଣଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଓ 'ମୋ ସ୍କୁଲ୍' ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ୨୦୨୨-୨୩ ଆର୍ଥିକ ବର୍ଷରେ ୬୪୪ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଛି। ଟାଟା ଟ୍ରଷ୍ଟ ଓ ଲିଭୋଲିଙ୍କ୍ ଫାଉଣ୍ଡେସନ ସହ ମିଳିତ ଭାବେ ଚାଲିଥିବା ପ୍ରାଥମିକ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ କନ୍ଧମାଳ ଜିଲ୍ଲାରେ ଏକ ଏକାଡେମିକ୍ ରିସୋର୍ସ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦକ୍ଷତା ବିକାଶରେ ଏହି ଅନୁଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରିବ। ଚଳିତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୨୬ଟି ଜିଲ୍ଲାର ୧୩୧ କୋଟି ୭୩ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ବୈଠକରେ 'ମୋ ସ୍କୁଲ୍' ସଦସ୍ୟ ସଚିବ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ପ୍ରତାପ କୁମାର ମିଶ୍ର, ବିଭାଗୀୟ ଆର୍ଥିକ ଉପଦେଷ୍ଟା ରତିକାନ୍ତ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା, ପ୍ରାଥମିକ ଶିକ୍ଷା, ଟିଇ ଆଣ୍ଡ୍ ଏସ୍‌ସିଇଆରଟିର ନିର୍ଦ୍ଦେଶକ, 'ମୋ ସ୍କୁଲ୍ ଅଭିଯାନ'ର ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା, ଭାରପ୍ରାପ୍ତ ଅଧିକାରୀ ପ୍ରବୀର କୁମାର ଖିଲାର ଉପସ୍ଥିତ ଥିଲେ।

## ପାକ୍‌ରେ ଶ୍ରୀଲଙ୍କାର...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ପାକ୍ ସରକାର ଏଥିପାଇଁ ପ୍ରୟାସ କରିବାକୁ ସେମାନେ ଯୁକ୍ତି ବାଢୁଛନ୍ତି । ସରକାର ଭାରତ ବିରୋଧୀ ନୀତି ଗ୍ରହଣ କରି କାଙ୍ଗାଳ ହୋଇଥିଲା ବେଳେ ବଙ୍ଗଳାଦେଶ ପଚ୍ଚଶ ବର୍ଷରେ ଭାରତର ସହାୟତା ନେଇ ପାକିସ୍ଥାନକୁ ପଛରେ ପକାଇ ଦେଇଥିବା ଉଲ୍ଲେଖ କରୁଛନ୍ତି । ଶ୍ରୀଲଙ୍କାର ରାଜପାକ୍ଷ ପରିବାର ଯେପରି ସରକାରରେ ଅନେକ ପଦପଦବୀରେ ଥାଇ କ୍ଷମତାକୁ ଉପଭୋଗ କରୁଥିଲେ, ଦେଶରୁ ଲୁଟି ସିଙ୍ଗାପୁରରେ ବ୍ୟବସାୟ କରୁଥିଲେ, ଠିକ୍ ସେମିତି ପାକ୍‌ରେ ସରିଫ ଏବଂ ଜର୍ଦ୍ଦାରୀ ପରିବାର ଦେଶକୁ ଲୁଟି ଆସିଛନ୍ତି ବୋଲି ପିଟିଆଇ ଦଳର ନେତା ଇମରାନ ଖାଁ ନିର୍ବାଚନୀ ସଭାରେ କହିଛନ୍ତି । ପାକ୍‌ର ସେନା ବିସ୍କୁଟରୁ ସିମେଣ୍ଟ ପର୍ଯ୍ୟନ୍ତ ବ୍ୟବସାୟ କରି ପ୍ରାୟ ୨ ବିଲିଅନ ଡଲାର ରୋଜଗାର କରିବା ସହ ବହୁ ପରିମାଣର ଜମି ଏବଂ ବାସୋପଯୋଗୀ ପ୍ଲଟ ହାତରେ ଧରି ବସିଛି । କୃଷି ପ୍ରଧାନ ଦେଶ ହେବା ସତ୍ତ୍ୱେ ଗହମ ଓ ଚିନି ଆମଦାନୀ କରୁଛି ପାକିସ୍ଥାନ । କିନ୍ତୁ ଦେଶର ଦୁର୍ନୀତି ଏତେ ବ୍ୟାପକ ହୋଇଛି ଯେ ଋଣ ଦେଉଥିବା ସଂସ୍ଥା ଆଇଏମ୍ଏଫ୍ ନିଜ ଅର୍ଥ ଫେରିପାଇବ ବୋଲି ପାକ୍ ଉପରେ ଭରସା କରିପାରୁନାହିଁ । ନିକଟରେ ରେଟିଂ ସଂସ୍ଥା ଫିଚ୍ ପକ୍ଷରୁ ଦେବାଳିଆ ସ୍ଥିତିକୁ ଯାଉଥିବା ଯେଉଁ ୧୭ଟି ରାଷ୍ଟ୍ରର ତାଲିକା ଜାରି କରିଛି ତହିଁରେ ପାକିସ୍ଥାନ ରହିଛି । ଦେଶର ମୁଦ୍ରାସ୍ଫିତି ୨୦ ପ୍ରତିଶତକୁ ଅତିକ୍ରମ କଲାଣି । ତେଣୁ ସରକାର ବିଦେଶରୁ ଆମଦାନୀ ହେଉଥିବା ବିଳାସ ସାମଗ୍ରୀ ଉପରେ ସୁପରଟିକସ ଲଗାଇଛନ୍ତି । ବିଶ୍ୱ ମୁଦ୍ରା ପାଣ୍ଠି, ବିଶ୍ୱ ବ୍ୟାଙ୍କ କିମ୍ବା ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ପରି କୌଣସି ସଂସ୍ଥା ପାକ୍‌କୁ ପ୍ରକଳ୍ପ ପାଇଁ ଋଣ ଦେବାଲାଗି ରାଜି ନୁହଁନ୍ତି । ଜୁନ୍ ୨୦୨୨ ମଧ୍ୟରେ ୯ରୁ ୧୨ ବିଲିଅନ ଡଲାର ସହାୟତା ପାକ୍ ଆବଶ୍ୟକ କରୁଥିଲେ ମଧ୍ୟ ପାଇପାରି ନଥିବାରୁ ଆଗାମୀ ଦିନରେ ଋଣ ସୁଝିନପାରି ଶ୍ରୀଲଙ୍କା ପରି ଦେବାଳିଆ ଘୋଷିତ ହେବାର ଯଥେଷ୍ଟ ଭୟ ରହିଛି, ଯାହା ଶ୍ରୀଲଙ୍କା ପରି ଅସ୍ଥିରତା ସୃଷ୍ଟି କରିପାରେ ।

ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ଶରିୟତ ଲାଗୁ କରିବାର ଝାଡଖଣ୍ଡ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଝାଡଖଣ୍ଡରେ ମୁସଲମାନ ବହୁଳ ଗାଁ ମାନଙ୍କରେ ଘଟିଥିବା ଏହି ଘଟଣା ଏହାକୁ ସ୍ପଷ୍ଟ ସଂକେତ କରୁଛି ।

ଏହି ଘଟଣା ମାନ ଆଉ ଏକ ଦିଗକୁ ମଧ୍ୟ ସଂକେତ କରୁଛି । ତାହା ହେଲା ୧୯୪୭ ମସିହାରେ ଭାରତକୁ ବିଭାଜନ କରି ଇସଲାମୀ ଦେଶ ପାକିସ୍ତାନ ତିଆରି କଲେ । ଭାରତ ବିଭାଜନ କରି ମୁସଲମାନ ଦେଶ ତିଆରି କରି ମଧ୍ୟ ସେମାନେ ସନ୍ତୁଷ୍ଟ ହୋଇ ନାହାନ୍ତି । ସେତେବେଳ ଯେଉଁ ମାନେ ଭାରତରେ ରହି ଗଲେ ସେମାନଙ୍କ ମନରେ ଭାରତର ସମ୍ପୂର୍ଣ୍ଣ ଇସଲାମୀକରଣର ସ୍ୱପ୍ନ ଏବେ ବି ରହିଛି । ଯେଉଁଠାରେ ସେମାନଙ୍କର ସଂଖ୍ୟା ବଢୁଛି ସେଠାରେ ସେମାନେ ତାଙ୍କ ମନରେ ଥିବା ଭାରତର ଇସଲାମୀକରଣର ସ୍ୱପ୍ନକୁ ସାକାର କରିବାକୁ ପ୍ରୟାସ କରୁଛନ୍ତି । ସ୍କୁଲ ମାନଙ୍କରେ ରବିବାର ଛୁଟି ବଦଳରେ ଜୁମାରେ ଜୋର ଜବରଦସ୍ତି ଛୁଟି କରାଇବା ବା ହାତ ଯୋଡି ପ୍ରାର୍ଥନାକୁ ବନ୍ଦ କରାଇବା ସେମାନଙ୍କର ଏହି ପ୍ରୟାସର ଅଂଶବିଶେଷ ।

ଏହି ଘଟଣା ଗୁଡିକରୁ ସ୍ପଷ୍ଟ ହେଉଛି ଯେ ଏହା ସୁଚିନ୍ତିତ ଓ ସୁନିୟୋଜିତ ଭାବେ କରାଯାଉଛି । ଏହା ଅତ୍ୟନ୍ତ ଗୁରୁତର ବିଷୟ ଓ ଦେଶର ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ଏହାକୁ ହାଲକା ଭାବେ ନିଆଯିବା ଉଚିତ ନୁହେଁ । ଏହା ପଛରେ କେଉଁ ଶକ୍ତି ମାନେ ଅଛନ୍ତି ତାହାକୁ ଚିହ୍ନଟ କରିବା ଆବଶ୍ୟକ । ଏମାନଙ୍କୁ କେଉଁ ଠାରୁ ବୈଚାରିକ ଓ ଆର୍ଥିକ ସହଯୋଗ ମିଳୁଛି ତାର ମଧ୍ୟ ଜାଂଚ କରି ଏ ବାବଦରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକ ।

## କଂଗ୍ରେସ କର୍ମୀଙ୍କ ପରଲୋକ



ଜଳେଶ୍ୱର, ୨୦/୭(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ପାଇକସିଦା ପଂଚାୟତର କେଶପୁରା ଗାଁର ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ପୁଅ ପରେଶ ନାୟକ (୫୧)ଙ୍କର ଆଜି ହଠାତ୍ ପରଲୋକ ହୋଇଛି । ତାଙ୍କର ଏକମାତ୍ର ପୁତ୍ର ଜିତୁନ୍ ନାୟକ, ସ୍ତ୍ରୀ ଜ୍ୟୋତ୍ସ୍ନା ନାୟକ ଓ ପରିବାର ବର୍ଗ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିବା ବେଳେ ଗାଁ ଶ୍ମଶାନରେ ମୁଖାଗ୍ନି ଦିଆଯାଇଛି । ତାଙ୍କୁ ପରଲୋକରେ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକପ, ସୁଦର୍ଶନ ଦାସ, ସଂଜିବ ଗିରି, ବଂଦିତା ପରିଡା, ରାଜୀବ ପରିଡା, ହେମନ୍ତ ଗିରି, ସୁଦାମ ପାତ୍ର, ଓ ରମାନାଥ ଗିରି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାନିଲ ବିକ୍ରମସିଂଘେ....

ପାଇଁ ଶ୍ରୀଲଙ୍କା ସଂସଦରେ ସମସ୍ତ ସାଂସଦ ଉପସ୍ଥିତ ଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ଷେ ମଧ୍ୟ ଉପସ୍ଥିତ ରହିଥିଲେ । ଶ୍ରୀଲଙ୍କାରେ ରାଜନୈତିକ ଅସ୍ଥିରତା ଏବଂ ବିଦେଶକୁ ପଳାୟନ କରିଥିବା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ଷେଙ୍କ ଇସ୍ତଫା ପରେ ବିକ୍ରମସିଂଘେ କାମଚଳା ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଉଥିଲେ । ଦୂରଦୃଷ୍ଟି ସମ୍ପନ୍ନ ଓ ଆର୍ଥିକ ବ୍ୟବସ୍ଥା ସମ୍ଭାଳିବା ପାଇଁ ଦକ୍ଷତା ରଖୁଥିବା ଜଣେ ଧୁରନ୍ଧର ନେତା ଭାବେ ଜଣାଯାଆନ୍ତି ରାନିଲ ବିକ୍ରମସିଂଘେ । କେବଳ ସେତିକି ନୁହେଁ ଅର୍ନ୍ତରାଷ୍ଟ୍ରୀୟ ସହଯୋଗ ଭିତରେ ଶାସନ, ମଜବୁତ କୁଟନୀତିକୁ ନେଇ ଶାସନ କରିବା ଦିଗରେ ମଧ୍ୟ ସେ ଜଣେ ଟାଣୁଆ ନେତା । ପୂର୍ବରୁ ଶ୍ରୀଲଙ୍କାର ୬ ଥର ପ୍ରଧାନମନ୍ତ୍ରୀ ଓ ଥରେ କାମଚଳା ରାଷ୍ଟ୍ରପ୍ରତି ଦାୟିତ୍ୱ ସେ ସମ୍ଭାଳି ସାରିଛନ୍ତି । ବର୍ତ୍ତମାନ ଦେଶର ରାଷ୍ଟ୍ରପତି ହେବା ପରେ ନିଶ୍ଚିତଭାବେ ତାଙ୍କ ଉପରେ ଚାପ ଅଧିକ ରହିବ । ରାନିଲ ଜଣେ ଷ୍ଟାଟେଜି ମେକର ଭାବେ ମଧ୍ୟ ଜଣାଯାଆନ୍ତି । ଦେଶର ଆର୍ଥିକ ସ୍ଥିତିରେ ସୁଧାର ଆସିବା ନେଇ ଏବେ ଶ୍ରୀଲଙ୍କାବାସୀଙ୍କ ନିକଟରେ ନୂଆ ଆଶା ସୃଷ୍ଟି କରିବେ ନୂଆ ରାଷ୍ଟ୍ରପତି ରାନିଲ । କଣ ରହିବ ରାନିଲଙ୍କ ନୂଆ ରଣନୀତି ? କିଭଳି ସୁଧରିବ ଦେଶର ଆର୍ଥିକ ସଙ୍କଟ? କଣ ରହିବ ରାଷ୍ଟ୍ରପତିଙ୍କ ନୂଆ ଫର୍ମୁଲା ? ଏବେ ତା ଉପରେ ସଭିଙ୍କ ରହିଛି ନଜର.. ମଙ୍ଗଳବାର ରାଷ୍ଟ୍ରପତି ନିର୍ବାଚନ ଚାଲିଥିବାବେଳେ ରାନିଲ ବିକ୍ରମସିଂଘେଙ୍କ ବିରୋଧରେ ଜନତାଙ୍କ ଜୋରଦାର ପ୍ରତିବାଦ ଦେଖିବାକୁ ମିଳିଛି । ଏପରିକି ରାନିଲଙ୍କ ବିରୋଧରେ କିଛି ଲୋକେ ନୀରବରେ ପ୍ରତିବାଦ ମଧ୍ୟ କରିଥିଲେ । ତେବେ ଶ୍ରୀଲଙ୍କାର ସଂସଦରେ ୪୪ ବର୍ଷ ପରେ ପ୍ରଥମଥର ସିଧାସଳଖ ରାଷ୍ଟ୍ରପତି ନିର୍ବାଚନ ହୋଇଛି । ଏହାପୂର୍ବରୁ ୧୯୯୩ରେ ତତ୍କାଳୀନ ରାଷ୍ଟ୍ରପତି ରଣସିଂଘେ ପ୍ରେମଦାସାଙ୍କୁ ହତ୍ୟା କରାଯାଇଥିଲା । ଯାହା ପରେ ରାଷ୍ଟ୍ରପତି ପଦ ଖାଲି ପଡ଼ିଥିଲା । ସେହି ସମୟରେ ଡିବି ବିଜେତୁଙ୍ଗାଙ୍କୁ ସଂସଦ ସର୍ବସମ୍ମତି କ୍ରମେ ରାଷ୍ଟ୍ରପତି ଦାୟିତ୍ୱ ହସ୍ତାନ୍ତର କରିଥିଲା ।

### ଫକୀରମୋହନ ସାହିତ୍ୟ....

ପ୍ରଥମେ ଶ୍ରୀ ପଣ୍ଡା ଓ ଡ. ରାଧାରଞ୍ଜନ ପଟ୍ଟନାୟକ, ଅଭୟ ଦାସଙ୍କ ସମେତ ତାଙ୍କର ଅନେକ ସହଯୋଗୀ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲାବେଳେ କୌଣସି ସୁଫଳ ନ ମିଳିବାରୁ ହାଇକୋର୍ଟରେ ଏକ ରିଟ୍ କରିଥିଲେ । ହାଇକୋର୍ଟ ଅତିରିକ୍ତ ଜିଲ୍ଲାପାଳଙ୍କୁ ଚାରି ସପ୍ତାହ ମଧ୍ୟରେ ଶୁଣାଣି କରି ଏହାର ସମାଧାନ ପାଇଁ କହିଥିଲେ । ମାତ୍ର ଅତିରିକ୍ତ ଜିଲ୍ଲାପାଳ ଶୁଣାଣି କରିସାରିବା ପରେ ଏ ମାମଲାରେ ତାଙ୍କର ରାୟ ଦେବା କ୍ଷମତା ବର୍ହିଭୂତ ବୋଲି କହିଲେ । ଫଳରେ ପୁନଶ୍ଚ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଶ୍ରୀ ପଣ୍ଡା ଓ ତାଙ୍କର ସହଯୋଗୀମାନେ । ହାଇକୋର୍ଟ ଏହାର ଗମ୍ଭୀରତାକୁ ବିଚାର କରି ସାହିତ୍ୟ ପରିଷଦର ରେଜିଷ୍ଟ୍ରେସନ୍ ଅଧିକାରୀ (ଆଇ.ଜି.ଆର୍.) କଟକଙ୍କ ନିକଟରେ ଅପିଲ କରିବାକୁ କହିଥିଲେ । ତଦ୍‌ନୁଯାୟୀ ଆଇ.ଜି.ଆର୍.ଙ୍କ ପାଖରେ ଆବେଦନ କରାଯିବା ପରେ ଆଇ.ଜି.ଆର୍. ଓଡ଼ିଶା ସରକାରଙ୍କ ରେଜିଷ୍ଟ୍ରେସନ୍ ଆକ୍ଟ ଅନୁଯାୟୀ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ନିର୍ବାଚନ ସମେତ ଆର୍ଥିକ ହେରଫେର ଇତ୍ୟାଦି ଘଟଣା ଘଟିଲେ ସେହି ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଥିବା ଜିଲ୍ଲାରେ ସେହି ଜିଲ୍ଲାର ସିନିୟର ସିଭିଲ ଜଜ୍‌ଙ୍କ ପାଖରେ ଆବେଦନ କରିବାକୁ ପଡ଼ିବ ବୋଲି ଜଣାଇଦେବାରୁ ଶ୍ରୀ ପଣ୍ଡା ଓ ତାଙ୍କର ସହଯୋଗୀମାନେ ଗତ ତା.୨୧.୦୬.୨୦୨୨ରିଖରେ ବାଲେଶ୍ୱର ସିନିୟର ସିଭିଲ ଜଜ୍‌ଙ୍କ ପାଖରେ ମାମଲାର ବିଚାର ପାଇଁ ଆବେଦନ କରିଥିଲେ । କୋର୍ଟ ଏହାକୁ ଗ୍ରହଣ କରିଥିବା ବେଳେ ଗ୍ରୀଷ୍ମକାଳୀନ ଛୁଟି ଖୋଲିବା ପରେ କୋର୍ଟ ପକ୍ଷରୁ କେସ୍ ନଂ.୦୪/୨୧, ୨୦୨୨ ମୂଳେ ଅଧୁନା ପରିଷଦର ଥିବା ସଭାପତି ସମେତ ୭ଜଣ କର୍ମକର୍ତ୍ତା ଏବଂ କାର୍ଯ୍ୟକାରୀ କମିଟିର ୧୨ଜଣ ସଦସ୍ୟଙ୍କୁ ପୃଥକ୍ ପୃଥକ୍ ଭାବେ ନୋଟିସ୍ ପ୍ରେରଣ କରି ଆସନ୍ତା ଅଗଷ୍ଟ ୬ ତାରିଖରେ ନିଜ ନିଜର ପକ୍ଷ ରଖିବାକୁ କହିଛନ୍ତି । ସାହିତ୍ୟ ପରିଷଦର ୭୫ବର୍ଷ ଇତିହାସରେ ପ୍ରଥମଥର ପାଇଁ ପରିଷଦର ମାମଲା ନ୍ୟାୟାଳୟକୁ ଯାଇଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ନାନା ପ୍ରତିକ୍ରିୟା ପ୍ରକାଶ ପାଉଛି ।

### ପ୍ରଚଣ୍ଡ ଖରା ଓ ଅସହ୍ୟ ଗରମରେ....

ସେଲସିୟସ ରହିଛି । ବେଲଜିୟମରେ ୪୦ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ ଏଭଳି ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ । ଆଗକୁ ଏହା ବଡ ସଙ୍କଟ ଭାବେ ଛିଡା ହେବା ଆଶଙ୍କା ରହିଛି । ବିପଦଜନକ ପରିଣାମ କେବଳ ୟୁରୋପ ନୁହେଁ ପୂରା ବିଶ୍ୱକୁ ଭୋଗିବାକୁ ପଡିପାରେ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ପ୍ରଭାବ କ୍ରିକେଟ୍ ଉପରେ ପଡ଼ିଛି । ପଡ଼ିଆ ଭିତରେ ୭ ଘଣ୍ଟା ବିତାଇବା ଖେଳାଳିଙ୍କ ପକ୍ଷରେ ମୁସ୍କିଲ ହୋଇପଡୁଛି । ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବେଳେ ଏପରି କିଛି ଦୃଶ୍ୟ ସାମ୍ନାକୁ ଆସିଛି । ପ୍ରବଳ ଗରମ ଖେଳାଳିଙ୍କୁ ଅସହ୍ୟ କରିଥିଲା । ବୋଲରମାନେ ପ୍ରତି ଓଭର ପରେ ପାଣି ମାଗୁଥିଲେ । ସେହିପରି ବ୍ୟାଟରଙ୍କ ମୁଣ୍ଡରେ ବରଫ ରଖାଯାଉଥିବା ମଧ୍ୟ ଦେଖିବାକୁ ମିଳିଛି । ପୂରା ମ୍ୟାଚ୍‌ରେ ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା । ଗୋଟେ ପଟେ ଅସହ୍ୟ ଗରମ ଅନ୍ୟପଟେ କିଛି ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ସ୍ଥିତି ଅଣଆୟତ ହୋଇଛି ।

### ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ....

ତାଙ୍କ ପରି ଲୁଚା ଛପାରେ ଭୋଟ ଦେଇନାହାନ୍ତି। ଜୁଲାଇ ୨୧ ତାରିଖରେ ସବୁ ସ୍ପଷ୍ଟ ହେବ। ଆମକୁ ଭୋଟ ଦେବାକୁ ଡିଲ କରିଛନ୍ତି। ଗଣତି ପରେ ଆମେ ସବୁ କହିବୁ ବୋଲି ସେ କହିଛନ୍ତି । ସେହିପରି କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟିଂରେ ବିରୋଧୀ ଦଳ ପ୍ରାର୍ଥୀ ଶ୍ରୀ ସିହ୍ନାଙ୍କୁ ୯ରୁ ୮ ଜଣ ବିଧାୟକ ଭୋଟ ଦେଇଛନ୍ତି। ମୋ ଭୋଟ ସୂର୍ଯ୍ୟ ଚନ୍ଦ୍ର ବି ବଦଳେଇ ପାରିବେନି। ସିହ୍ନାଙ୍କ ନାଁ ଦୁଇ ନମ୍ବରରେ ଥିଲା। ମୁଁ ସେଇଠି ଦେଇଛି। ମୋହନ ମାଝିଙ୍କୁ କିଏ କହିଛି ସେ କୁହନ୍ତୁ। ସୂଚନାଯୋଗ୍ୟ ଯେ ଗତ ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଗ୍ରହଣ ହୋଇଥିଲା। କଂଗ୍ରେସ ଯଶବନ୍ତ ସିହ୍ନାଙ୍କୁ ସମର୍ଥନ ନେଇ ଘୋଷଣା କରିଥିବା ବେଳେ ବିଧାୟକ ମହମ୍ମଦ ମୋକିମ୍ ଦଳୀୟ ନିଷ୍ପତି ବିରୁଦ୍ଧରେ ଯାଇ ଦ୍ରୌପଦୀଙ୍କୁ ଭୋଟ୍ ଦେଇଥିଲେ।

### ଯୋଗୀଙ୍କ କ୍ୟାବିନେଟରେ....

ମିଶିଥିଲେ। ଏବେ ସେ ହିଁ ଯୋଗୀଙ୍କ ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିତିନ ପ୍ରସାଦ କଂଗ୍ରେସରୁ ଆସିଥିବାରୁ ତାଙ୍କୁ ପୂର୍ତ୍ତ ବିଭାଗ ମନ୍ତ୍ରୀ କରାଯାଇଥିଲା। ହେଲେ ତାଙ୍କ ବିଭାଗ ଦୁର୍ନୀତି ଜାଲରେ ଫସିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଘଟଣାରେ ଏକାଧିକ ଅଧିକାରୀ ସାମିଲ ଥିବା ଜଣାପଡ଼ିଛି। ଲାଞ୍ଚ ନେଇ ବିଭାଗରେ ବଦଳି କରାଯାଉଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହାକୁ ଆଧାର କରି ମଙ୍ଗଳବାର ସରକାର ପୂର୍ତ୍ତ ବିଭାଗର ୫ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ। ଏମାନଙ୍କ ମଧ୍ୟରେ ଜିତିନ ପ୍ରସାଦଙ୍କ ଓଏସ୍‌ଡି ଅନୀଲ କୁମାର ପାଣ୍ଡେ ମଧ୍ୟ ରହିଛନ୍ତି। ତାଙ୍କୁ କାର୍ଯ୍ୟରୁ ବେଦଖଲ କରାଯିବା ସହ ଭିଜିଲାନ୍ସ ତଦନ୍ତର ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଜିତିନ ପ୍ରସାଦ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଆଜି ରାଷ୍ଟ୍ରପତି ନିର୍ବାଚନ....

ରହିଥିବା ବେଳେ ବିଧାୟକଙ୍କ ଭୋଟ ମୂଲ୍ୟ ରାଜ୍ୟର ଜନସଂଖ୍ୟା ଉପରେ ନର୍ଭର କରେ। ବାଲଟ ପେପର ଶର୍ଟଲିଷ୍ଟ ହେବା ପରେ ହିଁ ଗଣତି ଆରମ୍ଭ ହେବ। ସଂସଦ ଭବନର ରୁମ ନମ୍ବର ୭୩ ବାହାରେ ମିଡିଆ ଷ୍ଟାଣ୍ଡ ତିଆରି କରାଯାଇଛି। ଗଣତି ଆରମ୍ଭ ହେବା ପରେ ଗଣମାଧ୍ୟମକୁ ନିୟମିତ ଭାବେ ଟ୍ରେଣ୍ଡ ବିଷୟରେ ଅବଗତ କରାଯିବ। ସନ୍ଧ୍ୟା ସୁଦ୍ଧା ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ପ୍ରକାଶ ପାଇବ।

## ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟ ମନ୍ଥର : ରାଜରାସ୍ତାକୁ ଉହ୍ଲାଇବ ଶିକ୍ଷିତ ବେକାରୀ ସଂଘ

ବାଲିଆପାଳ, ୨୦/୦୭ (ନି.ପ୍ର): ବାଲିଆପାଳ ସୁବର୍ଣ୍ଣରେଖା ବନ୍ଦରକୁ ସମର୍ଥନ କରି ଖୁବଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଶିକ୍ଷିତ ବେକାରୀ ସଙ୍ଘର ନିବେଦନ କରିଛି । ତାହା ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଉହ୍ଲେଇବାର ଚେତାବନୀ ଦେଇଛନ୍ତି । ଆଜି ବାଲିଆପାଳ ଶିକ୍ଷିତ ବେକାରୀ ସଂଘ ପକ୍ଷରରୁ ସ୍ଥାନୀୟ ପାରୁଳିଆ ଛକ ସ୍ଥିତ ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପଠାରେ ଏକ ସାମ୍ବାଦିକ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ରିଙ୍କୁ ରଞ୍ଜନ କର, ଉପସଭାପତି ନଗେନ୍ଦ୍ର ଜେନା, ଉପଦେଷ୍ଟା ଅରୁଣ କୁମାର ମହାନ୍ତି, ଦୀପକ କୁମାର ଜେନା,କୋଷାଧକ୍ଷ ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନକୁ ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଛନ୍ତି । ପ୍ରଶାସନ ଯଥା ଶୀଘ୍ର ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ ନ କଲେ ସଂଘ ଆଗାମୀ ଦିନରେ ରାଜ ରାସ୍ତାକୁ ଉହ୍ଲାଇବାର ଚେତାବନୀ ଦେଇଛି । ସୂଚନା ଅନୁଯାୟୀ ୨୦୧୯ମସିହାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚୌମୁଖ ଠାରେ ସମୁଦ୍ର ବେଳା ଭୂମିରେ ସୁବର୍ଣ୍ଣ ରେଖା ବନ୍ଦର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ୪ବର୍ଷ ବିତିଯାଇଥିଲେ ମଧ୍ୟ ବହୁ ବାଧା ବିଘ୍ନ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇ ନ ଥିଲା ବେଳେ ଦିନ ପରେ ଦିନ ଗଡି ଚାଲିଛି । ବାଲିଆପାଳ ବ୍ଲକ ର ବହୁ ଯୁବକ ପେଟ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ବାଲିଆପାଳ ଅଂଚଳରେ ବନ୍ଦର ହେଲେ ଏହା ବିଶ୍ୱଦରବାରରେ ନିଜର ପରିଚୟ ସୃଷ୍ଟି କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ଉନ୍ନତି ଘଟିବ ତତ ସହିତ ସ୍ଥାନୀୟ ଅଂଚଳର ଯୁବକ ମାନେ ଆଉ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ସ୍ଥାନୀୟ ବନ୍ଦରରେ ଚାକିରୀର ସୁଯୋଗ ପାଇ ପାରିବେ । ଏଣୁ ବନ୍ଦରକୁ ଖୁବ ଶୀଘ୍ର କାର୍ଯ୍ୟ କାରୀ କରିବାକୁ ବାଲିଆପାଳ ଅଂଚଳରେ ଥିବା ଶିକ୍ଷିତ ବେକାରୀ ସଙ୍ଘ ଦାବୀ କରିଛନ୍ତି ତାହା ନ ହେଲେ ଆଗାମୀ ଦିନରେ ଏହି ସଂଘ ରାଜରାସ୍ତାକୁ ଉହ୍ଲେଇବ ବୋଲି ସାମ୍ବାଦିକ ସମିଳନୀ ମାଧ୍ୟମରେ ଚେତାବନୀ ଦେଇଛି ।

## ସର୍ପ ଦଂଶନରେ ବୃଦ୍ଧଙ୍କ ମୃତ୍ୟୁ : ଆଖି ଦାନ କଲେ ପରିବାର ଲୋକେ



ଲଙ୍ଗଳେଶ୍ୱର, ୨୦/୦୭ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ପୁଟୁରା ପଞ୍ଚାୟତ ର ବାଲିଆପାଟି ଗ୍ରାମର ଜଣେ ବୃଦ୍ଧ ଙ୍କର ମୃତ୍ୟୁ ହୋଇଯାଇଛି । ଖବର ନେବାରୁ ଜଣାଯାଇଛି ପୁଟୁରା ଗ୍ରାମର ମନ୍ମଥ ଆଦକ ଜଣେ ପାଣି ପମ୍ପ ଓ ନଳକୂଅ ମିସ୍ତ୍ରୀ ଥିଲେ। ଗତ ୧୮ତାରିଖ ଦିନ ସନ୍ଧ୍ୟାରେ ସେ ବିଲ ରୁ ଘରକୁ ଫେରୁଥିବା ବେଳେ ଏକ ଗୋଖର ସାପ ଦଂଶନ କରିଥିଲେ। ସଙ୍ଗେ ସଙ୍ଗେ ପରିବାର ଓ ଲୋକ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା କୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ପୂର୍ବାହ୍ନ ରେ ହସ୍ପିଟାଲ ଫାଣ୍ଡି ଅଧିକାରୀ ତଦନ୍ତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରିବା ପାଇଁ ପଠାଇ ଦେଇଥିଲେ ।ସେ ଜଣେ ଅତ୍ୟନ୍ତ ଜନପ୍ରିୟ ଲୋକ ଥିଲେ ।ତେଣୁ ତାଙ୍କ ମୃତ୍ୟୁରେ ଏ ଅଞ୍ଚଳ ର ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ତାଙ୍କ ଆଖି ଦୃଷ୍ଟି ଦାନ ଆଖି ବ୍ୟାଙ୍କ କୁ ଦାନ କରିଛନ୍ତି।

## ଆଜି ଅପରାହ୍ନରେ ଶ୍ରୀଜୀଉଙ୍କ ବନକଲାଗି

ପୁରୀ, ୨୦/୦୭ (ନି.ପ୍ର): ଶ୍ରାବଣ ମାସ କୃଷ୍ଣ ପକ୍ଷ ସପ୍ତମୀ ତିଥିରେ ଆଜି ଶ୍ରୀଜୀଉ ମାନଙ୍କ 'ବନକଲାଗି' ବା' ଶ୍ରୀମୁଖ ସିଂହାର'ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ପରେ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ଆପାତତଃ ଅପରାହ୍ନ ୫ଟା ରୁ ରାତି୧୦ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂତ୍ରରୁ ପ୍ରକାଶ । ଶ୍ରୀଜୀଉ ମାନଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବାକୁ ବନକଲାଗି ନୀତି କୁହାଯାଏ। ଏହା ଏକ ଗୁପ୍ତ ସେବା । ତେଣୁ ଶ୍ରୀବିଗ୍ରହ ମାନଙ୍କ ଏହି ଗୁପ୍ତ ନୀତି ସମୟରେ ଦର୍ଶନ ବନ୍ଦ ରହିଥାଏ । ଦଇତାପତି ମାନେ ଶ୍ରୀଜିଉଙ୍କ ଏହି ସେବା କାର୍ଯ୍ୟ କରିଥାନ୍ତି ।

## ପଲିଥିନ ତଳେ ବିତୁଛି ଜୀବନ ମା' ସୁଭଦ୍ରାଙ୍କର : ମିଳୁନି ଭତ୍ତା, ଚାଉଳ କି ଆବାସ

ଉଦଳା, ୨୦/୦୭ (ନି.ପ୍ର): ଉଦଳା ବ୍ଲକର ଖଲାଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୁଆଳିଆ ଗ୍ରାମର ବାସିନ୍ଦା ସୁଭଦ୍ରା ପରଘରେ ଦିନମଜୁରିଆ ଭାବରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ମରାମତି ଅଭାବରୁ ଚାଳଘରର ଛପର ନଷ୍ଟ ହୋଇଗଲାଣି। ପଲିଥିନ ପକାଇ ତାହାରି ତଳେ ଦିନ ବିତାଉଛନ୍ତି ସୁଭଦ୍ରା । ପିତା ରାଧାନାଥ ମଢ଼େଇ ଓ ମାତା ପୁନି ମଢ଼େଇଙ୍କର ଦେହାନ୍ତ ହୋଇଯିବା ପରେ ସୁଭଦ୍ରା ଏକାକି ରହିବାକୁ ବାଧ୍ୟ ହୋଇଛନ୍ତି। ବର୍ତ୍ତମାନ ବୟସ ତାଙ୍କୁ ୫୫ ଛୁଇଁଲାଣି । ସେ ଅବିବାହିତ ଅଛନ୍ତି । ସରକାର ବୟସ୍କ ଅବିବାହିତଙ୍କ ପାଇଁ ଭତ୍ତା



ଘୋଷଣା କରିଥିଲେ ମଧ୍ୟ ସୁଭଦ୍ରା ଏ ପର୍ଯ୍ୟନ୍ତ ଭତ୍ତା ପାଇ ପାରି ନାହାଁନ୍ତି । ଖାଲି ସେତିକି ନୁହେଁ ଜାତୀୟ ଖାଦ୍ୟ ଯୋଜନାରେ ତାଙ୍କୁ ମିଳୁନାହିଁ ଚାଉଳ କି ଆବାସ ଯୋଜନାରେ ଘର । ସୁଭଦ୍ରାଙ୍କୁ ତୁରନ୍ତ ଏ ସବୁ ଯୋଗାଇଦେବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚ ତରଫରୁ ଦାବୀ କରାଯାଇଛି ।

## ୫୫ଲିଟର ଦେଶି ମଦ ସହ ୩ ଅଭିଯୁକ୍ତ ଗିରଫ



ବସ୍ତା, ୨୦/୦୭ (ନି.ପ୍ର): ଗତକାଲି ବିଳମ୍ବିତ ରାତ୍ରୀରେ ବିଭିନ୍ନ ସ୍ଥାନରେ ଚଢଉକରି ୫୫ଲିଟର ଦେଶି ମଦ ସହ ୩ମଦ ବିକାଳିଙ୍କୁ ଅବକାରୀ ପୁଲିସ ଗିରଫ କରିବାରେ ସଫଳ ହୋଇଛି । ସୂଚନାରୁ ଯଣାପଡିଛି ବାଲେଶ୍ୱର ଅବକାରୀ ବିଭାଗର ଅଧିକ୍ଷଙ୍କ ନିର୍ଦ୍ଦେଶକ୍ରମେ ମିଳିତଭାବେ ବସ୍ତା ଅବକାରୀ ବିଭାଗର ଅଧିକାରୀ ଭଗବାନ ମହାନନ୍ଦିଆ.ବାଲିଆପାଳ ରୁ ମଙ୍ଗଳସିଂ.ଅବକାରୀକର୍ମଚାରୀ ବାବାଜି ପଣ୍ତିତ.ମୃଦୁଲିସାହୁ. ତପନ ମହାଳିକସଦଳବଳେ ଅମର୍ଦ୍ଦା।ଫାଣ୍ଡି ନଟାକଟା ପଞ୍ଚାୟତ ବସନ୍ତ ପୁରଗ୍ରାମର ଗୁଣାଧର ମାରାଣ୍ଡି ନିକଟରୁ ୨୦ଲିଟର ।ବସ୍ତାଥାନା ଦୁଧହଂସା ପଞ୍ଚାୟତ ନଳବାହାର ରୁ ଅକ୍ଷୟ ଦଳାଇଠାରୁ ୨୦ଲିଟର ଓ ଷାଠିଏ ନମ୍ବର ଜାତୀୟ ରାଜପଥ ବଜରଙ୍ଗି ଢାବା ରେ ରମେଶ ରାଉତ ପାଖରୁ ୧୫ଲିଟର ମଦ ଜବତ କରିବା ସହିତ କେସ ନଂ ୫୫/୫୬/୫୭/୨୦୨୨ମୂଳେ ମାମଲା ରୁଜୁକରି ୩ଅଭିଯୁକ୍ତଙ୍କୁ ଆଜି କୋଟ ଚାଲାଣ କରାଯାଇଛି ବୋଲି ବିଭାଗ ପକ୍ଷରୁ ପ୍ରକାଶ ।

## କବି ବିଷ୍ଣୁ ସେଠୀ ଓ ପଣ୍ଡିତ ଦୈତ୍ୟାରି ମହାପାତ୍ର ସମ୍ବର୍ଦ୍ଧିତ



ଭଦ୍ରକ,୨୦/୦୭ (ନି.ପ୍ର): ଜ୍ଞାନର ସମୁଦ୍ର, ଚୈତନ୍ୟର ନୀଳ ପାରାବାର, ଉତ୍କଳ ଭୂମି ଭୂମାର ବାଣିପୀଠ, ବିଦ୍ୟାର ଭଣ୍ଡାର ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ୍ର ଭୂଖଣ୍ଡର ଗାଥା ବହନ କରେ। ସେହି ବିଦ୍ୟାର ଭଣ୍ଡାରରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଦ୍ୱାରା ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ରଚିତ ପୁସ୍ତକ 'ସମ୍ବିଧାନର ଜନକ ବାବା ସାହେବ ଡକ୍ଟର ବି.ଆର. ଆମ୍ବେଦକର' ପୁସ୍ତକ ଲୋକାର୍ପଣ ହୋଇଯାଇଛି। ଏହି ସ୍ୱତନ୍ତ୍ର ଲୋକାର୍ପଣ କାର୍ଯ୍ୟକ୍ରମକୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ ତଥା ପ୍ରଶାସନିକ ଅଧିକାରୀ ଡକ୍ଟର ଅଭୟ ନାୟକ ଅଧ୍ୟକ୍ଷତା କରିଥିଲେ। ବିଧାୟକ ତଥା କବି ବିଷ୍ଣୁ ସେଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଡକ୍ଟର ବି.ଆର. ଆମ୍ବେଦକରଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିବା ସହିତ ଓଡ଼ିଆ ସାହିତ୍ୟ ଜଗତକୁ ପଣ୍ଡିତ ମହାପାତ୍ରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ସମ୍ମିଳନୀରେ ପ୍ରଫେସର ବସନ୍ତ ମଲ୍ଲିକ, ଡକ୍ଟର ହରିହର କାନୁନଗୋ, ପ୍ରାଧାପିକା ଅନୁସୟା ନାଥ, ସମାଜସେବୀ ତୁଳସୀରାମ ଜଗତ, ଅଧାପିକା ଶାନ୍ତିଲତା ସାହୁ, କବି ତଥା ସାହିତ୍ୟିକା ଜୟଲକ୍ଷ୍ମୀ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗେ ଦେଇ ଡ. ବି.ଆର. ଆମ୍ବେଦକରଙ୍କ ଜୀବନୀ, ଦେଶ ଓ ଜାତି ପାଇଁ ତାଙ୍କର ନିଷ୍ଠା, ଏକାଗ୍ରତା ଏବଂ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। କଣ୍ଠଶିଳ୍ପୀ ସୁନୀଲ କୁମାର ସାହୁ ସଭା ଆରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରି ସଭାଟିକୁ ଶୁଭାରମ୍ଭ କରିଥିବାବେଳେ ସଭା ଶେଷରେ ପ୍ରଫେସର ଅନୁସୟା ନାଥ ଦେଶାତ୍ମକ ସଂଗୀତ ଏବଂ ଜଗନ୍ନାଥ ଭଜନ ଗାନ କରି ସଭାଟିକୁ ଆମୋଦିତ କରିଥିଲେ। ଏହି ଅବସରରେ ବିଶ୍ୱ ବିଦ୍ୟାଳୟର କୁଳସଚିବ କବି, ଐତିହାସିକ, ବକ୍ତା ତଥା ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ ଦୀର୍ଘବର୍ଷ ଧରି ସାହିତ୍ୟ ପତ୍ରିକା 'ଘାସଫୁଲ' ନିରବଚ୍ଛିନ୍ନ ଭାବେ ସଂପାଦନା କରିବା ଏବଂ ବିରଳ ସାରସ୍ୱତ ସାଧକ, ପ୍ରବକ୍ତା, ଶିକ୍ଷାବିତ୍, ପ୍ରବଚକ, ଆବାଲ୍ୟ ଶିବ ଉପାସକ ପଣ୍ଡିତ ଦୈତ୍ୟାରି ମହାପାତ୍ର ସହସ୍ର ପୁସ୍ତକ ରଚନା କରି ବିଶ୍ୱ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାରୁ ଉଭୟ ବିରଳ ପ୍ରତିଭାଧରଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟରେ କୁଳସଚିବ ଡଃ ଅଭୟ ନାୟକ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରାଧାପିକା ଅନୁସୟା ନାଥ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା କରିଥିଲେ। ଏହି ପୁସ୍ତକ ଲୋକାର୍ପଣ ଓ ସମ୍ବର୍ଦ୍ଧନା ସଭାରେ ବହୁ ପ୍ରାଧାପକ, ପ୍ରାଧାପିକା, ପ୍ରଫେସର, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ବିଭାଗ ଏବଂ ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

## ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାଥମିକ ଚିକିତ୍ସା ଶିବିର



ଭଦ୍ରକ, ୨୦/୦୭ (ନି.ପ୍ର): ଜୀବନରେ ଯେକୌଣସି ସମୟରେ ବା ଯେକୌଣସି ଠାରେ ଅଘଟଣ ଘଟିଯାଇପାରେ, ମାତ୍ର ସେ କ୍ଷେତ୍ରରେ ପ୍ରକୃତ ଚିକିତ୍ସା ଅପେକ୍ଷା ପ୍ରାଥମିକ ଚିକିତ୍ସାର ସହାୟତା ଯଥେଷ୍ଟ ଗୁରୁତ୍ୱ ବହନ କରେ ବୋଲି ସ୍ଥାନୀୟ ଭଦ୍ରକ ମହିଳା ମହାବିଦ୍ୟାଳୟର ରେଡକ୍ରସ୍ ସମିତି ଆନୁକୂଲ୍ୟରେ ଆୟୋଜିତ 'ପ୍ରାଥମିକ ଚିକିତ୍ସା ତାଲିମ ଶିବିରରେ ମତ ପ୍ରକାଶ ପାଇଛି। ମହାବିଦ୍ୟାଳୟର ରେଡ୍‌କ୍ରସ୍ ସଂଯୋଜିକା ଡଃ ଶୁଭଶ୍ରୀ ବେହେରାଙ୍କ ଦ୍ୱାରା ପରିଚାଳିତ ଏହି ଏକଦିବସୀୟ ଶିବିରକୁ ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ ସମ୍ବୋଧିତ କରି ଛାତ୍ରୀ ଜୀବନରେ ଏହି ପ୍ରାଥମିକ ଚିକିତ୍ସା ତାଲିମର ପ୍ରୟୋଜନିୟତା ସଂପର୍କରେ ଉଲ୍ଲେଖ କରିଥିଲେ। ଏହି ଶିବିରରେ ଧାମରାଇ ମହାବିଦ୍ୟାଳୟର ଲକ୍ଷ୍ମୀଧର ବେହେରା ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସାର ଉପାଦେୟତା ବୁଝାଇବା ସହ ଅନେକ ଗୁଡିକ କୌଶଳ ଛାତ୍ରୀମାନଙ୍କୁ ଶିକ୍ଷା ଦେଇଥିଲେ। ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଅଂଜନା, ଅନିତା, ବର୍ଷା, ଅଫ୍ରିନ ପ୍ରମୁଖ ଏହି କୌଶଳ ପ୍ରଦର୍ଶନରେ ପ୍ରଶିକ୍ଷକଙ୍କୁ ସହାୟତା କରିଥିଲେ। ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅଧ୍ୟାପିକା ସୁଭଦ୍ରା ରାଣୀ ଦାସ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଦେବତ୍ତର ସମ୍ପତ୍ତିରେ ବ୍ୟାପକ ଦୁର୍ନୀତି : ଭିଜିଲାନ୍ସ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର, ୨୦/୭(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପାଳିକାର ୧୩ନଂ ୱାର୍ଡ ନନ୍ଦିକାଠାରେ ୧୨୦ବର୍ଷ ଧରି ବାବା ନନ୍ଦିକେଶ୍ୱର ମହାଦେବ ପୂଜା ପାଇ ଆସୁଛନ୍ତି । ମନ୍ଦିର ନାମରେ ବିଭିନ୍ନ ସ୍ଥାନରେ ଦେବତ୍ତର ଜମି ରହିଛି । ମନ୍ଦିରର ରକ୍ଷଣା ବେକ୍ଷଣ, ପୂଜାର୍ଚ୍ଚନା, ମେଳା ଇତ୍ୟାଦି ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପବ୍ଲିକ ଟ୍ରଷ୍ଟ ଗଠନ କରାଯାଇ ବିଭିନ୍ନ କାର୍ଯ୍ୟ କରାଯାଇ ଆସୁଛି । ୨୦୦୭ ମସିହା ଦେବତ୍ତର ବିଭାଗରର ହିସାବ ଅନୁଯାୟୀ ମହାଦେବଙ୍କର ୧୬ ଏକର ଜମି ଓ ୮୦ ଡିସିମିଲ ବିଜେସ୍ଥଳି ରହିଛି । ଦୀର୍ଘ ୧୫ବର୍ଷ ଧରି ପବ୍ଲିକ ଟ୍ରଷ୍ଟିର ପରିବର୍ତ୍ତନ ହୋଇ ନାହିଁ । ୮ବର୍ଷ ଧରି ଚଡକଯାତ୍ରା ନ ହୋଇଥିବା ବେଳେ ଠାକୁରଙ୍କ ଜମିରେ ବର୍ଷକୁ ୨ଥର ଧାନଚାଷ ହୋଇଥାଏ । କିନ୍ତୁ ଏ ସବୁର ହିସାବ ଟ୍ରଷ୍ଟବୋର୍ଡ ରଖିଥାଏ । ଗ୍ରାମବାସୀଙ୍କୁ ଏସବୁ ତଥ୍ୟ ମିଳୁନଥିବାରୁ ସେମାନେ ବିଭାଗୀୟ ଇନିସ୍‌ପେକ୍ଟରଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ତେଣୁ ବହୁ ଅର୍ଥ ହେରଫେର ହୋଇଥିବା ଦର୍ଶାଇ ଗ୍ରାମର ରବିନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଭିଜିଲାନ୍ସର ଏସ୍‌ପିଙ୍କୁ ଏକ ଅଭିଯୋଗ ପତ୍ର ଦିଆଯାଇଛି ।

ବାଲେଶ୍ୱର, ଗୁରୁବାର, ୨୧ ଜୁଲାଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଗୋଟିଏ ଦିନରେ ୧୧୨୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୨୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୦୧୯୯୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୬୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୬୧୧୧ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୭୦୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬୫୮ ଜଣ ସଂଗରୋଧରୁ ଓ ୪୬୪ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧୨, ବରଗଡ ଜିଲ୍ଲାରେ ୮, ଭଦ୍ରକ ଜିଲ୍ଲାରେ ୧୨, ବଲାଙ୍ଗୀର ଜିଲ୍ଲାରେ ୧୨, ବୌଦ୍ଧ ଜିଲ୍ଲାରେ ୬, କଟକ ଜିଲ୍ଲାରେ ୧୩୨. ଦେବଗଡ, ଜିଲ୍ଲାରେ ୭, ଢେଙ୍କାନାଳ ଜିଲ୍ଲାରେ ୨ ଗଜପତି ଜିଲ୍ଲାରେ ୧୧ , ଗଂଜାମ ଜଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରେ ୨୦ ,ଯାଜପୁର ଜିଲ୍ଲାରେ ୨୬, ଝାରସୁଗୁଡା ଜିଲ୍ଲାରେ ୨୫ . କଳାହାଣ୍ଡି ଜିଲ୍ଲାରେ ୧୩, କନ୍ଧମାଳ ଜିଲ୍ଲାରେ ୩, କେନ୍ଦ୍ରାପଡା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୧୦, ଖୋର୍ଧା ଜିଲ୍ଲାରେ ୩୦୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୬, ମୟୁରଭଂଜ ଜିଲ୍ଲାରେ ୫୩, ନବରଂଗପୁର ଜିଲ୍ଲାରେ ୭ ନୟାଗଡ ଜିଲ୍ଲାରେ ୧୪, ନୂଆପଡା ଜିଲ୍ଲାରେ ୧୩, ପୁରୀ ଜିଲ୍ଲାରେ ୨୪, ରାୟଗଡା ଜିଲ୍ଲାରେ ୧୦, ସମ୍ବଲପୁର ଜିଲ୍ଲାରେ ୬୫ , ସୋନପୁର ଜିଲ୍ଲାରେ ୪୨ ,ସୁନ୍ଦରଗଡ ଜିଲ୍ଲାରେ ୧୦୭ ଓ ଷ୍ଟେଟ ପୁଲରେ ୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୧ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

## ବହୁ ଚର୍ଚ୍ଚିତ 'ବୋଉର ହାତ ବାକ୍ସ' ସିନେମାର ଅଡିଓ ରିଲିଜ




ଭୁବନେଶ୍ୱର,୨୦/୦୭ (ନି.ପ୍ର): ବହୁ ଚର୍ଚ୍ଚିତ ଓଡିଆ ସିନେମା 'ବୋଉର ହାତବାକ୍ସ' ଚଳଚ୍ଚିତ୍ରର ଅଡିଓ ରିଲିଜ୍ ଅନୁଷ୍ଠିତ ହୋଇଛି । ଚାଇରୋସନା ଫିଲ୍ମ ପ୍ରଯୋଜିତ ଓ ସଂଜୟ ଦାସ ନିବେଦିତ 'ବୋଉର ହାତବାକ୍ସ'ରେ ମନଛୁଆଁ ଗୀତ ଲେଖିଛନ୍ତି ଦେବଦାସ ଛୋଟରାୟ ଓ ମାନଗୋବିନ୍ଦ ବାରିକ । ଯୁବ ସଂଗୀତଜ୍ଞ କ୍ଷୀତିପ୍ରକାଶ ମହାପାତ୍ର ଅତି ସୁନ୍ଦର ଭାବେ ସଂଗୀତକୁ ସଜାଇଛନ୍ତି ।କାହାଣୀର ଆବେଗ ଓ ଆବଶ୍ୟକତାକୁ ନଜରରେ ରଖି ପ୍ରତିଷ୍ଠିତ ଗୀତିକାର ଦେବଦାସ ଛୋଟରାୟ କଲମ ଚାଳନା କରିଛନ୍ତି । କ୍ଲାସିକାଲ ଛୁଆଁରେ ବିଭିନ୍ନ ରାଗ ସଂଗୀତକୁ ଆହୁରି ଆକର୍ଷଣୀୟ କରିଛି ।ଡ. ଆରତୀ ପାଟ୍ଟଯୋଶୀଙ୍କ ବଳିଷ୍ଠ କାହାଣୀ ସହ ନାରାୟଣ ପତିଙ୍କ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ସିନେମାକୁ ଜୀବନ୍ତ କରିଛି । ଭୁବନେଶ୍ୱର ଠାରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଭାରତୀୟ ଫିଲ୍ମ ଫେଡେରେସନର ଉପସଭାପତି ଶ୍ରୀଯୁକ୍ତ ବି ଏଲ ଅଗ୍ରୱାଲ ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ ଅତିଥୀ ଭାବେ ଯୋଗ ଦେଇ ନିଆରା ଚଳଚ୍ଚିତ୍ର 'ବୋଉର ହାତବାକ୍ସ'ର ସଫଳତା କାମନା କରିଥିଲେ । ଅନେକ ଦିନ ପରେ ଏଭଳି ଏକ ଚଳଚ୍ଚିତ୍ର ଓ ଛାତିକୁ ଛୁଇଁ ପାରୁଥିବା ସଂଗୀତ ଓଡିଆ ସିନେମାକୁ ଜୀବନ୍ୟାସ ଦେବ ବୋଲି ଅତିଥୀ ମାନେ କହିଥିଲେ । ସେହିଭଳି ହିନ୍ଦୁସ୍ଥାନ କ୍ଲାସିକାଲ ଗାୟକ ଦେବେନ୍ଦ୍ର ଶତପଥୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ସଂଗୀତ ନିର୍ଦ୍ଦେଶକ କ୍ଷିତିପ୍ରକାଶ ମହାପାତ୍ରଙ୍କ ସହ ପ୍ରଯୋଜକ ସଂଜୟ ଦାସ, ସଚ୍ଚୀକାନ୍ତ ଜେନା ଓ ନିର୍ଦ୍ଦେଶକ ନାରାୟଣ ପତି ପ୍ରମୁଖ ଉପସ୍ଥିତ ରହିଥିଲେ । ସିନେମାର ମିଡିଆ କ୍ରିଏଟିଭ ହେଡ ପ୍ରଣୟ ଜେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।'ବୋଉର ହାତ ବାକ୍ସ' ଚଳଚ୍ଚିତ୍ରରେ ମା' - ପୁଅର ଅନାବିଳ ସମ୍ପର୍କକୁ ଅବତାରଣା କରାଯାଇଛି । ସେହିଭଳି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଥିବା ପ୍ରେମକୁ ମଧ୍ୟ ଦୃଶ୍ୟାୟନ କରାଯାଇଛି । ଖାସକରି ପିଲାମାନଙ୍କ ପାଇଁ ବୋଉ ସହିଯାଉଥିବା କଷ୍ଟ ଓ କହିପାରୁନଥିବା ଦୁଃଖ ସହ ପରିବାର ପ୍ରତି ବୋଉର ଦାୟିତ୍ୱକୁ ଅତି ନିଖୁଣତାର ସହ ଦେଖାଇଛନ୍ତି ନିର୍ଦ୍ଦେଶକ ନାରାୟଣ ପତି । ଏହି ସିନେମାରେ ବୋଉ ଚରିତ୍ରରେ ଅଭିନୟ କରିଛନ୍ତି ଲୋପାମୁଦ୍ରା ମିଶ୍ର ।ସେ ପ୍ରଥମ ଥର ପାଇଁ ବଡ ପରଦାରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ।ପୂର୍ବରୁ ଯଦିଓ ସେ ବଡପରଦାରେ ଦେଖା ଦେଇଛନ୍ତି କିନ୍ତୁ ପ୍ରଥମ କରି ତାଙ୍କୁ ସିନେମାରେ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ । ଏଥି ସହିତ ରାଜେଶ ପଣ୍ଡା ଓ ଶୁଭଶ୍ରୀ ସବିତା ପଲେଇ, ଶିଶୁ କଳାକାର ଭାବରେ ଅଭିଷେକ ସାହୁ,ବିନୟ କୁମାର ବିଶ୍ୱାଳ,ଆୟୁଷ ବଳ ପ୍ରମୁଖ ଅଭିନୟ କରିଛନ୍ତି। ସିନେମାଟି ଖୁବଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି ।

## ମିଶନଶକ୍ତି-ଜୀବିକା ମିଶନ କର୍ମକର୍ତ୍ତାଙ୍କ ମନମୁଖୀ କାର୍ଯ୍ୟ ଅଭିଯୋଗ

ବାଲେଶ୍ୱର,୨୦/୦୭ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମ ପଞ୍ଚାୟତର ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନର ସଭାପତି ଏବଂ ସମ୍ପାଦିକାଙ୍କ ମନମୁଖୀ କାର୍ଯ୍ୟଧାରାକୁ ନେଇ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ମହିଳାମାନେ। ସେମାନଙ୍କ ଅଭିଯୋଗ ଅନୁସାରେ ବିଷ୍ଣୁପୁର ପଞ୍ଚାୟତର ମୋଟ ୧୧୮ ଗୋଟି ଏସଏଚଜି ଏବଂ ୧୩ ଗୋଟି ମହିଳା ମଞ୍ଚ ଅଛି । ଏସଏଚଜିଙ୍କ ପରିଚାଳନାରେ ଧାର୍ଯ୍ୟ ସଂଖ୍ୟକ ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର ଓ ବ୍ୟାଙ୍କ ସଂଯୋଜିକା ଅଛନ୍ତି। ମାତ୍ର ମିଶନ ଶକ୍ତି ଓ ଜୀବିକା ମିଶନ ସଭାପତି ଏବଂ ସମ୍ପାଦିକା ସମସ୍ତ ନିୟମ ଉଲଂଘନ ସହ ଏସଏଚଜିଙ୍କ ପାଇଁ ଆସୁଥିବା ସରକାରୀ ଅର୍ଥ ଆତ୍ମସାତ କରି ଚାଲିଥିବା ମହିଳାମାନେ ଆରୋପ ଉଠାଇଛନ୍ତି। ନିୟମ ଅନୁସାରେ ସେହି କର୍ମକର୍ତ୍ତା ଦ୍ୱୟଙ୍କ କାର୍ଯ୍ୟକାଳ ୨୦୧୯ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ଥିଲା। ମାତ୍ର ଅଦ୍ୟାବଧି ନୂତନ କର୍ମକର୍ତ୍ତା ମନୋନୟନ ହୋଇ ନଥିବା ବେଳେ ଏବେ ସେମାନେ ଦାୟିତ୍ୱରେ ରହି ବେଆଇନ କାର୍ଯ୍ୟ ଜାରି ରଖିଛନ୍ତି ବୋଲି ଏସଏଚଜି ମହିଳାମାନେ କହିଛନ୍ତି। ଏମିତିକି ସଭ୍ୟମାନଙ୍କୁ ସରକାରୀ ଅର୍ଥ ନେଣଦେଣର କୌଣସି ହିସାବ ଦେଉ ନଥିବା ବେଳେ ପଚାରିଲେ ଦୁର୍ବ୍ୟବହାର କରୁଥିବା ମହିଳାମାନେ ଅଭିଯୋଗ କରୁଛନ୍ତି। ଏନେଇ ବାଲିଆପାଳ ବିଡିଓଙ୍କଠାରେ ଆପତ୍ତି କରିବା ପରେ ସେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ମହିଳାମାନେ ଜିଲାପାଳଙ୍କୁ ଅବଗତ କରିଛନ୍ତି।

## ବାଙ୍ଗିରିପୋଷି ଘାଟିରେ ବାରମ୍ବାର ଦୁର୍ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା



ଭୁବନେଶ୍ୱର/ବାରିପଦା, ୨୦/୦୭ (ନି.ପ୍ର): ଆଜି ଲୋକସେବା ଭବନର ପୂର୍ତ୍ତମନ୍ତ୍ରୀଙ୍କ ପ୍ରକୋଷ୍ଠରେ ବାଙ୍ଗିରିପୋଷି ଘାଟିରେ ବାରମ୍ବାର ଦୁର୍ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା ହୋଇଛି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବାଙ୍ଗିରିପୋଷି ବିଧାୟକ ଶ୍ରୀ ସୁଦାମା ମାର୍ଣ୍ଡି, ବିଶ୍ୱବ୍ୟାଙ୍କର ମୁଖ୍ୟମନ୍ତ୍ରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷର ଉଚ୍ଚଦାଧିକାରୀ, ମୁଖ୍ୟଯନ୍ତ୍ରୀ ସିଭିଲ, ଅଧିକ୍ଷଣ ଯନ୍ତ୍ରୀ, ବାରିଦାଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ବାରମ୍ବାର ଦୁର୍ଘଟଣାର ନିରାକରଣ ନିମନ୍ତେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିସହିତ ବାଙ୍ଗିରିପୋଷି-ଭୂଆଷୁଣୀ, ଭୂଆଷୁଣୀ-ରୋଲମୁଣ୍ଡାକଟା, ବାଲିଡିହା-ଭୂଆଷୁଣୀ ଏବଂ ଶଙ୍ଖାଭଙ୍ଗା-ବିଷୋଇ ରାସ୍ତାର ଉନ୍ନତିକରଣ ତଥା ଗମନାଗମନ ପାଇଁ ଉପଯୁକ୍ତ ରକ୍ଷଣାବେକ୍ଷଣ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା ଗମନାଗମନର ସୁବିଧା ତଥା ଦୁର୍ଘଟଣା ହ୍ରାସ ନିମନ୍ତେ ବାଲିଡିହ-ଭୂଆଷୁଣୀ ରାସ୍ତା ଉପରେ ଏକ ହାଇଲେଭଲ ବ୍ରିଜ ନିର୍ମାଣ ନିମନ୍ତେ ଏକ ବୈଷୟିକ କମିଟି ଗଠନ କରାଯାଇ ଏଥିରେ ତଥ୍ୟଗତ ସହାୟତା ପାଇଁ ଏନ୍ଏଚ୍ ର ଅଧିକାରୀ ତଥା ବିଧାୟକଙ୍କୁ ମଧ୍ୟ ସାମିଲ କରାଯାଇଛି।

## ଓଡ଼ିଆ ଭାଷାର ବ୍ୟବହାର ନେଇ ସଂସ୍କୃତି ବିଭାଗ ନିର୍ଦ୍ଦେଶ କାର୍ଯ୍ୟକାରୀ ଦାବି



ବାଲେଶ୍ୱର,୨୦/୦୭ (ନି.ପ୍ର): ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ଓଡ଼ିଆ ଭାଷାର ବହୁ ବ୍ୟବହାର ଉପରେ ଗୁରତ୍ୱ ଦେବା ଆରମ୍ଭ କରିଛି ଭାଷା ସୁରକ୍ଷା ସମ୍ମିଳନୀ ବାଲେଶ୍ୱର ଶାଖା। ବିଶେଷ କରି ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାରି ୩୩୧୭/ ୨୭-୦୪-୨୦୨୨ ନଂ ଚିଠିର କାର୍ଯ୍ୟକାରିତା ନେଇ ସଙ୍ଗଠନର ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି। ସହରବଜାରରେ ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପ୍ରଭୃତିର ନାମଫଳକ / ବିଜ୍ଞାପନ ଆଦି ଓଡ଼ିଆ ଭାଷାରେ ଲେଖାଯିବା ନେଇ ଏହି ଚିଠିରେ ଉଲେଖ ଥିଲା। ଇତିମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ତୁରନ୍ତ ବିଭାଗୀୟ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଭାଷା ସୁରକ୍ଷା ସମ୍ମିଳନୀ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏହି ମର୍ମରେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭାଷା ସୁରକ୍ଷା ସମ୍ମିଳନୀ, ବାଲେଶ୍ୱର ଶାଖାର ସଭାପତି ଡ. ରାଧାରଂଜନ ପଟ୍ଟନାୟକ, ସଂପାଦିକା ଅର୍ଚ୍ଚନା ନନ୍ଦୀ, ଉପ-ସଭାପତି ପ୍ରସନ୍ନ କୁମାର ପାତ୍ର, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ଗଙ୍ଗାଧର ଦାସ, ପ୍ରଶାନ୍ତ ବରାଳ ଓ ବିଦ୍ୟାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ତୁରନ୍ତ ଉଚିତ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସଂଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ଏମପିସି କଲେଜରେ ଏନଏସଏସ ଦ୍ୱାରା ବୃକ୍ଷରୋପଣ

ବାରିପଦା, ୨୦/୦୭ (ନି.ପ୍ର): ମହାରାଜା ପୂର୍ଣ୍ଣଚନ୍ଦ୍ର ଭଂଜଦେଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ବନମହୋତ୍ସବ ଅବସରରେ ଏନଏସଏସ ଦ୍ୱାରା ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁକ୍ତିକାନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏତଦ୍ବ୍ୟତୀତ ମହାବିଦ୍ୟାଳୟର ଏନଏସଏସ ର କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ. ଅନାମ ଚରଣ ରାଉଳ , ଡ଼ଃ ପ୍ରିୟବ୍ରତ ବେହେରା, ରଂଜନା ରାଣୀ ସିଂ, କ୍ରୀଡା ଶିକ୍ଷକ ସତ୍ୟନାରାୟଣ ବାରିକ ପ୍ରମୁଖ ଯୋଗ ଦେଇବୃକ୍ଷରୋପଣ କରିବା ସହିତ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନଏସଏସ ର ସ୍ୱେଚ୍ଛାସେବୀ ମାନେ ଯୋଗେଇ ପରିବେଶ ସୁରକ୍ଷା ପାଇଁ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଥିଲେ । ଜାତୀୟ ସେବା ଯୋଜନାର ମୁଖ୍ୟ ସ୍ୱେଚ୍ଛାସେବୀ ଆର୍ଦ୍ଦଶ କୁମାର ରାଉତଙ୍କ ତତ୍ତ୍ୱାବଧାନ କ୍ରମେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦିତ ହୋଇଥିଲା ।

## ବୁଢ଼ାବଳଙ୍ଗ ନଦୀକୁ ଡେଇଁ ଜଣେ ନିଖୋଜ ସନ୍ଦେହ

ବାଲେଶ୍ୱର,୨୦/୦୭ (ନି.ପ୍ର): ପାରିବାରିକ କଳହକୁ ନେଇ ବାଲିଘାଟ ପୋଲ ଉପରୁ ବୁଢ଼ାବଳଙ୍ଗ ନଦୀକୁ ଡେଇଁ ଜନୈକ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କର ନିଖୋଜ ଅଛନ୍ତି। ବ୍ୟକ୍ତିଜଣଙ୍କ ହେଲେ ସଦର ବ୍ଲକ ଅନ୍ତର୍ଗତ ବଡ଼ ବଇଁଚା ଅଞ୍ଚଳର ବସନ୍ତ ବେହେରା (୪୮)। ଦହିବରା-ଆଳୁଦମ ବିକ୍ରି କରି ସେ ପରିବାର ଚଳାନ୍ତି। କୌଣସି କଥାକୁ ନେଇ ପରିବାରରେ କଳହ ହୋଇଥିବାରୁ ସେ ଗତକାଲିଠାରୁ ଘରକୁ ଫେରି ନଥିଲେ। ତେବେ ପୋଲ ଉପରେ ତାଙ୍କର ଚପଲ ଓ ଅନ୍ୟାନ୍ୟ ସାମଗ୍ରୀ ଦେଖି ସେ ଆତ୍ମହତ୍ୟା ପାଇଁ ନଦୀକୁ ଡେଇଁପଡ଼ିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ପରିବାରଠାରୁ ଖବର ପାଇ ଅଗ୍ନିଶମ ବିଭାଗ ଓ ଡଓ୍ରାଫ ଟିମ ପାଓ୍ୱାର ବୋଟ ଧରି ବୁଢ଼ାବଳଙ୍ଗ ନଦୀରେ ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ମଧ୍ୟ ଗୌରାଙ୍ଗର ପତ୍ତା ମିଳିପାରି ନାହିଁ।

## ସୂର୍ଯ୍ୟକାନ୍ତ କର ବାଲେଶ୍ୱର କୋ-ଅପରେଟିଭ ବ୍ୟାଙ୍କ ସଭାପତି



ବାଲେଶ୍ୱର,୨୦/୦୭ (ନି.ପ୍ର): ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କରେ ଗତ ମାସ୨୬ ତାରିଖରେ ୧୫ ଜଣ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିବା ବେଳେ ବୁଧବାର ସଭାପତି ନିର୍ବାଚନ ଶେଷ ସହ ଫଳ ପ୍ରକାଶିତ ହୋଇଛି। ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କୁ ୪ ଖଣ୍ଡ ଭୋଟ ମିଳିଥିବା ବେଳେ ବାଲେଶ୍ୱର ବାର ଆସୋସିଏସନ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ କର ୧୧ ଖେଣ୍ଡ ଭୋଟ ପାଇ ନିର୍ଦ୍ଦେଶନା ମଣ୍ଡଳୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବାଲେଶ୍ୱର ଅତିରିକ୍ତ ଜିଲାପାଳ ଭାବେଶ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧାବାର ସକାଳ ୧୦ଟାରେ ମତଦାନ ଆରମ୍ଭ ହୋଇ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା।ସାଢ଼େ ୧୨ଟା ବେଳେ ଭୋଟ ଗଣତି ହୋଇଥିଲା। ଶ୍ରୀ କର ବିଜୟୀ ହୋଇଥିବା ଜଣାପଡ଼ିବା ପରେ ତାଙ୍କର ସହଯୋଗୀ ଓ ସମର୍ଥକ ମଲରେ ଖୁସୀର ଲହରୀ ପରିଲକ୍ଷିତ ହୋଇଥିଲା। ବାଲେଶ୍ୱର ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ବରିଷ୍ଠ ବିଜେଡି ନେତା ପ୍ରଫେସର ଶତ୍ରୁଘ୍ନ ମଲିକ, ଭୂବନାନନ୍ଦ ଦାସ, ବରଦା ପ୍ରସନ୍ନ ପଟ୍ଟନାୟକ, ଅଜୟ ସାମଲ, ଉତ୍ପଳ ମହାନ୍ତି, ରଶ୍ମି ଦାସ, ମନୋଜ ରାଉତ, ଭାଗବତ ସାହୁ, ସିମନ ଦାସମହାପାତ୍ର, ସଞ୍ଜୀବ ଦାସଙ୍କ ସମେତ ବହୁ ସହଯୋଗୀ ଓ ସମର୍ଥକମାନେ ଶ୍ରୀ କରଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ସେ ବିଜୟୀ ହୋଇଥିଲେ ବି ସମସ୍ତଙ୍କୁ ସମାନ ଗୁରୁତ୍ୱ ଦେବେ ବୋଲି ଶ୍ରୀ କର ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ରାଉରକେଲା ମହାନଗରରେ ମାସ୍କ ବାଧ୍ୟତାମୂଳକ

ରାଉରକେଲା, ୨୦/୦୭ (ନି.ପ୍ର): ରାଉରକେଲା ମହାନଗର ନିଗମ (ଆରଏମସି) ଅଂଚଳରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି କମିଶନର ଶୁଭଙ୍କର ମହାପାତ୍ର । ବିଶେଷ କରି ସର୍ବସାଧାରଣ ସ୍ଥାନ ଓ ଦୋକାନ ବଜାର ଯିବା ସମୟରେ ମାସ୍କ ପିନ୍ଧିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଲୋକ ମାନଙ୍କୁ ଏନେଇ ସଚେତନ କରାଯାଉଥିବା ସେ କହିଛନ୍ତି ।

## କାର୍‌ଗିଲ ବିଜୟ ଦିବସ ପାଳନ ପ୍ରସ୍ତୁତି ବୈଠକ



ଭଦ୍ରକ,୨୦/୦୭ (ନି.ପ୍ର): କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ଧରି ପାଳନ ହୋଇ ପାରି ନ ଥିବା କାର୍‌ଗିଲ ବିଜୟ ଦିବସ ଚଳିତ ବର୍ଷ ପାଳନ କରାଯିବାକୁ ଭଦ୍ରକ ରୋଟାରୀ କ୍ଲବ ମିଡଇଟାଉନ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ କ୍ଲବର ସଭାପତି ରୋଟାରିଆନ ପ୍ରୀତିରଂଜନ ଜେନାଙ୍କ ପୌରୋହିତ୍ୟରେ ଚରମ୍ପାଠାରେ ଅନୁଷ୍ଠିତ ହୋଇ ଯାଇଛି। ସମ୍ପାଦକ ବେଦପ୍ରକାଶ ଗୁପ୍ତା ଜୁଲାଇ ୨୬ କାର୍‌ଗିଲ ବିଜୟ ଦିବସ ଚଳିତ ବର୍ଷ ଭଦ୍ରକ ସହରସ୍ଥ ଶହୀଦ୍ ସ୍ମୃତି ଭବନ ଟାଉନ ହଲରେ ପାଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଯାହାକୁ ସମସ୍ତ ସଭ୍ୟ ସମର୍ଥନ କରିଥିଲେ। ଏହି ଅବସରରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଦିବସବ୍ୟାପୀ ପାଳନ କରାଯିବ। ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ, ସଂଗୀତ ପରିବେଷଣ କରାଯାଇ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ବୈଠକରେ ରୋଟାରିଆନ ଶିଶିର ମିଶ୍ର, ରୋ. ପବିତ୍ର ମୋହନ ଖିଲାର, ରୋ. ବିକ୍ରମ ଖେମ୍‌କା, ରୋ. ପ୍ରମୋଦ କୁମାର ଲାଖାନୀ, ରୋ. ଅଶୋକ କୁମାର ଶତପଥି, ରୋ. ପ୍ରୀତି ଅଗ୍ରୱାଲ, ରୋ. ରତନଲାଲ ଗୁପ୍ତା, ରୋ. ଇନ୍ଦ୍ରଜିତ ସିଂ, ରୋ. ରାହୁଲ ଖେରିଆ, ରୋ. ଅତିଶ କୁମାର ବେହେରା, ରୋ. ଅଶୋକ କୁମାର ଲାଖାନୀ, ରୋ. ଚୈତାଳୀ ଖିଲାର ପ୍ରମୁଖ ଯୋଗ ଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ସଭାପତି ରୋ. ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳିରେ ସମ୍ପାଦକ ଓ କମିଟି ଚୟନ



ବାଲିଆପାଳ, ୨୦/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳିର ରକ୍ଷଣାବେକ୍ଷଣ ପାଇଁ ଦେଉଳା ଗ୍ରାମରେ ବହୁମୁଖୀ ବାତ୍ୟାଆଶ୍ରୟ ସ୍ଥଳରେ ସମ୍ପାଦକ ଓ ନୂତନ କମିଟି ବଛା ଯିବା ସମୟରେ ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଛି। ବୈଠକ ସମୟରେ ହାତା ହାତି ହେଲେ ଉଭୟ ଗୋଷ୍ଠୀ ।ବ୍ଲକ ପ୍ରସାଶନ ତରଫରୁ ଅଫିସର ମାନଙ୍କୁ ସମ୍ପାଦକ ବଛାଯିବା ନେଇ ଦାଇତ୍ୱ ଦିଆଯାଇଥିଲା। ଆଜି ପିଇଓ , ଜିପିଓ, ଓଜଡମା ଓ ଦେଉଳା ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଉପସ୍ଥିତିରେ ଦେଉଳା ବାତ୍ୟା ଆଶ୍ରୟସ୍ଥଳୀରେ ବୈଠକ ଆରମ୍ଭ ହେବା ମାତ୍ରେ ଦୁଇ ଗୋଷ୍ଠୀ ଭିତରେ ବାଦ ବିବାଦ ଲାଗି ରହିଥିଲା ।ସୂଚନା ଅନୁଯାୟୀ ଦୁଇ ଗୋଷ୍ଠୀ ମଧ୍ୟାରେ ହାତାହାତି ପର୍ଯ୍ୟନ୍ତ କଥାଯାଇଥିଲା । ତେବେ ଘଟଣା ସ୍ଥଳରେ ଥିବା ଅଫିସର ସମ୍ପାଦକ ବାଛି ନପାରି ସ୍ଥଗିତ ବୋଲି ଘୋଷଣା କରି ଫେରି ଆସିଥିଲେ । ପୁଣି ସମୟ ଓ ତାରିଖ ନିଷ୍ପତି ହେବାପରେ କମିଟି ବଛାଯିବ ବୋଲି କହିଥିଲେ । ତେବେ ଏବାବଦରେ ଗୋଟିଏ ଗୋଷ୍ଠୀ ବିଡିଓ ଙ୍କୁ ଭେଟି ଜଣାଇଥିବା ନେଇ ସୂଚନା ମିଳିଛି ।ସେହିପରି ବିଷ୍ଣୁପୁର ଗ୍ରାମରେ ଥିବା ବହୁମୁଖୀ ଆଶ୍ରୟ ସ୍ଥଳି,ରସଲପୁର ବହୁମୁଖୀ ଆଶ୍ରୟ ସ୍ଥଳି, ଇକଡପାଳ ବହୁମୁଖୀ ଆଶ୍ରୟ ସ୍ଥଳି, ଜାମ୍ବୁକୁଣ୍ଡା ଗ୍ରାମ ପଞ୍ଚାୟତର କୁହ୍ଲାଚଡ ବହୁମୁଖୀ ଆଶ୍ରୟ ସ୍ଥଳି, ବଡତାଳ ପଦା ବହୁମୁଖି ଆଶ୍ରୟ ସ୍ଥଳି, ପ୍ରତାପପୁର ବହୁମୁଖୀ ଆଶ୍ରୟ ସ୍ଥଳି, ସୁରଡିହା ବାତ୍ୟା ଅଶ୍ରୟ ସ୍ଥଳି, ଅଳାଡିହା, ଡଗରା, ବାଲି କୁଟୀ, ପଞ୍ଚୁପାଲି, ଜମ୍ବୀରାୟି , ସାଉଡି , ବେତଗଡିଆ, ଚୌମୁଖ, ଦେଉଳା, ବୋଲଙ୍ଗ, କୁଣ୍ଡଳି, ବଡାସ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳିରେ ସମ୍ପାଦକ ବଛା ଯିବା ବୈଠକ ଅନୁଷ୍ଠିତ ହୋଇଥିଲା ତେବେ ବିଷ୍ଣୁରୁର ଗ୍ରାମ ପଞ୍ଚାୟତର ବାତ୍ୟା ଆଶ୍ରୟ ସ୍ଥଳିର ସମ୍ପାଦକ ବଛାଯିବା ସମୟରେ ସରପଞ୍ଚ ଶ୍ରୀଯୁକ୍ତ ମହେଶ୍ୱର ଜେନା, ପିଇଓ ରାୟିମିଣି କିସ୍କୁ ଙ୍କ ଉପସ୍ଥିତିରେ ରସଲପୁର ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳି ନୂତନ ସମ୍ପାଦକ ଭାବେ ହରିଶ୍ ପାତ୍ର, ବିଷ୍ଣୁପୁର ଗ୍ରାମର ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳିର ଗୋପାଳ ଜେନା, ଇକଡପାଳ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳିରେ ନୂତନ ସମ୍ପାଦକ ଭାବେ ରେ ଉତ୍ତମ ପିଳାଙ୍କୁ ଗ୍ରାମବାସୀ ବାଛି ଥିଲେ ତେବେ ବିଷ୍ଣୁପୁର ଗ୍ରାମ ପଞ୍ଚାୟତରେ ତିନିଟି ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳି ର ସମ୍ପାଦକ ନିଦ୍ୱନ୍ଦରେ ବଛାଯାଇଅଛି । ବାତ୍ୟା ଆଶ୍ରୟ ସ୍ଥଳୀରେ ସମସ୍ତ ଦାଇତ୍ୱ ଏମାନଙ୍କ ଦାଇତ୍ୱରେ ରଖି ଲୋକଙ୍କ କାର୍ଯ୍ୟରେ ଲଗାଇବେ ।

## ଏକଲ ଅଭିଯାନ ଆଚାର୍ଯ୍ୟ ଅଭ୍ୟାସ ବର୍ଗ ଉଦ୍‌ଯାପିତ



ଉଦଳା, ୨୦/୦୭ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ ବାରିପଦା ଅଞ୍ଚଳ ଉଦଳା କେନ୍ଦ୍ରର ଆଚାର୍ଯ୍ୟ ଅଭ୍ୟାସ ବର୍ଗ ଖୁଣ୍ଟା ପଞ୍ଚାୟତ ସମିତିର ଭୋଳାଗଡ଼ିଆ କଲ୍ୟାଣ ମଣ୍ଡପ ପରିସରରେ ଚଳିତ ଜୁଲାଇ ୧୨ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଛି। ୧୦ ଦିନ ଧରି ଚାଲିଥିବା ଉକ୍ତ ଅଭ୍ୟାସ ବର୍ଗରେ ଉଦଳା, ବଡ଼ସାହି, ଔପଦା, ଖୁଣ୍ଟା ଓ ଗୋପବନ୍ଧୁନଗର ସଞ୍ଚରୁ ମୋଟ ୬୧ ଜଣ ଆଚାର୍ଯ୍ୟା / ଆଚାର୍ଯ୍ୟ ତାଲିମ ନେଇଛନ୍ତି । ନିୟମିତ ପ୍ରଭାତରେ ଯୋଗ, ପ୍ରାଣାୟାମ ଓ ପରେ ବେଦମନ୍ତ୍ର ଉଚ୍ଚାରଣ କରାଯାଉଥିଲା । ଦିବସ ବ୍ୟାପି ପଞ୍ଚମୁଖୀ ଶିକ୍ଷା ବିଷୟରେ ତାଲିମ ପ୍ରଦାନ ସହିତ ସନ୍ଧ୍ୟାରେ ସତସଙ୍ଗ ଓ ରାତ୍ରୀରେ ଆନନ୍ଦମେଳା ଖୁବ ଆନନ୍ଦଦାୟକ ଥିଲା । ଅତିଥି ଭାବରେ ଗୋପବନ୍ଧୁନଗର ସଞ୍ଚର ସଂପାଦକ ମନୋରଂଜନ ଚୌଧୁରୀ, ସଭାପତି ମହେଶ୍ୱର ବେହେରା, ଡ଼ାକ୍ତର ବାସୁଦେବ ମହାନ୍ତ, ବୈଦ୍ୟନାଥ ସିଂ, ପ୍ରଶାନ୍ତ ଆଚାର୍ଯ୍ୟ, ସୁବ୍ରତ କୁମାର ମହାନ୍ତି, ଯୋଗେଶ୍ୱର ଦଣ୍ଡପାଟ, ମନୋରଂଜନ ମଲ୍ଲିକ, ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଦିବାକର ତ୍ରୀପାଠୀ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରମୁଖ ଯୋଗ ଦେଇ ବର୍ଗ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଭାରତର ଯେଉଁ ପ୍ରାନ୍ତରୁ ହିନ୍ଦୁଙ୍କ ସଂଖ୍ୟା କମିଯାଇଛି ସେ କିପରି ଭାରତରୁ ଅଲଗା ହେବାକୁ ଚେଷ୍ଟା କରୁଛି ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି, ଗ୍ରାମ ସ୍ୱରାଜ ପ୍ରମୁଖ ଗୌରଚନ୍ଦ୍ର ଜେନା, କାର୍ଯ୍ୟାଳୟ ପ୍ରମୁଖ ସ୍ମୃତି ରଂଜନ ଶତପଥି, ବର୍ଗ ପରିଚାଳନାର ଦାୟିତ୍ୱ ନେଇଥିବା ବେଳେ ପୂର୍ବ ଓଡ଼ିଶାର ଗ୍ରାମ ସ୍ୱରାଜ ପ୍ରମୁଖ ବେଣୁଧର କଣ୍ଟାବାଉଁଶିଆ, ପ୍ରାଥମିକ ଶିକ୍ଷା ପ୍ରମୁଖ ସ୍ୱପ୍ନେଶ୍ୱର ନାୟକ ପଞ୍ଚମୁଖୀ ଶିକ୍ଷା ବିଷୟରେ ତାଲିମ ପ୍ରଦାନ କରିଥିଲେ । ରିତାଞ୍ଜଳୀ ପ୍ରଧାନ, କୁନା ମହାରଣା, ଗଜେନ୍ଦ୍ର ନାଥ ବେହେରା, ଅଜୟ ବେହେରା ବର୍ଗକୁ ସୁବ୍ୟବସ୍ଥିତ ଓ ସରସ ସୁନ୍ଦର କରବା ପାଇଁ ଦାୟିତ୍ୱ ନେଇଥିଲେ । ବର୍ଗଟି ଯେତିକି ଆନନ୍ଦଦାୟକଥିଲା ସେତିକି ଶିକ୍ଷଣୀୟ ଥିଲା ବୋଲି ଆଚାର୍ଯ୍ୟ / ଆଚାର୍ଯ୍ୟା ମାନେ ଅନୁଭବ କଥନରେ ବ୍ୟକ୍ତ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo